ବର୍ଷ-୯
ସଂଖ୍ୟା-୧୫୭
ତା.୨୬ ଜୁଲାଇ ୨୦୨୨
ମଙ୍ଗଳବାର, ପୃଷ୍ଠା-୮ ,ମୂଲ୍ୟ-୨ଟଙ୍କା
RNI,Regd.No.ODIODI/2014/54949

PRAJABARTA

# ପ୍ରଜାବାର୍ତ୍ତା

ଦୈନିକ ଓଡିଆ ଖବର କାଗଜ // Odia Daily News Paper

Vol-9
Issue-157
Date:26, July 2022
Tuesday, Page-8, Rs-2/-
POSTAL Regd.No.10120(K)/17/2018-21



ପୁଣେରେ ବାୟୁସେନାର ପ୍ରଶିକ୍ଷଣ ବିମାନ ଦୁର୍ଘଟଣାଗ୍ରସ୍ତ




ରାଷ୍ଟ୍ରପତିଙ୍କୁ ବାଲୁକାକଳାରେ ଅଭିନନ୍ଦନ

Odisha's first and only one Tribal area's Daily News Paper Published from Undeveloped & Backward K.B.K.Districts soil

ଓଡିଶାର ଅନୁନ୍ନତ ଓ ପଛୁଆ ଜିଲ୍ଲାର ପ୍ରଗତି ତଥା ଉନ୍ନତି ପଥେ କେବିକେ ଜିଲ୍ଲା ମାଟିର ପ୍ରଥମ ଓ ଏକ ମାତ୍ର ଦୈନିକ ଓଡିଆ ଖବର କାଗଜ ଆପଣଙ୍କ ସାଥିରେ...

## ରାଷ୍ଟ୍ରପତି ଭାବେ ଶପଥ ନେଲେ ଦ୍ରୌପଦୀ ମୁର୍ମୁ



ନୂଆଦିଲ୍ଲୀ, ୨୫/୦୭: ନବ ନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୧୫ତମ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଛନ୍ତି । କାର୍ଯ୍ୟସୂଚନୀ ଅନୁଯାୟୀ ନିର୍ଦ୍ଧାରିତ ସମୟ ପୂର୍ବାହ୍ଣ ପ୍ରାୟ ୧୦ଟା ୧୪ ମିନିଟ୍‌ରେ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି । ସଂସଦର କେନ୍ଦ୍ରୀୟ ହଲ୍‌ରେ ଆୟୋଜିତ ଉତ୍ସବରେ ଦ୍ରୌପଦୀଙ୍କୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଏନ.ଭି ରମଣା ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ନୂଆ ରାଷ୍ଟ୍ରପତିଙ୍କ ଶପଥ ଗ୍ରହଣ ଉତ୍ସବରେ ଉପରାଷ୍ଟ୍ରପତି ଏମ୍ ଭେଙ୍କୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ର ମନ୍ତ୍ରୀ ପରିଷଦର ସଦସ୍ୟ, ସମସ୍ତ ସାଂସଦ, ସମସ୍ତ ରାଜ୍ୟର ରାଜ୍ୟପାଳ, ଅନେକ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଭିନ୍ନ ଦେଶର ରାଷ୍ଟ୍ରଦୂତ ଓ ଅନ୍ୟ ନିମନ୍ତ୍ରିତ ଅତିଥିମାନେ ଯୋଗ ଦେଇଛନ୍ତି । ଏଥିପାଇଁ ରାଜଧାନୀ ଦିଲ୍ଲୀ ଏବେ ଚଳଚଞ୍ଚଳ ରହିବା ସହିତ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଶପଥ ଗ୍ରହଣ ଉତ୍ସବ ଶେଷରେ ଶ୍ରୀମତୀ ମୁର୍ମୁ ରାଷ୍ଟ୍ରପତି ଭବନ ଅଭିମୁଖେ ଯାତ୍ରା କରିବେ । ନୂଆ ରାଷ୍ଟ୍ରପତିଙ୍କ ଶପଥ ଗ୍ରହଣ ପୂର୍ବରୁ ବିଦାୟୀ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ତିନି ସେନା ବାହିନୀ ପକ୍ଷରୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା । ଗୁରୁବାର ଶ୍ରୀମତୀ ମୁର୍ମୁ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଯଶୋବନ୍ତ ସିହ୍ନାଙ୍କୁ ପରାସ୍ତ କରି ଦେଶର ୧୫ତମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ ।

## ଗରୀବମାନେ ମଧ୍ୟ ସ୍ୱପ୍ନ ଦେଖିପାରନ୍ତି ଏବଂ ପୂରଣ କରିପାରନ୍ତି: ଦ୍ରୌପଦୀ ମୁର୍ମୁ

ନୂଆଦିଲ୍ଲୀ, ୨୫/୦୭: ମୁଁ ଆଦିବାସୀ ସମାଜର, ଏବଂ ମୁଁ କାଉନ୍‌ସିଲ୍ ଠାରୁ ଆରମ୍ଭ କରି ଭାରତର ରାଷ୍ଟ୍ରପତି ହେବାର ସୁଯୋଗ ପାଇଛି । ଏହା ହେଉଛି ଗଣତନ୍ତ୍ରର ଜନନୀ ଭାରତର ମହାନତା । ଏହା ଆମର ଗଣତନ୍ତ୍ରର ଶକ୍ତି ଯେ ଏକ ଗରିବ ଘରେ ଜନ୍ମ ହୋଇଥିବା ଝିଅ, ସୁଦୂର ଆଦିବାସୀ ଅଞ୍ଚଳରେ ଜନ୍ମ ହୋଇଥିବା ଝିଅ ଭାରତର ସର୍ବୋଚ୍ଚ ସାମ୍ବିଧାନିକ ପଦରେ ବି ପହଞ୍ଚିପାରିବ । ରାଷ୍ଟ୍ରପତି ପଦରେ ପହଞ୍ଚିବା ମୋର ବ୍ୟକ୍ତିଗତ ସଫଳତା ନୁହେଁ, ଏହା ହେଉଛି ଭାରତର ପ୍ରତ୍ୟେକ ଗରିବଙ୍କ ସଫଳତା । ମୋର ନିର୍ବାଚନ ହେଉଛି ଏହାର ପ୍ରମାଣ ଯେ ଭାରତର ଗରିବ ଲୋକ ବି ସ୍ୱପ୍ନ ଦେଖିପାରେ ଆଉ ଏହାକୁ ପୂରା ମଧ୍ୟ କରିପାରେ । ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ମୋର ବ୍ୟକ୍ତିଗତ ସଫଳତା ନୁହେଁ । ଏହା ହେଉଛି ଭାରତର ପ୍ରତ୍ୟେକ ଗରିବ ଲୋକଙ୍କର ସଫଳତା । ମୁଁ ମଧ୍ୟ ଦେଶର ପ୍ରଥମ ରାଷ୍ଟ୍ରପତି ଯିଏ ସ୍ୱାଧୀନ ଭାରତରେ ଜନ୍ମଗ୍ରହଣ କରିଛି । ସାନ୍ତାଳ କ୍ରାନ୍ତି, ପାଇକ ବିପ୍ଳବ ଠାରୁ କୋଲ୍ ବିପ୍ଳବ ଏବଂ ଭିଲ୍ ବିପ୍ଳବ ପର୍ଯ୍ୟନ୍ତ ସ୍ୱାଧୀନତା ସଂଗ୍ରାମରେ ଆଦିବାସୀଙ୍କ ଅବଦାନକୁ ଆହୁରି ଦୃଢ କରିଥିଲା । ସାମାଜିକ ଉନ୍ନତି ଏବଂ ଦେଶପ୍ରେମ ପାଇଁ 'ଧରତୀ ଆବା' ପ୍ରଭୁ ବିର୍ସା ମୁଣ୍ଡା ଜଜୀଙ୍କ ବଳିଦାନ ଦ୍ୱାରା ଆମେ ଅନୁପ୍ରାଣିତ ହୋଇଥିଲୁ । କିଛି ଦିନ ପୂର୍ବରୁ ଭାରତ ୨୦୦ କୋଟି ଡୋଜ୍ କରୋନା ଟିକା ଦେବାରେ ରେକର୍ଡ ସୃଷ୍ଟି କରିଛି । ଏହି ସମଗ୍ର ଯୁଦ୍ଧରେ ଭାରତର ଲୋକମାନେ ଯେଉଁ ଧୈର୍ଯ୍ୟ, ସାହସ ଏବଂ ସହଯୋଗର ପରିଚୟ ଦେଇଛନ୍ତି ଏହା ଏକ ସମାଜ ଭାବରେ ଆମର ବଢୁଥିବା ଶକ୍ତି ଏବଂ ସମ୍ବେଦନଶୀଳତାର ପ୍ରତୀକ । ମୁଁ ସେହି ଆଦିବାସୀ ପରମ୍ପରାରେ ଜନ୍ମଗ୍ରହଣ କରିଛି ଯିଏ ହଜାର ହଜାର ବର୍ଷ ଧରି ପ୍ରକୃତି ସହିତ ତାଳମିଳେଇ ଜୀବନ ବିତାଇଛି । ମୁଁ ମୋ ଜୀବନରେ ଜଙ୍ଗଲ ଏବଂ ଜଳାଶୟର ମହତ୍ତ୍ୱ ବୁଝିଛି । ଆମେ



ପ୍ରକୃତିରୁ ଆବଶ୍ୟକ ଉତ୍ସ ଗ୍ରହଣ କରୁ ଏବଂ ସମ୍ମାନ ସହିତ ପ୍ରକୃତିର ସେବା ମଧ୍ୟ କରୁ । ଦଶନ୍ଧି ପୂର୍ବରୁ ମୁଁ ରାଇରଙ୍ଗପୁରର ଶ୍ରୀ ଅରବିନ୍ଦ ଇଣ୍ଟିଗ୍ରାଲ୍ ସ୍କୁଲ୍‌ରେ ଶିକ୍ଷକ ଭାବରେ କାମ କରିବାର ସୁଯୋଗ ପାଇଥିଲି । କିଛି ଦିନ ପରେ ଶ୍ରୀ ଅରବିନ୍ଦଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ପାଳନ କରାଯିବ । ଶିକ୍ଷାକୁ ନେଇ ଶ୍ରୀ ଅରବିନ୍ଦଙ୍କ ବିଚାର ମୋତେ ପ୍ରେରଣା ଯୋଗାଇଥାଏ । ସଂସଦୀୟ ଗଣତନ୍ତ୍ର ଭାବରେ ୭୫ ବର୍ଷରେ ଭାରତର ପ୍ରଗତିର ସଂକଳ୍ପର ସହଭାଗିତା ଏବଂ ସହମତି ମାଧ୍ୟମରେ ଆଗେଇ ନେଇଛି । ବିବିଧତାରେ ପରିପୂର୍ଣ୍ଣ ଆମ ଦେଶରେ ଆମେ ଅନେକ ଭାଷା, ଧର୍ମ, ସମ୍ପ୍ରଦାୟ, ଖାଦ୍ୟ ଅଭ୍ୟାସ, ଜୀବନଶୈଳୀ ଏବଂ ରୀତିନୀତି ଗ୍ରହଣ କରି 'ଏକ ଭାରତ - ଶ୍ରେଷ୍ଠ ଭାରତ' ନିର୍ମାଣରେ ସକ୍ରିୟ । ଆମ ସ୍ୱାଧୀନତା ସଂଗ୍ରାମୀମାନେ ସ୍ୱାଧୀନ ଭାରତର ନାଗରିକମାନଙ୍କ ଠାରୁ ଯେଉଁ ଆଶା କରିଥିଲେ ତାହାକୁ ପୂରଣ କରିବା ପାଇଁ ଆମକୁ ଏହି ଅମୃତକାଳରେ ଦ୍ରୁତ ଗତିରେ କାମ କରିବାକୁ ପଡିବ । ଏହି ୨୫ ବର୍ଷରେ ଅମୃତକାଳଙ୍କର ସଫଳତାର ରାସ୍ତା ଦୁଇଟି ଟ୍ରାକରେ ଆଗକୁ ବଢିବ-ସମସ୍ତଙ୍କର ପ୍ରୟାସ ଏବଂ ସମସ୍ତଙ୍କର କର୍ତ୍ତବ୍ୟ । ଏହା ମୋ ପାଇଁ ଅତ୍ୟନ୍ତ ସନ୍ତୋଷଜନକ ବିଷୟ, ଯେଉଁମାନେ ଶତାବ୍ଦୀ ଧରି ବଞ୍ଚିତ ହୋଇଛନ୍ତି, ଯେଉଁମାନେ ବିକାଶର ଲାଭରୁ ଦୂରେଇ ରହିଛନ୍ତି, ସେହି ଗରିବ, ଦଳିତ, ପଛୁଆ ଏବଂ ଆଦିବାସୀମାନେ ମୋ ଠାରେ ନିଜର ପ୍ରତିଫଳନ ଦେଖୁଛନ୍ତି । ଆଜି ମୁଁ ସମସ୍ତ ଦେଶବାସୀଙ୍କୁ, ବିଶେଷ କରି ଭାରତର ଯୁବକ ଏବଂ ଭାରତର ମହିଳାମାନଙ୍କୁ ନିଶ୍ଚିତ କରୁଛି ଯେ ଏହି ପଦବୀରେ କାର୍ଯ୍ୟ କରିବାବେଳେ ସେମାନଙ୍କ ସ୍ୱାର୍ଥ ମୋ ପାଇଁ ସର୍ବାଧିକ ହେବ । ମୋର ଏହି ନିର୍ବାଚନରେ, ଭାରତର ଆଜିର ଯୁବପିଢି ପୁରୁଣା ଟ୍ରାକ୍ ?ରୁ ବାହାରି ନୂଆ ରାସ୍ତାରେ ଚାଲିବାକୁ ସାହସ ମଧ୍ୟ ଅନ୍ତର୍ଭୁକ୍ତ । ଆଜି ମୁଁ ଏପରି ପ୍ରଗତିଶୀଳ ଭାରତର ନେତୃତ୍ୱ ନେଇ ଗର୍ବିତ ଅନୁଭବ କରୁଛି । ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ନେହରୁ ଜୀ, ସର୍ଦ୍ଦାର ପଟେଲ, ବାବାସାହେବ ଆମ୍ବେଦକର, ଭଗତ ସିଂ, ସୁଖଦେବ, ରାଜଗୁରୁ, ଚନ୍ଦ୍ରଶେଖର ଆଜାଦଙ୍କ ପରି ଅଗଣିତ ସ୍ୱାଧୀନତା ସଂଗ୍ରାମୀ ଆମକୁ ଦେଶର ଆତ୍ମ ସମ୍ମାନକୁ ପ୍ରାଧାନ୍ୟ ଦେବାକୁ ଶିଖାଇଥିଲେ । ରାଷ୍ଟ୍ର ପ୍ରତିରକ୍ଷା ତଥା ରାଷ୍ଟ୍ର ନିର୍ମାଣରେ ମହିଳା ଶକ୍ତିର ଭୂମିକାକୁ ରାଣୀ ଲକ୍ଷ୍ମୀବାଈ, ରାଣୀ ଭେଲୁ ନାଚିଆର, ରାଣୀ ଗାଇଦିନଲିୟୁ ଏବଂ ରାଣୀ ଚେନ୍ନାମା ଭଳି ଅନେକ ବୀରାଙ୍ଗନା ନୂଆ ଉଚ୍ଚତା ଦେଇଛନ୍ତି । କରୋନା ମହାମାରୀର ବିଶ୍ୱ ସଙ୍କଟକୁ ସାମ୍ନା କରିବାରେ ଭାରତ ଯେଉଁ ପ୍ରକାରର ସାମର୍ଥ୍ୟ ପ୍ରଦର୍ଶନ କରିଛି ତାହା ସମଗ୍ର ବିଶ୍ୱରେ ଭାରତର ବିଶ୍ୱସନୀୟତା ବୃଦ୍ଧି କରିଛି । ମୁଁ ଆମ ଦେଶର ଯୁବକମାନଙ୍କୁ କହିବାକୁ ଚାହେଁ ଯେ ତୁମେ କେବଳ ତୁମର ଭବିଷ୍ୟତ ଗଠନ କରୁନାହଁ ବରଂ ଭବିଷ୍ୟତ ଭାରତର ମୂଳଦୁଆ ପକାଉଛ । ଦେଶର ରାଷ୍ଟ୍ରପତି ଭାବରେ ମୁଁ ସର୍ବଦା ତୁମର ସମ୍ପୂର୍ଣ୍ଣ ସହଯୋଗ କରିବି । ମୁଁ ଚାହୁଁଛି ଆମର ସମସ୍ତ ଭଉଣୀ ଏବଂ ଝିଅମାନଙ୍କୁ ଅଧିକରୁ ଅଧିକ ସଶକ୍ତ କରାଯାଉ ଏବଂ ସେମାନେ ଦେଶର ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କର ଅବଦାନକୁ ବୃଦ୍ଧି କରନ୍ତୁ ।


## ଓଡିଶାରେ ମଙ୍କିପକ୍ସର ସ୍ଥିତି କିଛି ନାହିଁ : ସ୍ୱାସ୍ଥ୍ୟ ମନ୍ତ୍ରୀ

ଭୁବନେଶ୍ୱର, ୨୫ ଜୁଲାଇ - ମଙ୍କିପକ୍ସ ନେଇ ଗାଇଡ୍ ଲାଇନ୍ ଆସିଛି । ଗାଇଡ୍ ଲାଇନ୍ ଅନୁସାରେ ପଦକ୍ଷେପ ନେବାକୁ ସବୁ ଜିଲ୍ଲାକୁ ନିର୍ଦ୍ଦେଶ ଦିଆଯାଇଛି । ଓଡିଶାରେ ମଙ୍କିପକ୍ସର ସ୍ଥିତି କିଛି ନାହିଁ । ଯାହା ସ୍ଥିତି ଅଛି ତା ଉପରେ ନଜର ରଖାଯାଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ସୂଚନା ଦେଇଛନ୍ତି ।

## ୟୁନିଟ-୨ରେ ୪୧୦ଟି ସରକାରୀ କ୍ୱାର୍ଟର ଭଙ୍ଗାଯିବ

ଭୁବନେଶ୍ୱର , ୨୫ ଜୁଲାଇ - ଭୁବନେଶ୍ୱର ୟୁନିଟ-୨ରେ ୪୧୦ଟି ସରକାରୀ କ୍ୱାର୍ଟର ଭଙ୍ଗାଯିବ । ଏହି ସବୁ କ୍ୱାର୍ଟରକୁ ଭାଙ୍ଗି ପିପିପି ମୋଡରେ ପୁନଃନିର୍ମାଣ କରିବା ଲାଗି ରାଜ୍ୟ ସରକାରଙ୍କ ଯୋଜନା ରହିଛି । ସେହିପରି ୟୁନିଟ-୬ରେ ଥିବା ୫୦ଟି କ୍ୱାର୍ଟର ଭଙ୍ଗାଯାଇ ପୋଷ୍ଟ ଗ୍ରାଜୁଏଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ଆଣ୍ଡ ରିସର୍ଚ୍ଚ ଆଟ୍ କ୍ୟାପିଟାଲ୍ ହସ୍ପିଟାଲ୍ ନିର୍ମାଣ କରାଯିବ । ୟୁନିଟ-୪ ଅନ୍ତର୍ଗତ ଅନ୍ୟ ୫୦ଟି କ୍ୱାର୍ଟର ଏମଏଲଏ କଲୋନିରେ ବହୁତଳ ଆବାସିକ କୋଠା ନିର୍ମାଣ କରାଯିବ । ୟୁନିଟ-୩ରେ ଭୁବନେଶ୍ୱର ମହାନଗର ନିଗମର ନୂତନ କାର୍ଯ୍ୟାଳୟ ନିର୍ମାଣ ପାଇଁ ୧୨ଟି କ୍ୱାର୍ଟର ଓ ୟୁନିଟ-୮ ଅନ୍ତର୍ଗତ ୩୬ଟି କ୍ୱାର୍ଟର ନିରାପଦ ନ ଥିବା ଯୋଗୁ ଭଙ୍ଗାଯାଇଛି । ଏହା ବାଦ ୟୁନିଟ-୨ରେ ୧୨୪ଟି ଘର ଖାଲି ପଡ଼ିଛି ଯାହାର ପୁନଃନିର୍ମାଣ ଯୋଜନା ନିମନ୍ତେ ପ୍ରସ୍ତାବ ଥିବାରୁ ଆବଂଟନ ହୋଇନାହିଁ । ବର୍ତ୍ତମାନ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନରେ ୧୧,୩୭୪ଟି କ୍ୱାର୍ଟର ରହିଛି । ବିଧାନସଭାରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହୀନିପତିଙ୍କ ପ୍ରଶ୍ନରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଲିଖିତ ଉତର ଦେଇଛନ୍ତି ।

## ଦ୍ରୌପଦୀ ମୁର୍ମୁଙ୍କୁ ଶୁଭକାମନା ଜଣାଇଲେ ଜିନପିଙ୍ଗ



ନୂଆଦିଲ୍ଲୀ, ୨୫/୦୭:ଚୀନ ରାଷ୍ଟ୍ରପତି ସୀ ଜିନପିଙ୍ଗ ଭାରତର ନବନିର୍ବାଚିତ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଥିବା ଦ୍ରୌପଦୀ ମୁର୍ମୁଙ୍କୁ ଶୁଭକାମନା ଜଣାଇଛନ୍ତି । ଜିନପିଙ୍ଗ ଶୁଭକାମନା ଜଣାଇବାକୁ ଯାଇ କହିଛନ୍ତି ଯେ, ଉଭୟ ଦେଶ ମଧ୍ୟରେ ରାଜନୈତିକ ବିଶ୍ୱାସ ବଢ଼ାଇବା ସହ ମତଭେଦ ଦୂର କରିବା ଦିଗରେ ମିଶିକି କାମ କରିବା ପାଇଁ ପ୍ରସ୍ତୁତ ଅଛୁ । ଚୀନ ଓ ଭାରତ ପରସ୍ପରର ମହତ୍ତ୍ୱପୂର୍ଣ୍ଣ ପଡ଼ୋଶୀ । ଉଭୟ ଦେଶ ମିଶି ବିକାଶ ଦିଗରେ କାର୍ଯ୍ୟ କରିବା ନିହାତି ଜରୁରୀ । ଚୀନ-ଭାରତ ମଧ୍ୟରେ ଦୃଢ଼ ସମ୍ବନ୍ଧ ଉଭୟ ଦେଶର ନାଗରିକଙ୍କ ମୂଳଭୂତ ହିତ ସହ ସମଗ୍ର ବିଶ୍ୱରେ ଶାନ୍ତି, ସ୍ଥିରତା ଓ ବିକାଶ ପାଇଁ ଅନୁକୂଳ ଓ ଜରୁରୀ ।

## ରାଜ୍ୟରେ ପ୍ରତିଷ୍ଠା ହେବ ୧୨ଟି ଇସ୍ପାତ କାରଖାନା



ଭୁବନେଶ୍ୱର , ୨୫ ଜୁଲାଇ - ରାଜ୍ୟର ବିଭିନ୍ନ ଜିଲ୍ଲାରେ ୧୨ଟି ଇସ୍ପାତ କାରଖାନା ପ୍ରତିଷ୍ଠା ହେବ । ବିଧାନସଭାରେ ସୋମବାର ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଏହି ସୂଚନା ଦେଇଛନ୍ତି । ଗୃହରେ ବିଜେଡି ବିଧାୟକ ଧ୍ରୁବ ଚରଣ ସାହୁଙ୍କ ପ୍ରଶ୍ନର ଉତରରେ ଖଣି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ଯେ, ସୁନ୍ଦରଗଡରେ ସର୍ବାଧିକ ୩ଟି ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଥିବା ବେଳେ ଯାଜପୁରରେ ୨ଟି କାରଖାନା ପ୍ରତିଷ୍ଠା ହେବ । ସେହିପରି ଅନୁଗୁଳ, କେନ୍ଦ୍ରାପଡା, ଝାରସୁଗୁଡା, ଢେଙ୍କାନାଳ, କେନ୍ଦୁଝର, ଜଗତସିଂହପୁର ଓ ଅନୁଗୁଳ ଜିଲ୍ଲାରେ ଗୋଟିଏ ଲେଖାଏଁ ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି ।ରାଜ୍ୟରେ ବର୍ତ୍ତମାନ ୫୧ଟି ଇସ୍ପାତ କାରଖାନା ରହିଥିବା ବେଳେ ସେଗୁଡ଼ିକରୁ ବାର୍ଷିକ ଉତ୍ପାଦନ କ୍ଷମତା ୩୩.୧୨ ମିଲିୟନ ଟନ୍ ବୋଲି ମନ୍ତ୍ରୀ ଗୃହକୁ ଜଣାଇଛନ୍ତି ।

## ରାଜଧାନୀରେ ୧୩୦ ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୨୫ ଜୁଲାଇ - ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ସୋମବାର ମୋଟ ୧୩୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି । ଅପରପକ୍ଷରେ ୨୪ ଘଂଟାରେ ଆଉ ୧୨୯ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୨ ହଜାର ୨୮୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିରୁ ୧ ଲକ୍ଷ ୫୯ ହଜାର ୭୨୮ ଜଣ ସୁସ୍ଥ ହୋଇଛନ୍ତି । ମୋଟ ୧୧୯୩ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା ବେଳେ ୧୩୪୮ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି । ଗତକାଲି ଭୁବନେଶ୍ୱରରେ ୨୨୦ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

## ଏମସ୍ ରେ ଚିକିତ୍ସା ପରେ ଫେରିଲେ ପଶ୍ଚିମବଙ୍ଗ ମନ୍ତ୍ରୀ ପାର୍ଥ ଚାଟାର୍ଜୀ

ଭୁବନେଶ୍ୱର , ୨୫ ଜୁଲାଇ - ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ପଶ୍ଚିମବଙ୍ଗର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପାର୍ଥ ଚାଟାର୍ଜୀ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଭୁବନେଶ୍ୱର ଏମସ୍ ରୁ ଫେରିଛନ୍ତି । ସୋମବାର ସକାଳେ ଏୟାର ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ଏମ୍ସକୁ ଅଣାଯାଇଥିଲା । ଚିକିତ୍ସା ପରେ ଭୁବନେଶ୍ୱର ଏମସ୍ ର ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି ତାଙ୍କ ଅବସ୍ଥା ବର୍ତ୍ତମାନ ସ୍ଥିର ରହିଛି । ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ରିପୋର୍ଟ ଦାଖଲ କରାଯାଇଛି । ହସ୍ପିଟାଲରୁ ଭର୍ଚୁଆଲ ମାଧ୍ୟମରେ ପାର୍ଥ କୋଲକାତା ହାଇକୋର୍ଟରେ ହାଜର ହୋଇଥିଲେ । କଲିକତା ହାଇକୋର୍ଟ ରବିବାର ଦିନ ଏହି ନିର୍ଦ୍ଦେଶ ଦେବାପରେ ଇଡି ପକ୍ଷରୁ ତାଙ୍କୁ ଏୟାର ଆମ୍ବୁଲାନ୍ସରେ ଭୁବନେଶ୍ୱର ଅଣାଯାଇଥିଲା । ଚିକିତ୍ସା ପରେ ଏମସ୍ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ କହିଛନ୍ତି ବିଭିନ୍ନ ବିଭାଗର ଡାକ୍ତରଙ୍କୁ ନେଇ ଗଠିତ ଟିମ୍ ପାର୍ଥଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା । ସ୍ୱାସ୍ଥ୍ୟ ପରୀକ୍ଷା ପରେ ଭୁବନେଶ୍ୱର ଏମ୍ସ କର୍ତ୍ତୃପକ୍ଷ କୋଲକାତା ହାଇକୋର୍ଟଙ୍କ ନିକଟରେ ଏ ସମ୍ପର୍କିତ ରିପୋର୍ଟ ଦାଖଲ କରିଛନ୍ତି । ପାର୍ଥ ଚାଟାର୍ଜୀ



ଗୁରୁତର ଅସୁସ୍ଥ ନାହାନ୍ତି କି ତାଙ୍କ ଛାତି ଯନ୍ତ୍ରଣା ବି ନାହିଁ । ତେବେ ତାଙ୍କର ୪-୫ଟି ରୋଗ ରହିଛି, ଯେଉଁଥିପାଇଁ ସେ ପୂର୍ବରୁ ମେଡିସିନ୍ ଖାଉଛନ୍ତି । ତେବେ ଏହା ସେଭଳି ଗୁରୁତର ନୁହେଁ । ସୂଚନାଯୋଗ୍ୟ,ଗତ ଶନିବାର ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ପଶ୍ଚିମବଙ୍ଗର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କୁ ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡି) ଗିରଫ କରିଥିଲା । ଇଡି ଦ୍ୱାରା ଗିରଫ ହେବା ପରେ ଅସୁସ୍ଥ ଅନୁଭବ କରିବାରୁ ପାର୍ଥଙ୍କୁ ରାଜ୍ୟ ସରକାରଙ୍କ ଏସଏସକେଏମ୍ ହସ୍ପିଟାଲରେ ଭର୍ତି କରାଯାଇଥିଲା । କିନ୍ତୁ ତାଙ୍କୁ ରାଜ୍ୟ ସରକାରଙ୍କ ହସ୍ପିଟାଲରେ ଭର୍ତିକୁ ବିରୋଧ କରିଥିଲା ଇଡି । ତାଙ୍କୁ ସେନା ହସ୍ପିଟାଲକୁ ସ୍ଥାନାନ୍ତର କରିବା ଲାଗି ଇଡି ହାଇକୋର୍ଟରେ ଆବେଦନ କରିଥିଲା । ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ପାର୍ଥଙ୍କୁ ଭୁବନେଶ୍ୱର ଏମ୍ସକୁ ସୋମବାର ସକାଳେ ସ୍ଥାନାନ୍ତର କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ ।

## ଦ୍ରୌପଦୀ ମୁର୍ମୁଙ୍କ ଶପଥ ଗ୍ରହଣ ସମାରୋହରେ ଭାଗ ନେଇ ମୁଁ ବହୁତ ଖୁସି : ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ/ଭୁବନେଶ୍ୱର,୨୫ ଜୁଲାଇ - ଦେଶର ୧୫ତମ ରାଷ୍ଟ୍ରପତି ଭାବେ ଶପଥ ନେଇଛନ୍ତି ଦ୍ରୌପଦୀ ମୁର୍ମୁ । ରାଷ୍ଟ୍ରପତିଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରତିକ୍ରିୟା ରଖି କହିଛନ୍ତି ସମସ୍ତ ଓଡିଶା ଏବଂ ପୂରା ଦେଶ ପାଇଁ ଗର୍ବର ବିଷୟ । ମୋତେ ରାକ୍ଷୀ ବାନ୍ଧି ଥିବାରୁ ଭାଇ ବୋଲି ସମ୍ବୋଧନ କରନ୍ତି । ତାଙ୍କ ଶପଥ ସମାରୋହରେ ଭାଗ ନେଇ ମୁଁ ବହୁତ ଖୁସି ଅଛି । ମୁଖ୍ୟମନ୍ତ୍ରୀ କହିଛନ୍ତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହୋଇଥିବାବେଳେ ଏଥିପାଇଁ ମୁଖ୍ୟମନ୍ତ୍ରୀ ବେଶ ଖୁସି ଅଛି । ଦ୍ରୌପଦୀ ମୋ ହାତରେ ରାକ୍ଷୀ ବାନ୍ଧିଥିଲେ । ଯେଉଁ ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧିଥିଲା, ସେହି ଭଉଣୀ ଆଜି ଦେଶର ସର୍ବୋଚ ସାମ୍ବିଧାନିକ ପଦରେ ଅଭିସିକ୍ତ ହୋଇଛନ୍ତି । ଯାହା ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କ ପାଇଁ ଏକ ସ୍ମରଣୀୟ ଦିନ । ସଂସଦ ଭବନର ସେଂଟ୍ରାଲ ହଲରେ ରାଷ୍ଟ୍ରପତିଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କୁ ଆଗ ଧାଡିରେ ଦେଖିବାକୁ ମିଳିଥିଲା । ଶପଥ ନେବାପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମସ୍ତ ଅତିଥିଙ୍କୁ ଅଭିବାଦନ ଜଣାଇଥିଲେ ।

## ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ସୁପ୍ରିମକୋର୍ଟର ସର୍ତମୂଳକ ଜାମିନ

ଭୁବନେଶ୍ୱର , ୨୫ ଜୁଲାଇ - ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ସୁପ୍ରିମକୋର୍ଟ ସର୍ତମୂଳକ ଜାମିନ ପ୍ରଦାନ କରିଛନ୍ତି । ଏନେଇ ପ୍ରଶାନ୍ତ ଜଗଦେବଙ୍କ ଓକିଲ ମାନସ ଚାନ୍ଦ ସୂଚନା ଦେଇଛନ୍ତି । ଏହି ଜାମିନରେ କୁହାଯାଇଛି ଯେ ପ୍ରଶାନ୍ତ ଜଗଦେବ ବର୍ଷେ ଯାଏଁ ନିର୍ବାଚନ ମଣ୍ଡଳୀକୁ ଯାଇ ପାରିବେ ନାହିଁ । ଯଦି ଯିବେ, ତେବେ ଜିଲ୍ଲାପାଳଙ୍କ ଅନୁମତି ନେଇ ଯିବେ । କିନ୍ତୁ ସାଙ୍ଗରେ ୫ରୁ ଅଧିକ ଲୋକଙ୍କୁ ନେଇ ଯାଇପାରିବେ ନାହିଁ ବୋଲି ସର୍ତ ରଖାଯାଇଛି । ଉଲ୍ଲେଖଯୋଗ୍ୟ, ଗତ ମାର୍ଚ୍ଚ ମାସରେ ବାଣପୁର ବ୍ଲକ୍ କାର୍ଯ୍ୟାଳୟ ଆଗରେ ଲୋକଙ୍କ ଉପରେ ଗାଡ଼ି ମଡ଼ାଇଦେବା ଘଟଣାରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ଗିରଫ କରାଯାଇଥିଲା । ଏପ୍ରିଲ ୨୨ ତାରିଖରେ ହାଇକୋର୍ଟରୁ ତାଙ୍କୁ ଅନ୍ତରୀଣ ଜାମିନ ମିଳିଥିଲା । ସ୍ୱାସ୍ଥ୍ୟଜନିତ ସମସ୍ୟା ପାଇଁ ତାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରାଯାଇଥିଲା । ଏପ୍ରିଲ ୨୭ ତାରିଖରେ ସେ ଜେଲରୁ ମୁକୁଳିଥିଲେ । ୭ ଦିନ ଅନ୍ତରୀଣ ଜାମିନ ଅବଧି ସରିବା ପୂର୍ବରୁ ଜଗଦେବଙ୍କ ଓକିଲ ହାଇକୋର୍ଟଙ୍କ ନିକଟରେ ଏହାକୁ ବଢ଼ାଇବା ପାଇଁ ଆବେଦନ କରିଥିଲେ । ତାଙ୍କର ଏହି ଆବେଦନକୁ କୋର୍ଟ ଗ୍ରହଣ କରି ଅନ୍ତରୀଣ ଜାମିନକୁ ଆଉ ୭ ଦିନ ବଢ଼ାଇଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ମେ' ୧୧ ତାରିଖ ପର୍ଯ୍ୟନ୍ତ ତାରିଖ ଏହି ଅବଧିକୁ ବୃଦ୍ଧି କରାଯାଇଥିଲା । ଏହି ଅନ୍ତରୀଣ ଜାମିନ ଅବଧି ଶେଷ ହେବା ପରେ ବିଧାୟକ ଶ୍ରୀ ଜଗଦେବ ବାଣପୁର କୋର୍ଟରେ ହାଜର ହୋଇଥିଲେ । ପରେ ତାଙ୍କୁ ବିଚାରବିଭାଗ ହାଜତକୁ ପଠାଇ ଦିଆଯାଇଥିଲା ।

# ନକଲି ଡିଟରଜେ[ ନେଇ ଜନଅସନ୍ତୋଷ

କେନ୍ଦ୍ରାପଡ଼ା, (ନି.ପ୍ର.) : କେନ୍ଦ୍ରାପଡା ସହରର ବିଭିନ୍ନ ସ୍ଥାନରେ ବିକ୍ରି ହେଉଛି ନକଲି ଡିଟରଜେଣ୍ଟପାଉଡର। ଏହାକୁ ନେଇ ଗ୍ରାହକମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି ହୋଇଛି। କେନ୍ଦ୍ରାପଡ଼ା ବ୍ଲକ ନିକଟରେ



ଖଗେଶ୍ୱର ବେହେରା ନାମକ ଜନୈକ ବ୍ୟକ୍ତି ବ୍ଲକ ଛକରେ ଥିବା ଏକ ଦୋକାନରୁ ଏକ ନାମୀ କମ୍ପାନୀର ଡିଟରଜେଣ୍ଟ ପାଉଡର ପ୍ୟାକେଟ କିଣିଥିଲେ। ଏଥିରେ ବାସନ ସଫା କରିବା ବେଳେ ଜାଣିବାକୁ ପାଇଲେ ଯେ ଏହା ନକଲି ବ୍ରାଣ୍ଡର। ଅସଲି ବ୍ରାଣ୍ଡକୁ ନକଲ କରି ସେଥିରେ ନକଲି ଡିଟରଜେଣ୍ଟ ପୂରାଇ ବିକ୍ରି କରାଯାଉଛି। ଏ ନେଇ ସେ ସଂପୃକ୍ତ ଦୋକାନୀଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ଦୋକାନୀ ଜଣକ କହିଥିଲେ ସେ ଏହାକୁ ଅମ୍ବର ମାର୍କେଟ୍‌ରେ ଥିବା ଏକ ହୋଲସେଲ ଦୋକାନରୁ କିଣିକି ଆଣି ଖୁଚୁରାରେ ବିକ୍ରି କରୁଛନ୍ତି। ତେଣୁ ତାଙ୍କର ଏଥିରେ କିଛି ଦୋଷ ନାହିଁ। ଏହାପରେ ବ୍ୟବସାୟୀ ଜଣକ ଯୋଗାଣ ବିଭାଗକୁ ଫୋନ କରି ଏହି ନକଲି ଜିନିଷ ସମ୍ପର୍କରେ ଯାଞ୍ଚ କରିବାକୁ ନିବେଦନ କରିଥିଲେ। କିନ୍ତୁ ଯୋଗାଣ ବିଭାଗ କହିଲା ଏହା ଆମ ବିଭାଗ ପରିସରଭୁକ୍ତ ନୁହେଁ। ଆମେ ଏହାର ଯାଞ୍ଚ କରି ପାରିବୁ ନାହିଁ। ଯଦି ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀର ନକଲ କରାଯାଇଥାନ୍ତା ତାହା ହେଲେ ଆମେ ଚଢାଉ କରିଥାନ୍ତୁ। ଏହ ପୋଲିସର ଦାୟିତ୍ୱ। ପୋଲିସ ଏହି ଘଟଣାର ତଦନ୍ତ କରିପାରିବ। ଏହାପରେ ବ୍ୟକ୍ତି ଜଣକ ଟାଉନ୍ ଥାନା ପୋଲିସକୁ ଜଣାଇଥିଲେ। ହେଲେ ଟାଉନ୍ ଥାନା ପୋଲିସ କହିଥିଲା ଆମେ କିପରି କହିବୁ ଏହା ଅସଲି କି ନକଲି। ଏ ନେଇ ଆମକୁ ଡିଟରଜେଣ୍ଟ ଏକ୍ସପର୍ଟଙ୍କୁ ଡାକିବାକୁ ପଡିବ। ଯାହା ସ୍ଥଳ ବିଶେଷରେ ସମ୍ଭବ ନୁହେଁ। ଉଭୟ ବିଭାଗରୁ ନିରାଶ ହେବା ପରେ ବ୍ୟକ୍ତି ଜଣକ ଗଣମାଧ୍ୟମକୁ ଘଟଣା ସମ୍ପର୍କରେ ଜଣାଇଥିଲେ। କେନ୍ଦ୍ରାପଡ଼ାରେ ଅନେକ ନକଲି ଜିନିଷ ବିକ୍ରି କରାଯାଉଛି। ହେଲେ ଏହାକୁ ଯାଞ୍ଚ କରାଯାଉ ନ ଥିବାରୁ ଗ୍ରାହକମାନେ ଠକାମୀର ଶିକାର ହେଉଛନ୍ତି। କଟକରେ ଯେଉଁ ଚଢାଉ ହେଉଥିଲା ସେ ସମୟରେ ଏକ୍ସପର୍ଟମାନେ ଉପସ୍ଥିତ ରହି ତାହାକୁ ନକଲି ବୋଲି ପ୍ରମାଣିତ କରୁଥିଲେ। ତେଣୁ ସେଠାରେ ନକଲି ସାମଗ୍ରୀ ଜବତ କରିବା ସମ୍ଭବ ହୋଇଥିଲା। କିନ୍ତୁ ଏଠାରେ ତାହା ଟିକେ କଠିନ କାର୍ଯ୍ୟ ହେବ। କାରଣ ସଂପୃକ୍ତ କମ୍ପାନୀ ଏକ୍ସପର୍ଟଙ୍କୁ ପଠାଇବାରେ ହେଳା କରିପାରେ। ତଥାପି ଆମେ ଏ ନେଇ ଚିନ୍ତା କରୁଛୁ। ଖୁବ୍ ଶୀଘ୍ର ଚଢାଉ କରି ନକଲି ସାମଗ୍ରୀ ବଜାରରୁ ଜବତ କରିବୁ ବୋଲି ଟାଉନ ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି କହିଛନ୍ତି।

### ଆଗ ଥଇଥାନ ପରେ ବିସ୍ଥାପନ

# ପ୍ରଶାସନର ଜୁଲମକୁ ନେଇ ମାଛ ବ୍ୟବସାୟୀଙ୍କ ଅସନ୍ତୋଷ

କଟକ, (ନି.ପ୍ର.) : ଦୀର୍ଘ ୪୦ବର୍ଷ ଧରି ନୂଆବଜାର ଅଂଚଳରେ ମାଛ ବ୍ୟବସାୟ କରିଆସୁଥିବା ମାଛ ବ୍ୟବସାୟୀମାନଙ୍କୁ କୋଭିଡ ସମୟରେ ଚାଉଳିଆଗଂଜ ପୋଲିସ ପ୍ରଶାସନ ପକ୍ଷରୁ କଟକ ନୂଆବଜାରସ୍ଥିତ ଓଭର ବ୍ରିଜ ଉପରେ ବସିବା ପାଇଁ ଅନୁମତି ଦିଆଯାଇଥିଲା। କିନ୍ତୁ ବର୍ତମାନ ଏହି ବ୍ୟବସାୟୀମାନଙ୍କୁ ବିନା



କୌଣସି ସୂଚନାରେ ହଠାତ୍ କଟକ ମହାନଗର ନିଗମର ଏନଫୋର୍ସମେଂଟ୍ ଟିମ୍ ଓ ଚାଉଳିଅଗଂର ଥାନାର ମିଳିତ ଚଢ଼ାଉରେ ସେମାନଙ୍କର ଅସ୍ଥାୟୀ ଘର ସମେତ ମାଛ ଓ ବିଭିନ୍ନ ପ୍ରକାରର ସାମଗ୍ରୀକୁ ଭାଙ୍ଗିରୁଜି ଦିଆଯାଇଛି। ବ୍ୟବସାୟୀମାନେ ଯେତେ ନେହୁରା ହୋଇ ଅନୁରୋଧ କରି କହିଥିଲେ ଆମକୁ କିଛି ସମୟ ଦିଅନ୍ତୁ ଆମେ ଆମର ସମସ୍ତ ସାମଗ୍ରୀକୁ ଉଠାଇ ନେଇଯିବୁ, କିନ୍ତୁ କେହି ଏଥିପ୍ରତି କର୍ଣ୍ଣପାତ କରିନଥିଲେ। ଯାହାଫଳରେ ସେମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବର୍ତମାନ ଏହି ବ୍ୟବସାୟୀମାନେ ଖରା ଓ ବର୍ଷାରେ ଓଭର ବ୍ରିଜ ଉପରେ ପଡି ରହି ପରିବାରର ଗୁଜୁରାଣ ମେଂଟାଇବା ପାଇଁ ବେପାର ଚଳାଇଛନ୍ତି। ଏହି ମାଛ ବ୍ୟସାୟୀମାନେ ତାଙ୍କର ଗୁହାରୀ ଜଣାଇବା ନିମନ୍ତେ କଟକ ମହାନଗର ନିଗମର ମେୟର ସୁବାଷ ସିଂହଙ୍କୁ ଭେଟିବା ସହିତ ଏହି ସମସ୍ତ ଦିଗ ପ୍ରତି ଆଲୋଚନା କରିଥିଲେ ମଧ ଏପର୍ଯ୍ୟନ୍ତ କୌଣସି ଫଳ ବାହରି ପାରିନାହିଁ। ଯେହେତୁ ଏହି ବ୍ୟବସାୟ ଦ୍ୱାରା ଆମେ ଆମର ପରିବାରର ଭରଣ ପୋଷଣ ଦୀର୍ଘଦିନ ଧରି କରିଆସୁଛୁ ସେଥିପାଇଁ ଆଗ ଆମକୁ ଥଇଥାନ କରାଯାଉ ତାପରେ ବିସ୍ଥାପନ କରାଯାଉ ବୋଲି ମାଛ ବ୍ୟସାୟୀମାନେ କହିଛନ୍ତି।

# ସମାଜସେବୀଙ୍କ ବିୟୋଗରେ ଶୋକ

ଦଶରଥପୁର, (ନି.ପ୍ର.) : ଦଶରଥପୁର ବ୍ଲକ ଅଂଚଳର ବରିଷ୍ଠ ସମାଜସେବୀ ତଥା ରାଜନେତା ଶରତ କୁମାର ରାୟ(୭୯)ଙ୍କର ଚମ୍ପେଇପାଳ ପଞ୍ଚାୟତ ଅନ୍ତର୍ଗତ ଓଡେଇ ଗ୍ରାମରେ ନିଜ ବାସଭବନରେ ହେହାନ୍ତ ହୋଇଛି। ମୃତ୍ୟୁ ଶର୍ଯ୍ୟା ନିକଟରେ ତାଙ୍କର ପୁତ୍ର ,ପୁତ୍ରବଧୂ ଓ ନାତିନାତୁଣିମାନେ ଉପସ୍ଥିତ ଥିଲେ।ସ୍ୱର୍ଗତ ରାୟ ଅଂଚଳର ବିଭିନ୍ନ ସାମାଜିକ ସଂଗଠନ ସହିତ ଜଡିତ ଥିବା ସହିତ ପ୍ରକ୍ତନ ଦଶରଥପୁର ବ୍ଲକ ବିଜେଡି ସଭାପତି,ଦଶରଥପୁର ଉଚ୍ଚବିଦ୍ୟାଳୟର ସଂପାଦକ ଓ ରାଜ୍ୟ କାଜୁ ନିଗମର ସଭ୍ୟଭାବରେ ଦାଇତ୍ୱ ତୁଲାଇଥିଲେ। ତାଙ୍କ



ବିୟୋଗର ଖବର ପାଇବାପରେ ସମାଜସେବୀ କର୍ଣ୍ଣାଟକେଶରୀ ଦାସ,ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର,ସମାଜସେବୀ ମୁକ୍ତକାନ୍ତ ପଣ୍ଡା,ଚମ୍ପେଇପାଳ ସରପଞ୍ଚ ହିମାଂଶୁ ଶେଖର ନାୟକ,ସମିତି ସଭ୍ୟ ବିଜୟ ନାୟକ,ପୂର୍ବତନ ସରପଞ୍ଚ ରମେଶ ଦାସ,ଦଶରଥପୁର ସରପଞ୍ଚଙ୍କ ପ୍ରତିନିଧି ଧର୍ମରାଜ ଧିର,ସମିତି ସଭ୍ୟ ପ୍ରଶାନ୍ତ ମଲ୍ଲିକ, ପୂର୍ବତନ ସମିତି ସଭ୍ୟ ମହେଶ୍ୱର ସାହୁ ,ସମାଜସେବୀ କୌଶିକ ଦାସ ପ୍ରମୂଖ ଶ୍ରୀରାୟଙ୍କ ବାସଗୃହରେ ପହଞ୍ଚି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

## ପାରାଦୀପ ବନ୍ଦର ଶ୍ରମିକ ୟୁନିୟନର ୩୮ତମ ବାର୍ଷିକ ସମ୍ମିଳନୀ

ପାରାଦୀପ, ୨ (ନି.ପ୍ର.) : ପାରାଦୀପ ବନ୍ଦର ଶ୍ରମିକ ୟୁନିୟନର ୩୮ତମ ବାର୍ଷିକ ସମ୍ମିଳନୀ ମଧୁବନସ୍ଥିତ ୟୁନିୟନ ପରିସରରେ ଆୟୋଜିତ ହୋଇଯାଇଛି। ବରିଷ୍ଠ ଶ୍ରମିକ ନେତା ଅଜେୟ ରାଉତଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବର୍ଷିୟାନ କୃଷକ ନେତା ସଚ୍ଚିକାନ୍ତ ପାଣି, ୟୁନିୟନର ସାଧାରଣ ସମ୍ପାଦକ ନିମାଇଁ ଚରଣ ବରାଳ ପ୍ରମୁଖ ଯୋଗ ଦେଇ ଜାତି,ଧର୍ମ,ବର୍ଣ୍ଣ ଓ ଅଂଚଳ ନାମରେ ଶ୍ରମିକ ଶ୍ରେଣୀକୁ ଭାଗ ଭାଗ କରି ଦେଶର ଶାସକ ଗୋଷ୍ଠୀ ଶ୍ରମିକ ଶୋଷଣ ନିତୀ ବିରୁଦ୍ଧରେ ଶ୍ରମିକ ଶ୍ରେଣୀ ସଚେତନ ଏବଂ ସଙ୍ଗଠିତ ହେବାକୁ ଆହ୍ୱାନ ଦେଇଥିଲେ।

### ଶିକ୍ଷା ସଚେତନତାର ନଗ୍ନ ଚିତ୍ର

# ନାନାବିଧ ସମସ୍ୟାରେ ସୁନାଇଲୋ ପ୍ରାଥମିକ ବିଦ୍ୟାଳୟ

ନିଶ୍ଚିନ୍ତକୋଇଲି, (ନି.ପ୍ର.) : କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ଗ୍ରାମ ପଞ୍ଚାୟତରେ ଥିବା ସୁନାଇଲୋ ସରକାରୀ ପ୍ରାଥମିକ ବିଦ୍ୟାଳୟର ନଗ୍ନ ଚିତ୍ର ସରକାରଙ୍କ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀମାନେ ଅଧ୍ୟୟନ କରନ୍ତି। ହେଲେ ଏହି ପାଞ୍ଚଟି ଶ୍ରେଣୀକୁ ମାତ୍ର ଦୁଇ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଏହା ସହ ବୁହାଳ ଅଙ୍ଗନୱାଡି କେନ୍ଦ୍ର ମଧ ଏହି ବିଦ୍ୟାଳୟ ପରିସରରେ ରହିଛି। ବିଦ୍ୟାଳୟର ଚାରିପଟରେ ପାଚେରୀ ନଥିବାରୁ କୁନି କୁନି ପିଲାମାନେ ଅନାୟସରେ ବିଦ୍ୟାଳୟ ବାହାରକୁ ଚାଲିଯାଇଥାଆନ୍ତି। ଯାହାଫଳରେ କେତେବେଳେ ଯେ କ'ଣ ଦୁର୍ଘଟଣା ଘଟିଯିବା ତାହା କହିହେବ ନାହିଁ। ଏହାଛଡା ଏବେ ବର୍ଷା ଦିନ ଆସିଥିବାରୁ ସାମାନ୍ୟ ବର୍ଷାରେ ବିଦ୍ୟାଳୟ ପରିସର ଜଳାର୍ଣ୍ଣବ ହୋଇପଡୁଛି। ଯାହାଫଳରେ ଛୋଟ ଛୋଟ ପିଲାମାନେ



ଏହି ଜଳ ମଧ୍ୟରେ ଯାତାୟାତ କରିବା କେତେଦୂର ସମିଚୀନ ତାହା ଚିନ୍ତାର ବିଷୟ। ଏହି ଜଳ ଘେର ମଧ୍ୟରେ କୁନି କୁନି ପିଲାମାନେ ଯାତାୟାତ କରୁଥିବାରୁ ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି। ବିଦ୍ୟାଳୟର ଏତାଦୃଶ ଅବ୍ୟବସ୍ଥା ସଂପର୍କରେ ବହୁ ସମୟରେ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ଶୂନ। ବିଦ୍ୟାଳୟର ଉନ୍ନତିକରଣ ପାଇଁ କାହିଁକି ଶିକ୍ଷା ବିଭାଗ ବା ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଉନାହିଁ ତାହା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଯାହାକୁ ନେଇ ଛାତ୍ରାଭିଭାବକଙ୍କ ମହଲରେ ଘୋର ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ସ୍ଥାନୀୟ ପ୍ରଶାସନ ସ୍କୁଲର ଏତାଦୃଶ ସମସ୍ୟା ପ୍ରତି ଦୃଷ୍ଟି ଦେଇ ବିଦ୍ୟାଳୟର ଉନ୍ନତିକରଣ ନିମିତ୍ତ ବିହୀତ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ଛାତ୍ରାଭିଭାବକମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଦୃଢ ଚେତାବନୀ ଦେଇଛନ୍ତି।

## ଶିକ୍ଷାବିତ୍‌ଙ୍କ ଶ୍ରାଦ୍ଧ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା,(ନି.ପ୍ର.) : ଶିକ୍ଷାବିତ୍ ସ୍ୱର୍ଗତ ରବି ନାରାୟଣ ମିଶ୍ରଙ୍କର ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ପାଳନ ହୋଇ ଯାଇଛି। ଗରାପୁର ସ୍ଥିତ ହନୁମାନ ମନ୍ଦିର ପରିସରରେ ଆୟୋଜିତ ଏହି ଶ୍ରାଦ୍ଧ ବାର୍ଷିକ ଉତ୍ସବରେ ବାବାଜୀ ଚେତନାନନ୍ଦ ଦାସଙ୍କ ଅଧ୍ୟକ୍ଷତା ରେ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ଦିବ୍ୟ କଥାବସ୍ତୁ ଆଲୋଚନା, ସତ୍‌ସଙ୍ଗ, ଶ୍ରୀମଦ୍ ଭାଗବତ ଏକାଦଶ ସ୍କନ୍ଦ ଓ ଶ୍ରୀମଦ୍ ଭଗବତ ଗୀତାପାଠ, ସମୁହ ପ୍ରାର୍ଥନା ଏବଂ ଭଜନ ସହ ସ୍ୱର୍ଗତ ଅମର ଆତ୍ମାର ସ୍ମୃତିଚାରଣା କରାଯାଇ ଥିଲା। ଜନୈାକବାଣୀ ପତ୍ରିକାର ସଂପାଦନା ମଣ୍ଡଳୀର ସଭ୍ୟ ଦେବେନ୍ଦ୍ର ନାଥ ପରିଡା, ବାଙ୍କ ବିହାରୀ ଆଚାର୍ଯ୍ୟ, ଚନ୍ଦ୍ରକାନ୍ତ ଆଚାର୍ଯ୍ୟ, ସମାଜ ସେବୀ ଶ୍ରୀଧର କୁମାର ମହାନ୍ତି, ଶିକ୍ଷାବିତ୍ କେଶବ ସେଠୀ, ମନୋରଞ୍ଜନ ତ୍ରିପାଠୀ, ଇନ୍ଦ୍ରମଣି ପଣ୍ଡା, ରବିନ୍ଦ୍ର କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### କଟକ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀଙ୍କ

# ମାତୃ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା



କଟକ, (ନି.ପ୍ର.) : ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ଲଲାଟେନ୍ଦୁ ମହାପାତ୍ରଙ୍କର ମାତା ଶ୍ରୀମତୀ ଉମା ମହାପାତ୍ର ପୁରୀସ୍ଥିତ ତାଙ୍କ ନିଜସ୍ୱ ବାସଭବନରେ ୮୪ବର୍ଷ ବୟସରେ ଇହଲୀଳା ତ୍ୟାଗ କରିଛନ୍ତି। ସେ ଜଣେ ଧର୍ମପରାୟଣ ଓ ମହୀୟସୀ ମହିଳା ଥିଲେ। ଏହି ଉପଲକ୍ଷେ ଆଜି ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟରେ ସ୍ୱର୍ଗତା ଉମା ମହାପାତ୍ରଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ କଟକ ସଦର ଶ୍ରୀ ଲକ୍ଷ୍ମଣ କୁମାର ବେହେରା, ଭାରପ୍ରାପ୍ତ ସହକାରୀ ସୂଚନା ଅଧିକାରୀ ଶ୍ରୀ ଅଭିରାମ ଦାସ, ଉପ-ବିଭାଗୀୟ ଅଧିକାରୀ ତଥା କଟକ କଲେକ୍ଟୋରେଟ ଷ୍ଟାଫ କମିଟିର ସଭାପତି ଶ୍ରୀ ବିଶ୍ୱମୋହନ ମହାପାତ୍ର, ପ୍ରକ୍ଷେପକ ଶ୍ରୀ ଦିଲ୍ଲୀପ କୁମାର ସିହ୍ନା,କନିଷ୍ଠ ରାଜସ୍ୱ ସହାୟକ ଶ୍ରୀ ଶିବ ପ୍ରସାଦ ମହାନ୍ତି, ଗ୍ରନ୍ଥାଗାରିକ ଶ୍ରୀ ତାପସ କୁମାର ଓଝା, ଶ୍ରୀ ଆକାଶ କୁମାର ମାଝୀଙ୍କ ସମେତ କାର୍ଯ୍ୟାଳୟ କର୍ମଚାରୀ ଶ୍ରୀ ମୀନକେତନ ପରିଡା, ବନଲତା ବେହେରା ପ୍ରମୁଖ ନୀରବ ପ୍ରାର୍ଥନାରେ ଯୋଗଦେଇଥିଲେ।

### ବିଜେଡି ସମର୍ଥିତ ପଦ୍ମନାଭ ସାହୁ

# କୁତୁରଙ୍ଗ ସମବାୟ ସମିତିର ସଭାପତି



କେନ୍ଦ୍ରାପଡ଼ା, (ନି.ପ୍ର.) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୁତୁରଙ୍ଗ ପ୍ରାଥମିକ କୃଷି ସମବାୟ ସମିତିରେ ସଭାପତି ଭାବେ ପୂର୍ବତନ ସରପଞ୍ଚ ପଦ୍ମନାଭ ସାହୁ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି। ଏହି ସେବା ସମବାୟ ସମିତିରେ ୧୫ଜଣ ନିର୍ଦ୍ଦେଶକଙ୍କ ମଧ୍ୟରୁ ୮ଜଣ ବିଜେଡି ସମର୍ଥିତ ହୋଇଥିବା ବେଳେ ୬ଜଣ କଂଗ୍ରେସ ସମର୍ଥିତ ନିର୍ଦ୍ଦେଶକ ଅଛନ୍ତି। ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ଥିବା ନିର୍ଦ୍ଦେଶକ ପଦଟି ଖାଲି ରହିଛି। କୁତୁରଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୀତାସୁନ୍ଦରୀ ମଲିକ ଓ ବିଜେଡି ଦଳ ପକ୍ଷରୁ ନିର୍ବାଚନ ପରିଚାଳନା ଦାୟୀତ୍ୱରେ ଥିବା ଯୁବନେତା ନରୋତ୍ତମ ମଲିକ ଏବଂ ସମିତିର ପୂର୍ବତନ ସଭାନେତ୍ରୀ ସୁମିତ୍ରା ସାହୁଙ୍କ ଉଦ୍ୟମ କ୍ରମେ ବିଜେଡି ସମର୍ଥିତ ନିର୍ଦ୍ଦେଶକ ପଦ୍ମନାଭ ସାହୁ ଏକମାତ୍ର ପ୍ରାର୍ଥୀ ଭାବେ ସଭାପତି ପଦ ନିମନ୍ତେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଅନ୍ୟ କୌଣସି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିନଥିଲେ। ତେଣୁ ଶ୍ରୀ ସାହୁ ସମିତିର ସଭାପତି ଭାବେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ଏହି ଅବସରରେ ଗୋଲଖ ଚନ୍ଦ୍ର ଜେନା, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ସନତ କୁମାର ଜେନା, ବାସୁଦେବ ଜେନା, ସୁରେଶ ଚନ୍ଦ୍ର ସ୍ୱାଇଁ, ସମିତି ସଭ୍ୟା ମିନତୀ ଦାସ, ଦୁଃଶାସନ ମଲିକ, ମନୋରଞ୍ଜନ ଜେନା, ଅଭୟ କୁମାର ଦାସ, ସରକାରୀ ଓକିଲ ନିରଞ୍ଜନ ବଳ, ରାଜୀବ ପାତ୍ର, ଅଜୟ କୁମାର ସ୍ୱାଇଁ, ନାଏବ ସରପଞ୍ଚ ସବିତା ଦାସ ଏବଂ ତିନୋଟି ପଞ୍ଚାୟତର ଶତାଧିକ ବିଜେଡିକର୍ମୀ ମାନେ ଉପସ୍ଥିତ ରହି ନବ ନିର୍ବାଚିତ ସମିତି ସଭାପତି ଶ୍ରୀ ସାହୁଙ୍କୁ ମିଷ୍ଟାନ୍ନ ଖୁଆଇ ଶୁଭେଚ୍ଛା ଜଣାଇଥିଲେ।

### ଲଗାଣବର୍ଷାରେ ଚନ୍ଦନପୁର ମୁସଲିମ ବସ୍ତି ଜଳବନ୍ଦୀ

# ଜଳ ନିଷ୍କାସନ ପାଇଁ ଦାବି

କେନ୍ଦ୍ରାପଡ଼ା, (ନି.ପ୍ର.) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚନ୍ଦନପୁର ଗ୍ରାମପଞ୍ଚାୟତର ଚନ୍ଦନପୁର ମୁସଲିମ ବସ୍ତିଟି ଲଗାଣ ବର୍ଷା। ଫଳରେ ଜଳବନ୍ଦୀ ହୋଇଯାଇଛି। ରାସ୍ତା ପାଣିରେ ବୁଡିଯିବା ସହ ଲୋକଙ୍କ ଘରେ ପାଣି ପଶିଯାଇଥିବା ଅଭିଯୋଗ ହୋଇଛି। ସେହି ବର୍ଷାଜଳ ନିଷ୍କାସନର କୌଣସି ବ୍ୟବସ୍ଥା କରାଯାଇନଥିବାରୁ ସାଧାରଣ ଲୋକ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ୭ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି ପ୍ରମୁଖ ଜଳବନ୍ଦୀ ଥିବା ବସ୍ତିର



ଲୋକମାନଙ୍କ ନିକଟରେ ପହଞ୍ଚି ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହିତ କେନ୍ଦ୍ରାପଡାର ଭାରପ୍ରାପ୍ତ ବିଡିଓ ଅଶୋକ ମହାନ୍ତି ଏବଂ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କୁ ଏସମ୍ପର୍କରେ ଜଣାଇ ତୁରନ୍ତ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି କରିଛନ୍ତି। ସେହି ଅଞ୍ଚଳରେ ଥିବା ଜବରଦଖଲକୁ ମୁକ୍ତ କରାଯିବା ସହ ଜଳ ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା ଓ ଡ୍ରେନ ନିର୍ମାଣ ପାଇଁ ଉଭୟ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# କେନ୍ଦ୍ରାପଡା ଉପଖଣ୍ଡ ପୋଲିସ କାର୍ଯ୍ୟାଳୟର ନୂତନ ଗୃହ ଉଦ୍‌ଘାଟିତ




କେନ୍ଦ୍ରାପଡ଼ା, (ନି.ପ୍ର.) : କେନ୍ଦ୍ରାପଡା ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଆରକ୍ଷୀ ଅଧିକ୍ଷକ ସନ୍ଦିପ ସମ୍ପଦ ମଡ଼କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟର ନୂତନ ଗୃହକୁ ଫିତା କାଟି ଉଦ୍‌ଘାଟନ କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସନ୍ନିକଟରେ ଥିବା ପୁରୁଣା ଉପଖଣ୍ଡ ପୋଲିସ କାର୍ଯ୍ୟାଳୟ ନିକଟରେ ଅବସ୍ଥିତ ଏହି ନୂତନ ଗୃହ ଓଡିଶା ରାଜ୍ୟ ପୋଲିସ ଗୃହ ନିର୍ମାଣ ନିଗମ ଦ୍ୱାରା ନିର୍ମାଣ କରାଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଇନ୍ଦ୍ରମଣି ବେହେରା, ହରେଶ ପାଣ୍ଡେ, କେନ୍ଦ୍ରାପଡା ଏସଡିପିଓ ରାଜୀବ ଲୋଚନ ପଣ୍ଡା, ପଟ୍ଟାମୁଣ୍ଡାଇ ଏସଡିପିଓ ସନ୍ଧ୍ୟାରାଣୀ ବେହୁରା, ଡିଏସପି କାର୍ତ୍ତିକ ମଲ୍ଲିକ, ଟାଉନ ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି, ନିକିରାଇ ଥାନା ଅଧିକାରୀ କାଦମ୍ବିନୀ ପରିଡା ପ୍ରମୁଖ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

### ବାଇକ ଚଳାଇବା ବେଳେ ମୋବାଇଲରେ

# କଥା ହୋଇ ଜରିମାନା ଦେଲେ ଚାଳକ

କେନ୍ଦ୍ରାପଡ଼ା, (ନି.ପ୍ର.) : ମୋବାଇଲରେ କଥା ହୋଇ ବାଇକ ଚଳାଉଥିବା ଯୁବକମାନଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ପୁଣି ଆରମ୍ଭ ହୋଇଛି। ଟାଉନ୍ ଥାନା ପୋଲିସ ପକ୍ଷରୁ ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟିଙ୍କ ନିର୍ଦ୍ଦେଶ କ୍ରମେ ସହରର ନୂଆ ବସଷ୍ଟାଣ୍ଡ ନିକଟରେ ଗୁରୁବାର ରାତିରେ ଗାଡି ଗୁଡିକର କଡ଼ା କଡ଼ି ଯାଞ୍ଚ କରାଯାଇଥିଲା। ସେହି ସମୟରେ କେତେକ ଯୁବକ ମୋବାଇଲରେ କଥା ହୋଇ ବାଇକ ଚଳାଇ ସେହି ରାସ୍ତାରେ ଯାଉଥିଲେ। ସେମାନଙ୍କୁ ଟାଉନ୍ ଥାନା ସବଇନ୍ସପେକ୍ଟର ରତିରଞ୍ଜନ




ନାୟକ ନୂଆ ବସଷ୍ଟାଣ୍ଡ ନିକଟରେ ଯାଞ୍ଚ ସମୟରେ ଧରିଥିଲେ। ସେହିପରି ତିନି ଜଣ ବାଇକରେ ବସି ଯାଉଥିବା ବାଇକକୁ ମଧ୍ୟ ଅଟକାଯାଇ ସେମାନଙ୍କ ଠାରୁ ଜୋରିମାନା ଆଦାୟ କରାଯାଇଥିଲା। ଘଟଣା ସ୍ଥଳରେ ଉପସ୍ଥିତ ଥିବା ପୋଲିସ ଅଧିକାରୀ ଓ କର୍ମଚାରୀମାନେ କହିଥିଲେ ଆମେ ଲୋକଙ୍କୁ ସଚେତନ କରିବା ପାଇଁ ଏଭଳି ଯାଞ୍ଚ କରିଥିଲୁ। ଲୋକେ ସଚେତନ ନ ହେଲେ ସେମାନେ ସମସ୍ୟାରେ ପଡିବେ। କାରଣ ମୋବାଇଲରେ କଥା ହୋଇ ବାଇକ ଚଳାଇବା ଦ୍ୱାରା ସେମାନେ ଗାଡି ଉପରୁ ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ଶିକାର ହେଉଛନ୍ତି।

# କେନ୍ଦ୍ରାପଡାରେ ଖୋଲିଲା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ

କେନ୍ଦ୍ରାପଡ଼ା, (ନି.ପ୍ର.) : କେନ୍ଦ୍ରାପଡା ଜିଲ୍ଲା ନ୍ୟାୟାଳୟ ପରିସରରେ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାଜଜ ଗୋପାଳ ଚନ୍ଦ୍ର ବେହେରା ଆନୁଷ୍ଠାନିକ ଭାବେ ଏହି ସ୍ୱତନ୍ତ୍ର ଅଦାଲତକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲାରେ ବାଳ ଅପରାଧ ଓ ଶିଶୁ ଯୌନ ନିର୍ଯ୍ୟାତନା ମାମଲା ଗୁଡିକର ତୁରନ୍ତ ଫଇସଲା ପାଇଁ ଏହି ଅଦାଲତ ଅଗ୍ରାଧିକାର ଭିତିରେ କାର୍ଯ୍ୟ କରିବା ସହ ଜିଲ୍ଲାରେ ବାଳ ଅପରାଧକୁ ନିୟନ୍ତ୍ରଣ ଦିଗରେ ଏହା ସହାୟକ ହୋଇପାରିବ ବୋଲି ଜିଲ୍ଲାଜଜ ଶ୍ରୀ ବେହେରା ଏହି ଅବସରରେ କହିଥିଲେ। ଏହି ସ୍ୱତନ୍ତ୍ର ଅଦାଲତର ସ୍ୱତନ୍ତ୍ର ନ୍ୟାୟାଧିକାରୀ ଭାବେ ପ୍ରଣତୀ ପଟ୍ଟନାୟକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଫାଷ୍ଟଟ୍ରାକ୍ କୋର୍ଟ ଜଜ ତ୍ରିବିକ୍ରମ କେଶରୀ ଚିନାରା, ପରିବାର ଅଦାଲତ ଜଜ ବିକାଶ ଚନ୍ଦ୍ର ଦେ, ଅତିରିକ୍ତ ଜିଲ୍ଲାଜଜ ଅଜୟ କୁମାର ପ୍ରଧାନ, ସମସ୍ତ ବିଚାର ବିଭାଗୀୟ ଜଜ, ଜିଲ୍ଲା ଓକିଲ ସଙ୍ଘ ସଭାପତି ଧ୍ରୁବ ଚରଣ ଜେନା, ସଂପାଦକ ଜୀତେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସମନ୍ୱିତ ଶିଶୁ ବିକାଶ ଯୋଜନା ଓ ସମାଜ କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଙ୍କ ନବରଙ୍ଗପୁର ଗସ୍ତ ଓ ଜିଲ୍ଲାସ୍ତରୀୟ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ର ସମୀକ୍ଷା।



ନବରଙ୍ଗପୁର **୨୫ /୦୭ (ନି.ପ୍ର.) :** ରାଜ୍ୟ ସମନ୍ୱିତ ଶିଶୁ ବିକାଶ ଯୋଜନା ଓ ସମାଜ କଲ୍ୟାଣ ବିଭାଗ ନିର୍ଦ୍ଦେଶକ ତଥା ଆକାଂକ୍ଷା ଜିଲ୍ଲା ପ୍ରଭାରୀ ଶ୍ରୀ ଅରବିନ୍ଦ ଅଗ୍ରୱାଲ ନବରଙ୍ଗପୁର ଗସ୍ତରେ ଆସି ଜିଲ୍ଲାର ଝରିଗାଁ, ଉମରକୋଟ, ରାଇଘର, ବ୍ଲକ ର କ୍ଷେତ୍ର ପରିଦର୍ଶନ କରି ଜିଲ୍ଲାର ଉନ୍ନତି ଓ ବିକାଶ ପାଇଁ ସରକାର ଙ୍କ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବୁଲି ଦେଖିଥିଲେ ଏଥିରେ ଭାରତ ମାଲା ପ୍ରକଳ୍ପ,ଅମୃତ ସରୋବର ଅଙ୍ଗନୱାଡ଼ି କେନ୍ଦ୍ର, ରାସ୍ତା ନିର୍ମାଣ କାର୍ଯ୍ୟ, ଉଦ୍ୟାନ କୃଷି ରେ ଉନ୍ନତ ମାନର କଳରା ଚାଷ ଇତ୍ୟାଦି ଦେଖି ପ୍ରଶଂସା କରିଥିଲେ। ଜିଲ୍ଲାପାଳ ଡକ୍ଟର କମଳ ଲୋଚନ ମିଶ୍ର, ନିର୍ଦ୍ଦେଶକ ଶ୍ରୀ ଅଗ୍ରୱାଲ ଙ୍କୁ ସର୍କିଟ ହାଉସ ରେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ଏବଂ ଏହି କ୍ଷେତ୍ର ପରିଦର୍ଶନରେ ନିର୍ଦ୍ଦେଶକ ଙ୍କ ସହିତ ଜିଲ୍ଲାପାଳ ଡକ୍ଟର ମିଶ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ରତ୍ନାକର ସାହୁ, ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। କ୍ଷେତ୍ର ପରିଦର୍ଶନ ପରେ ମିଶନ ଶକ୍ତି ସଭା ଗୃହରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ନିର୍ଦ୍ଦେଶକ, ଆକାଂକ୍ଷା ଜିଲ୍ଲା ପ୍ରଭାରୀ ଅଧିକାରୀ ଶ୍ରୀ ଅଗ୍ରୱାଲ ଯୋଗଦେଇ ଜିଲ୍ଲାର ବିଭିନ୍ନ ବିଭାଗୀୟ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଜିଲ୍ଲାପାଳ ଡକ୍ଟର ମିଶ୍ର ଜିଲ୍ଲାର ଉନ୍ନତି ଓ ବିକାଶ ପଥରେ କାର୍ଯ୍ୟକାରୀ କରାଯାଉଥିବା ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ଏଥିରେ ସ୍ୱାସ୍ଥ୍ୟ ସେବା, ସମନ୍ୱିତ ଶିଶୁ ବିକାଶ, ସମାଜ କଲ୍ୟାଣ, ଶିଶୁ ସୁରକ୍ଷା, ଦକ୍ଷତା ବିକାଶ, କୃଷି, ପ୍ରାଣୀ ଚିକିତ୍ସା, ଶିକ୍ଷା ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ସମୀକ୍ଷା କରିଥିଲେ ଏବଂ ସନ୍ତୋଷ ପ୍ରକାଶ କରି ବିଭାଗୀୟ ଅଧିକାରୀ ମାନେ ଅଧିକ ଯତ୍ନବାନ୍ ହୋଇ ଜନ କଲ୍ୟାଣ ଯୋଜନା ର ସଫଳ ରୂପାୟନ ରେ ନିଜର ଦାୟିତ୍ୱ ତୁଲାଇ ବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ଙ୍କ ସମେତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ରତ୍ନାକର ସାହୁ, ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର କାଳୀ ପ୍ରସାଦ ବେହେରା, ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଭିମନ୍ୟୁ ମାଝୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ସ୍ୱର୍ଣ୍ଣ ଲତା ବିଶ୍ୱାସ, ଅଧିକ୍ଷଣ ଯନ୍ତ୍ରୀ ପୂର୍ତ୍ତ ବିଭାଗ ପ୍ରଫୁଲ୍ଲ କୁମାର ମିଶ୍ର ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

# କେନ୍ଦୁ ପତ୍ର ବୋଝେଇ ଟ୍ରକ ଜବତ ଓ ୨ ଗିରଫ ର ଘଟଣାର ଧୀରେଧୀରେ ଖୁଲୁଛି ଗୁମର



ଡାବୁଗାଁ,**୨୫ /୦୭ (ନି.ପ୍ର.) :** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବନ ବିଭାଗ କେନ୍ଦୁପତ୍ର ଚୋରା ଚାଲାଣ ଅଭିଯୋଗରେ ଗୁରୁବାର ଦିନ ୨ ଜଣ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। କିନ୍ତୁ ପ୍ରକୃତ ଘଟଣାଟି ବର୍ତ୍ତମାନ ସମାନକୁ ଆସିଛି । ସୂଚନା ଅନୁଯାୟୀ କେନ୍ଦୁ ପତ୍ର ବୋଝେଇ ଟ୍ରକ ପେରମିଟ ପାଇଁ ଗାଡ଼ିଟି ତିନି ଦିନ ହେବ ଛିଡା ହୋଇଥିଲା। କେନ୍ଦୁପତ୍ର ନେବାପାଇଁ ନବରଙ୍ଗପୁର ବନାଞ୍ଚଳ ପାଖକୁ ପରମିଟ ପାଇଁ ଯାଇଥିବା ସମୟରେ ହିର୍ଲି ଗ୍ରାମ ରେ ଠିଆ ହୋଇଥିବା ଗାଡି ଡ୍ରାଇଭରକୁ ଧମକାଇ ଜୋର ଜବରଦସ୍ତ ଗାଡିକୁ ଅଣା ଯାଇଥିବା କହୁଛନ୍ତି ଗାଡି ମାଲିକ ଏବଂ ହିର୍ଲି ଗ୍ରାମ ର ସ୍ଥାୟୀ ବାସିନ୍ଦା। ତତ ସଙ୍ଗେ ମୈଦଲପୁର ସରପଞ୍ଚ ଚନ୍ଦ୍ର ଧ୍ୱଜ ମାଝୀ ଏବଂ ଗଦବା କତରା ସରପଞ୍ଚ ସହ ମୋଇଦଲ ପୁର ଏକ୍ସ ସରପଞ୍ଚ ।ଏବିଷୟରେ ପାପଡାହାଣ୍ଡି ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀଙ୍କୁ ମଧ୍ୟ ଯୋଗାଯୋଗ କରିଥିଲୁ କିନ୍ତୁ ତାଙ୍କର କଥାର କିଛି ତାଳମେଳ ରହୁନଥିବା ଦେଖିବାକୁ ମିଳିଛି ।ସରକାରୀ କାଗଜପତ୍ରରେ ଗାଡି ବୁଧବାର ରାତି ପେଟରଲିଙ୍ଗ ସମୟରେ ସିଜ୍ କରାଯାଇଥିବା ଦର୍ଶାଇ ୫୭/ ୨୨-୨୩ ରେ ଏକ ମାମଲା ରୁଜୁ କରାଯାଇ ୨ଜଣକୁ କୋର୍ଟ ଚାଲାଣ କରାଯାଇଛି କିନ୍ତୁ ଗାଡି ବୁଧବାର ଦିନ ଦିନ ସମୟରେ ଜବତ କରିଥିବା ସ୍ଥାନୀୟ ବାସିନ୍ଦାମାନେ,ତିନୋଟି ସରପଞ୍ଚ ଏବଂ ଗାଡି ଚାଳକ କହୁଛନ୍ତି ।ଏହା ସହ ସରପଞ୍ଚଙ୍କ ଅନୁମତି ନେବାପରେ ପତ୍ର କିଣାଯାଇଛି।ଯାହାବି ହେଉ ପ୍ରଶାସନ ପକ୍ଷରୁ ଏହି ଘଟଣାର ଉପଯୁକ୍ତ ତଦନ୍ତ ହେବା ଦରକାର ।ଯେପରି ପ୍ରକୃତ ଦୋଷୀ ସାମ୍ନାକୁ ଆସିପାରିବ ଏବଂ ଦୁଇ ଶହ ରୁ ଉର୍ଦ୍ଧ୍ୱ ନିରୀହ ଆଦିବାସୀ କେନ୍ଦୁପତ୍ର ତଳାଳି ମହିଳା ମାନେ ସେମାନଙ୍କ ପରିଶ୍ରମର ଫୋଳ ବା ପଇସା ପାଇ ପାରିବେ।ରିପୋଟ ମିହୀର ଶଙ୍କର ପାତ୍ର,ନବରଙ୍ଗପୁର

# ଚୁଡ଼ା, ମୁଢ଼ି, ଗୁଡ଼, ଦୁଗ୍ଧ ଜାତ ଦ୍ରବ୍ୟ ଉପରେ ସରକାରଙ୍କ ଜିଏସ୍‌ଟି ପ୍ରତ୍ୟାହାର ଦାବୀରେ ଏ.ଆଇ.ଏମ୍.ଏସ୍‌ର ପ୍ରତିବାଦ ଦିବସ

ଯାଜପୁର **୨୫/୦୭ (ନି.ପ୍ର.) :** ସ୍ୱାଧୀନତାର ୭୫ ତମ ଜୟନ୍ତୀ ଅମୃତ ମହୋତ୍ସବ ପାଳନ ଅବସରରେ କୋଟି କୋଟି ଲୋକ ଦାରିଦ୍ର, ବେକାରୀ, ମୂଲ୍ୟବୃଦ୍ଧି, ମଜୁରୀ ହ୍ରାସ, ଅପପୃଷ୍ଟ ଅଶିକ୍ଷା କଳାବଜାରୀ ଆଦି



ନାନାଦି ସମସ୍ୟାରେ ଜର୍ଜରିତ। ଆମେ ଅତ୍ୟନ୍ତ ବେଦନାର ସହ ଲକ୍ଷ୍ୟ କରୁଛୁକି କେନ୍ଦ୍ର ସରକାର, ଚୁଡ଼ା, ମୁଢ଼ି, ଖଇ, ମୁଆଁ, ଚାଉଳ, ଗହମ, ଦୁଗ୍ଧ, ଦହି, ଛେନା, ଚିନି, ଗୁଡ଼ ପ୍ରଭୃତି ଖାଦ୍ୟ ସାମଗ୍ରୀ ଉପରେ ୫% ଜିଏସ୍‌ଟି ଲାଗୁକରି ଗରିବ ଲୋକଙ୍କ ମୁହଁରୁ ଆହାର ଛଡ଼ାଇ ନେଉଛନ୍ତି। ଏହା ବ୍ୟତିତ ପାଠ ପଢୁଥିବା ପିଲା ବ୍ୟବହାର କରୁଥିବା ପେନ୍‌ସିଲ୍, ପେନ୍‌ସିଲ୍ କଟର, ଡ୍ରଇଂସିଟ୍, କମ୍ପ୍ୟୁଟର ପ୍ରଭୃତି ଉପରେ ୧୮% ଜି.ଏସ୍.ଟି. ଲାଗୁ କରି ସେମାନଙ୍କ ପାଠରେ ଡୋରି ବାନ୍ଧୁଛନ୍ତି। ଏହି ପରିପ୍ରେକ୍ଷିରେ ଆଜି ଏ.ଆଇ.ଏମ୍.ଏସ୍.ଏସ୍‌ର ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଏକ ପ୍ରତିବାଦ ଦିବସ ପାଳନ କରାଯାଉଛି। ଆଜି ଯାଜପୁର ଜିଲ୍ଲା ସଂଗଠନ ପକ୍ଷରୁ ଯାଜପୁର ଟାଉନ ଠାରେ ଏକ ପ୍ରତିବାଦ ସଭା ଶାନ୍ତିଲତା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଥିଲା। କମ୍ରେଡ ସୁଲୋଚନା ପ୍ରଧାନ, ମମତା ସେଠୀ ପ୍ରଭାତି ମଲ୍ଲିକ, ସମୀକ୍ଷା ସେଠୀ ଅଂଶ ଗ୍ରହଣ କରି ସରକାରଙ୍କ ଏହି ନିଷ୍ପତ୍ତି ଜି.ଏସ୍.ଟିକୁ ତୁରନ୍ତ ପ୍ରତ୍ୟାହାର ପାଇଁ ଦୃଢ଼ ଦାବୀ ଜଣାଇଥିଲେ।

# ରାଖାଲଗୋପ ସରକାରୀ ଉଚ୍ଚ ବିଦ୍ୟାଳୟର କୃତୀ ଛାତ୍ରମାନଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା ସଭା

ବାରିପଦା ମସିହା ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କ ନିମନ୍ତେ ଏକ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଲକ୍ଷ୍ମୀଧର ବସାଙ୍କ ପୌରହିତ୍ୟରେ



ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ସି.ଆର.ସିସି ଶ୍ରୀଯୁକ୍ତ ଧନଞ୍ଜୟ ସାହୁ, ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ଶ୍ରୀଯୁକ୍ତ ଯଦୁନାଥ ପାଣିଗ୍ରାହୀ ଓ ବିଜୟ କୁମାର ଜେନାଙ୍କ ଉପସ୍ଥିତ ହୋଇ ଛାତ୍ରମାନଙ୍କୁ ବହୁ ଉପଦେଶ ପ୍ରଦାନ କରିଥିଲେ। ଏଥିରେ ଇ ୧ ଗ୍ରେଡ ପାଇଥିବା ଛାତ୍ରଦ୍ୱୟ କୌଶଳ କୃଷ୍ଣକାନ୍ତ ରାଜ (୫୪୭) ଓ କୌଶିକ ଶେଷନାଗ ରାଜ (୫୫୭) ନମ୍ବର ରଖି ବିଦ୍ୟାଳୟର ଗୌରବ ବୃଦ୍ଧି କରିପାରିଥିବାରୁ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଶିକ୍ଷୟିତ୍ରୀ ଶ୍ରୁତି ମହାନ୍ତି, ସଂଧ୍ୟାରାଣୀ ବେରା, ମିନତୀ ମହାପାତ୍ର, ଗୀତିକୃଷ୍ଣା ମହାପାତ୍ର , ଅଫିସ୍ ସହାୟକ ଶିତାଂଶୁ ଶେଖର ପାତ୍ର ଓ ଶିକ୍ଷା କର୍ମଚାରୀ ଚନମଣୀ ମାର୍ଣ୍ଣି ପ୍ରଭୃତି ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଅଜିତ୍ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ମେଣ୍ଢାଶାଳ ପଞ୍ଚାୟତରେ ବୃକ୍ଷରୋପଣ

ମେଣ୍ଢାଶାଳ ମେଣ୍ଢାଶାଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ହରିଡାମଡ଼ା ଆଶ୍ରମ ବିଦ୍ୟାଳୟ ପରିସରରେ ଆଜି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆମ୍ବ, ପଣସ, କରମଙ୍ଗା, ଜାମ୍ବୁ, ବଉଳ, ପିସ୍ତା ବାଦାମ ଆଦି କଲମୀ ଫଳଚାରା ରୋପଣ କରାଯାଇଛି। ବର୍ତ୍ତମାନ ପରିବେଶ ପ୍ରଦୂଷଣ ବୃଦ୍ଧି ପାଉଥିବାରୁ ବୃକ୍ଷରୋପଣ ଏକାନ୍ତ ଆବଶ୍ୟକ ପଦକ୍ଷେପ ବୋଲି ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ଶ୍ରୀ ପ୍ରଭାତ କୁମାର ରାଉତରାୟ ଅଞ୍ଚଳର ବସିନ୍ଦାମାନଙ୍କୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଦ୍ୱାରା ସଚେତନତାର ବାର୍ତ୍ତା ଦୀର୍ଘ ୫ ବର୍ଷ ହେଲା ପ୍ରଚାର କରିଆସୁଛନ୍ତି ଏବଂ ସେ ଆଜିର କାର୍ଯ୍ୟକ୍ରମକୁ ପରିଚାଳନା ସହିତ ସମସ୍ତ ଫଳଚାରା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହିତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ କେଦାର ସ୍ୱାଇଁ, ହରିଡାମଡ଼ା ଗ୍ରାମର ବରିଷ୍ଠ ନାଗରିକ ଶ୍ରୀଯୁକ୍ତ ଫକୀର ଚରଣ ବେହେରା ଏବଂ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।

# ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ

କୋଣାର୍କ, ଗରୀବ ଛାତ୍ରଛାତ୍ରୀଙ୍କ ମନରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ଲକ୍ଷ ନେଇ ଜଗନ୍ନାଥପୁର ଶିକ୍ଷାବିକାଶ ମଞ୍ଚ ପକ୍ଷରୁ ଜଗନ୍ନାଥପୁର ଗ୍ରାମର ଗରୀବ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଛି । ମହାମାରୀ କରୋନା ସମୟରେ ସ୍କୁଲ ଠାରୁ ଦୁରେଇ ରହିଥିବା ଛାତ୍ରଛାତ୍ରୀଙ୍କ ମନରେ ପୁଣିଥରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦେଶ୍ୟରେ ଜଗନ୍ନାଥପୁର ଶିକ୍ଷାବିକାଶ ମଞ୍ଚ ପକ୍ଷରୁ ଶିକ୍ଷା ସଚେତନତା ସମ୍ପର୍କିତ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଜଗନ୍ନାଥପୁର ଶିକ୍ଷାବିକାଶ ମଞ୍ଚର ଅଧକ୍ଷ ପପୁ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଂପ୍ରତିକ ସମାଜରେ ଶିକ୍ଷାର ଆବଶ୍ୟକତାକୁ ଉପଲବ୍ଧି କରି ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକମାନେ ସଚେତନ ହେବା ଜରୁରି ହୋଇପଡିଛି । ଆଜିର ଛାତ୍ରଛାତ୍ରୀ କାଲିର ଭବିଶ୍ୟତ । ପ୍ରାରମ୍ଭିକ ଶିକ୍ଷାରେ ଛାତ୍ରଛାତ୍ରୀମାନେ ବିକଶିତ ହୋଇପାରିଲେ ସେମାନଙ୍କ ଭବିଶ୍ୟତ ଉଜ୍ଜ୍ୱଳ ହେଇପାରିବ । ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଓ ସମସ୍ତଙ୍କ କ୍ଷେତ୍ରରେ ଶିକ୍ଷାର ବିକାଶ ପାଇଁ ଜଗନ୍ନାଥପୁର ଶିକ୍ଷାବିକାଶ ମଞ୍ଚ ଏହି ପ୍ରୟାଶ ଆରମ୍ଭ କରିଛି । ଏହି କାର୍ଯ୍ୟକ୍ରମକୁ ଜଗନ୍ନାଥପୁର ଶିକ୍ଷାବିକାଶ ମଞ୍ଚର ସଦସ୍ୟ ତୁଷାର ଲେଙ୍କା, ରାଜା ସ୍ୱାଇଁ, ପାପୁନୀ ବେଜ, ତପୁ ରାଉତ, ମୁନା ସେଠୀ ପ୍ରମୁଖ ପରିଚାଳନା କରିଥିଲେ ।

# ଭିନ୍ନକ୍ଷମ ପିଲାଙ୍କ ନିମିତ ଗୋଷ୍ଠୀ ସମ୍ବଳ କେନ୍ଦ୍ର ଉଦ୍‌ଘାଟିତ

ଢେଙ୍କାନାଳ - ପୌରାଂଚଳ ଅନ୍ତର୍ଗତ ଗୁଡିଆନାଳୀଠାରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ନିମିତ ଏକ ଗୋଷ୍ଠୀ ସମ୍ବଳ କେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ସଦର ଏ.ବି.ଇ.ଓ. ଦେବବ୍ରତ ନାଥଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ସଦର ବି.ଇ.ଓ ବ୍ରହ୍ମାନନ୍ଦ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସମ୍ବଳ କେନ୍ଦ୍ରରେ ଗଚ୍ଛିତ ଶିକ୍ଷଣ ସାମଗ୍ରୀଗୁଡିକୁ ବିନିଯୋଗ କରି ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ଶିକ୍ଷଣ ସହଜ ଓ ସୁଗମ କରିପାରିଲେ କେନ୍ଦ୍ର ପ୍ରତିଷ୍ଠାର ଉଦ୍ଦେଶ୍ୟ ସାଧିତ ହୋଇପାରିବ ବୋଲି ବି.ଇ.ଓ ଶ୍ରୀ ରାଉତ ମତ ପୋଷଣ କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ଇତିଶ୍ରୀ ମହାନ୍ତି ଓ ବୀଣାପଣି ସେନାପତି କେନ୍ଦ୍ର ପ୍ରତିଷ୍ଠାର ଉଦ୍ଦେଶ୍ୟ ଓ ଉପଯୋଗିତା ସଂପର୍କରେ ଆଲୋକପାତ କରିବା ସହିତ କେନ୍ଦ୍ରରେ ଗଚ୍ଛିତ ଶିକ୍ଷଣ ଉପକରଣଗୁଡିକର ପ୍ରୟୋଗାତ୍ମକ ପ୍ରଦର୍ଶନ କରିଥିଲେ।

# ପ୍ରଧାନଶିକ୍ଷକମାନଙ୍କର ତାଲିମ୍ ଶିବିର

ଢେଙ୍କାନାଳ- ସ୍ଥାନୀୟ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ବିଦ୍ୟାଳୟ ପାଣ୍ଠି ପରିଚାଳନା ସଂପର୍କିତ ଦୁଇଦିନିଆ ତାଲିମ୍ ଶିବିରି ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ତାଲିମ୍ ଶିବିରରେ ବିଦ୍ୟାଳୟକୁ ଆସୁଥିବା ବିଭିନ୍ନ ଅନୁଦାନ ଓ ତାହାର ସୁବିନିଯୋଗ ସଂପର୍କରେ ଆଲୋକପାତ କରାଯାଇଥିଲା।

# ସାଧନକେନ୍ଦ୍ର ସଂଯୋଜକଙ୍କୁ ଡେସ୍କଟପ୍ ବିତରଣ ଅନଲାଇନ ତଥ୍ୟ ପ୍ରଦାନରେ ମିଳିବ ସୁବିଧା - ବିଇଓ

କୋଣାର୍କ,**୨୫ /୦୭ (ନି.ପ୍ର.) :** ଜାତୀୟ ଶିକ୍ଷାନୀତି-୨୦୨୦ର ଲକ୍ଷ୍ୟସାଧନ ତଥା ସମଗ୍ର ଶିକ୍ଷା କାର୍ଯ୍ୟକ୍ରମର ସଫଳ ରୂପାୟନ କ୍ଷେତ୍ରରେ ସାଧନକେନ୍ଦ୍ର ସଂଯୋଜକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସଂପ୍ରତି ପ୍ରତ୍ୟେକ କାର୍ଯ୍ୟରେ ଆଇସିଟିର ବ୍ୟବହାର ଜରୁରୀ ହୋଇପଡିଛି। ଏଥିପାଇଁ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସାଧନକେନ୍ଦ୍ର ସଂଯୋଜକ(ସିଆରସିସି)ମାନଙ୍କୁ ଡେସ୍କଟପ୍ ଯୋଗାଇ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଗୋପ ମଣ୍ଡଳ ଶିକ୍ଷାଧିକାରୀ ସୁଶିଲ କୁମାର ବ୍ରହ୍ମା ୧୪ଜଣ ସିଆରସିସିଙ୍କୁ ଡେସ୍କଟପ୍ ବିତରଣ କରିଛନ୍ତି। ଗୋପ ମଣ୍ଡଳ ଶିକ୍ଷା ବିଭାଗ ଅନ୍ତର୍ଗତ ୨୦ଟି କ୍ଲଷ୍ଟର ମଧ୍ୟରୁ ୫ବର୍ଷ କାର୍ଯ୍ୟକାଳ ସମାପ୍ତ ପରେ ମଧ୍ୟ ୭ବର୍ଷ ଧରି କାର୍ଯ୍ୟ କରୁଥିବା ୪ଜଣ ସିଆରସିସି, ସ୍ନାତକ ଶିକ୍ଷକରୂପେ ପ୍ରମୋଶନ ପାଇଥିବା ଜଣେ ଓ ବ୍ୟକ୍ତିଗତ ଅସୁବିଧା ଦର୍ଶାଇ ଦାୟିତ୍ୱରୁ ଇସ୍ତଫା ଦେଇଥିବା ଜଣେ ସିଆରସିସିଙ୍କୁ ଡେସ୍କଟପ୍ ପ୍ରଦାନ କରାଯାଇନାହିଁ। ଖୁବଶିଘ୍ର ଖାଲି ହୋଇଥିବା ୬ଜଣ ସିଆରସିସି ପଦବୀ ପୂରଣ କରାଯିବା ସହିତ ନୂତନ ସିଆରସିସିମାନଙ୍କୁ ଡେସ୍କଟପ୍ ଯୋଗାଇ ଦିଆଯିବ। ଏଥିସହ ଡାଏଟ୍ ପକ୍ଷରୁ ଗୋପ ବ୍ଲକର ସିଆରସିସିମାନଙ୍କୁ ଆସନ୍ତା ଏକ ସପ୍ତାହ ମଧ୍ୟରେ ଆଇସିଟି ଦକ୍ଷତା ବୃଦ୍ଧି ତାଲିମ ପ୍ରଦାନ କରାଯିବ। ଡେସ୍କଟପର ବ୍ୟବହାର ଫଳରେ ତତ୍କାଳ ଅନଲାଇନ ତଥ୍ୟ ପ୍ରଦାନ ନିମନ୍ତେ ସିଆରସିସିମାନେ ସକ୍ଷମ ହୋଇପାରିବେ ବୋଲି ବିଇଓ ଶ୍ରୀ ବ୍ରହ୍ମା ପ୍ରକାଶ କରିଛନ୍ତି। ଗୋପ ନିକଟ କୁସୁପୁରସ୍ଥିତ ବିଇଓଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସମୀକ୍ଷା ବୈଠକ ଅବସରରେ ଆୟୋଜିତ ଡେସ୍କଟପ୍ ବିତରଣ କାର୍ଯ୍ୟକ୍ରମରେ ବିଆରସିସି ବେଣୁଧର ମଲ୍ଲିକ, ଭାରପ୍ରାପ୍ତ ଏବିଇଓ ଅଶୋକ କୁମାର ବେହେରା, ଅଫିସ ସୁପରିଟେଣ୍ଡେଣ୍ଟ ଚନ୍ଦ୍ରଶେଖର ପାତ୍ର ଓ ବ୍ଲକ୍ ଏମ୍‌ଆଇଏସ୍ ସଂଯୋଜକ ସୁକାନ୍ତ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ବାଇପାସ ରାସ୍ତା ଯୋଗୁଁ ନିଜ ଜମି ହରାଇ ପାଇନାହାନ୍ତି କ୍ଷତିପୂରଣ



ଯାଜପୁର : ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ମଙ୍ଗଳପୁର ଠାରେ ଚାଲୁ ରହିଥିବା ବାଇପାସ ସଡ଼କ ଯୋଗୁଁ ନିଜ ଜମି ହରାଇଥିବା ଜମି ମାଲିକ ଶୋଷଣ ର ଶିକାର ହୋଇଥିବା ଅଭିଯୋଗ ହୋଇଛି । ସୂଚନା ରୁ ପ୍ରକାଶ ଯେ ଏକ ବାଇପାସ ରାସ୍ତା ମଙ୍ଗଳପୁର ବଜାର ସନ୍ନିକଟ କନିକାପଡା ପଂଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ ହୋଇ ଥାଲକୁଡ଼ି ଡାକବଙ୍ଗଳା ଠାରେ ପହଁଚିଛି । ଏହି ବାଇପାସ ରାସ୍ତା ଯୋଗୁଁ ଯେଉଁମାନେ ନିଜର ଜମି ହରାଇଛନ୍ତି ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଛି । କିନ୍ତୁ ବଜରାପାଟ ଗ୍ରାମର ରମେଶ ସାମଲ, ଶ୍ରୀନିବାସ ସାମଲ, ସୁବାଷ ସାମଲ, ପ୍ରଶାନ୍ତ ସାମଲ, ନିରୋଦ ସାମଲ, ସୁରେନ୍ଦ୍ର ସାମଲ, ନରେଶ ସାମଲ, ବସନ୍ତ ସାମଲ, ଗୀତାଞ୍ଜଳି ସାମଲ ଏବଂ ନୃସିଂହ ସାମଲ ଆଦି ଏଯାବତ ସେମାନଙ୍କ ର କ୍ଷତି ପୂରଣ ପାଇନାହାନ୍ତି । ଅଭିଯୋଗ କ୍ରମେ ଖାତା ନଂ ୧୦୩ ମଧ୍ୟରେ ୨୮ ଟି ପ୍ଲଟ ଯଥା ଦୁଇ ଏକର ପଂଚାଅଶି ଡେସିମିଲ ମଧ୍ୟରୁ ୩୬ ଡେସିମିଲ ଜାଗା ଆର ଏଣ୍ଡ ବି ବିଭାଗ ଅକ୍ତିଆର କୁ ନେଇଛି । ଯାହାର ୪୮,୭୮,୭୨୦ ଟଙ୍କା ମୂଲ୍ୟ ସରକାରୀ ନିୟମ ଯୋଗେ ୨୭.୦୮.୨୦୧୬ ମସିହାରେ ନିର୍ଧାରଣ ହୋଇଥିଲା । କିନ୍ତୁ ଆଜକୁ ପାଖାପାଖି ୭ ବର୍ଷ ବିତିଯାଇଥିଲେ ମଧ ଏଯାବତ କ୍ଷତିପୂରଣ ପାଇନାହାନ୍ତି ଅଭିଯୋକାରୀ । ସେପଟେ ବିଭିନ୍ନ ଆଳ ଦେଖାଇ ଆମକୁ ଠକିବାକୁ ଯୋଜନା ଚାଲିଛି ବୋଲି କହିଛନ୍ତି ଅଭିଯୋଗକାରୀ । ଖବର ସୂତ୍ରରୁ ଦଶରଥପୁର ତହସିଲଦାର ୨୦୧୮ ମସିହାରେ, ଯାଜପୁର ଜିଲ୍ଲାପାଳ ଏକ ନୋଟିସ ଯୋଗେ ୨୦୨୦ ମସିହାରେ ଏବଂ ମାନ୍ୟବର ଉଚ୍ଚ ନ୍ୟାୟାଳୟ ୨୦୨୧ ମସିହାରେ ଏହି କ୍ଷତି ପୂରଣ ପ୍ରଦାନ କରିବା ଲାଗି ପି, ଡବ୍ଲୁ, ଡି ( ଆର ଆଣ୍ଡ ବି ) ବିଭାଗ କୁ ନୋଟିସ ଜାରି କରିଥିଲେ । ନିର୍ଦ୍ଦେଶ କ୍ରମେ ମଙ୍ଗଳପୁର ଆର. ଆଇ ଏକ ରିପୋର୍ଟ ୨୦୧୮ ଏବଂ ୨୦୨୧ ରେ ଦାଖଲ କରିଥିଲେ । ସମସ୍ତ ନୋଟିସ ଏବଂ ନିର୍ଦ୍ଦେଶ ଅନୁଯାଇ କ୍ଷତିପୂରଣ ଅର୍ଥ ପାଞ୍ଚ ଜଣଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପୂର୍ବରୁ ସମସ୍ତ ରେକର୍ଡ ପତ୍ର ଯାଞ୍ଚ କରାଯିବା ସହ ପାଞ୍ଚ ଜଣଙ୍କ ମଧ୍ୟରେ କ୍ଷତି ପୂରଣ ବଣ୍ଟନ କରାଯିବା କଥା । କିନ୍ତୁ ହଠାତ ଦଶରଥପୁର ଆଡିସନାଲ ତହସିଲଦାର ଉକ୍ତ କ୍ଷତିପୂରଣ ଅର୍ଥ ନ' ଜଣଙ୍କୁ ପ୍ରଦାନ କରାଯିବା ନେଇ ଏକ ଚିଠି ସୁପରିଟେଣ୍ଡେଣ୍ଟ, ଆର ଆଣ୍ଡ ବି ବିଭାଗ କୁ ୨୦.୦୭.୨୨ ରେ ପ୍ରଦାନ କରିଛନ୍ତି । ତେବେ ଏଠାରେ ଅଭିଯୋଗକାରିଙ୍କ କହିବା ମୁତାବକ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ସହ ଜିଲ୍ଲାପାଳ, ତହସିଲଦାର ଏବଂ ଆର. ଆଇ ଙ୍କ ରିପୋର୍ଟ ସମସ୍ତ କୁ କାଏମ ନ କରାଯାଇ ବିଭିନ୍ନ ଆଳ ଦେଖାଇ ଦିନ ପରେ ଦିନ ଗଡ଼ାଇ ଚାଲୁଛନ୍ତି ବିଭାଗ ।ତେବେ ତୁରନ୍ତ ସମସ୍ୟାର ସମାଧାନ ସହ ସେମାନଙ୍କ ର ପ୍ରାପ୍ୟ ସେମାନଙ୍କୁ ପ୍ରଦାନ କରାଯାଉ ବୋଲି ଦାବୀ କରିଛନ୍ତି ଅଭିଯୋଗକାରୀ ।

# ହାତୀ ଘଉଡ଼ାଇବା ହେଲା କାଳ ଆକ୍ରମଣରେ ଯୁବକ ମୃତ

ବଣାଇଁ ବଣାଇ ବନଖଣ୍ଡ କୁଳିପୋଷ ରେଞ୍ଜ ଅନ୍ତର୍ଗତ ଉପରଗିନିଆ ଗ୍ରାମ ନିକଟରେ ହାତୀ ଆକ୍ରମଣ ରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି ।ମୃତ ଯୁବକ ଜଣକ ଫୁଲଝର ପଞ୍ଚାୟତ ତଳଗିନିଆ ଗ୍ରାମ ର ହେମନ୍ତ ମୁଣ୍ଡାରୀ,ବୟସ(୩୦) ହୋଇ ଥିବା ବେଳେ ଅନ୍ଧବିଶ୍ୱାସ ର ବଶବର୍ତ୍ତୀ ହୋଇ ତନ୍ତ୍ର, ମନ୍ତ୍ର କରି ହାତୀ ଘଉଡ଼ାଇବା ତାଙ୍କ ପାଇଁ କାଳ ସାଜିଛି ।ଆଜି ପୂର୍ବାହ୍ନ ରେ ଗାଁ ନିକଟକୁ ପଶି ଆସିଥିବା ହାତୀ ମାନଙ୍କୁ ଘଉଡ଼ାଇବା ସମୟରେ,ବନ ବିଭାଗ ଦ୍ୱାରା ନିୟୋଜିତ ଥିବା ହାତୀ ସ୍କ୍ୱାର୍ଡ କଂ କଥାକୁ ଅମାନ୍ୟ କରି ବାହାଦୁରି ଦେଖାଇ ହାତୀ ସାମ୍ନା କୁ ଚାଲିଯିବାରୁ ଘଟିଛି ଅଘଟଣ । ହାତୀ ଟି ହେମନ୍ତ କୁ ଶୁଣ୍ଢ ରେ ଟେକି ନେଇ ପାଦରେ ଦଳି ଚକଟି ଦେଇଥିଲା, ଫଳରେ ଘଟଣା ସ୍ଥଳରେ ହିଁ ତାର ପ୍ରାଣବାୟୁ ଉଡି ଯାଇଥିଲା । ଖବର ପାଇ କୁଳିପୋଷ ରେଞ୍ଜ ଅଧିକାରୀ ମୁକ୍ତିକାନ୍ତ ପରିଡ଼ା, ଫରେଷ୍ଟର ଡେରୁଳା ନନ୍ଦ ଗଡ଼ନାୟକ କଂ ସମେତ ଅନ୍ୟାନ୍ୟ ବନ କର୍ମଚାରୀ ଓ ମହୁଲପଦା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିବା ବେଳେ ଶବ କୁ ଜବତ୍ କରି ବ୍ୟବଚ୍ଛେଦ ନିମନ୍ତେ,ବଣାଇଁ ସରକାରୀ ଡ଼ାକ୍ତରଖାନାକୁ କୁ ପଠାଇଥିବା ଜଣାପଡିଛି ।ଗତ ଦୁଇ ସପ୍ତାହ ମଧରେ ବଣାଇ ବନଖଣ୍ଡ ରେ ହାତୀ ଆକ୍ରମଣ ରେ ତିନି ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ, ଦୁଇ ଜଣ ଶିଶୁ କଂ ସମେତ ଅନେକ ଗୁରୁତର ଆହତ ହୋଇଛନ୍ତି । ବର୍ତ୍ତମାନ,ବଣାଇଁ ର ବିଭିନ୍ନ ରେଞ୍ଜ ରେ ହାତୀ ଆକ୍ରମଣ ବୃଦ୍ଧି ପାଉଥିବାରୁ ଲୋକଙ୍କ ସୁରକ୍ଷା ନିମନ୍ତେ ବନଖଣ୍ଡ ଉ ତୁରନ୍ତ ପଦକ୍ଷେପ ନେବାକୁ ଜନ ସାଧାରଣ ରେ ଦାବି

# ସହିଦ ସପ୍ତାହ ପୂର୍ବରୁ ହିଂସା : ମାଲକାନଗିରି ଜିଲ୍ଲା ସୀମାନ୍ତରେ ଜଣକୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି, - ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ରାଜ୍ୟରେ ମାଓବାଦୀଙ୍କ ସହିଦ ସପ୍ତାହ ପୂର୍ବରୁ ମାଓବାଦୀ ମାନେ ଘରେ ପଶି ଜଣେ ଗ୍ରାମବାସୀଙ୍କୁ ହତ୍ୟା କରିଛନ୍ତି। ଛତିଶଗଡ଼ ପୋଲମପାଲି ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି । ପରିବାର ଲୋକଙ୍କ ସମ୍ମୁଖରେ ମାଓବାଦୀମାନେ ମାଡକମ ଜଗାଙ୍କୁ ପିଟିପିଟି ହତ୍ୟା କରିଛନ୍ତି । ମୃତ ମାଡକମ ଜଗା ପୋଲମପାଲି ଗାଁର ଜଣେ ଦୋକାନୀ ବୋଲି ଜଣାପଡିଛି। ଏତିକିରେ ମାଓବାଦୀମାନେ ସନ୍ତୁଷ୍ଟ ହୋଇନଥିଲେ । ହତ୍ୟା ପରେ ସେମାନେ ମୃତକଙ୍କ ଗାଡ଼ିରେ ନିଆଁ ଲଗାଇ ଦେଇ ଚାଲିଯାଇଥିଲେ । ହତ୍ୟାକାଣ୍ଡ ଘଟାଇ କୋଣ୍ଡା ଏରିଆ କମିଟି ଘଟଣାସ୍ଥଳରେ ପୋଷ୍ଟର ମାରି ଯାଇଥିଲା । ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଆତଙ୍କ ଖେଳିଯାଇଛି।

# ୧୦ ଦିନ ପରେ ଆନ୍ଧ୍ରକୁ ଯାନବାହାନ ଚଳାଚଳ ସ୍ୱାଭାବିକ ହେଲା

ମାଲକାନଗିରି, )- ମୋଟୁ ଠାରୁ ୧୦ କି.ମି. ଦୂର ଆନ୍ଧ୍ରର ଚିନ୍ତୁର ନିକଟରେ ଥିବା ପୋଲ ତଳକୁ ବନ୍ୟା ପାଣି ଖସିବା ପରେ ଆଜି ୩୨୬ନଂ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇପାରିଛି । ମାଲକାନଗିରି ଠାରୁ ମୋଟୁ ଦେଇ ଆନ୍ଧ୍ରପ୍ରଦେଶକୁ ସଂଯୋଗ କରୁଥିବା ଏହି ରାଜପଥରେ ଦୀର୍ଘ ୧୦ ଦିନ ହେଲା ବନ୍ୟା ପାଣି ଚାଲୁଥିବାରୁ ଏହି ରାଜପଥ ଦେଇ କୌଣସି ଗାଡି ଚଳାଚଳ କରୁନଥିଲା। ଫଳରେ ମୋଟୁ ଓ ଚିନ୍ତୁର ନିକଟରେ ଶତାଧିକ ଯାନବାହନ ଉଭୟ ପଟେ ଫସି ରହିଥିଲେ । ପ୍ରବଳ ବର୍ଷା ଯୋଗୁଁ ଗୋଦାବରୀ ନଦୀରେ ବନ୍ୟା ଆସିଥିଲା । ଗୋଦାବରୀ ନଦୀରେ ବନ୍ୟା ଆସିବା ଯୋଗୁଁ ଗୋଦାବରୀ ନଦୀର ଜଳସ୍ତର ବୃଦ୍ଧି ପାଇ ଭଦ୍ରାଚଂଳମ୍ ନିକଟରେ ବିପଦ ସଂକେତ ଠାରୁ ୧୮ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହୋଇଥିଲା । ଫଳରେ ଏହାର ଉପର ମୁଣ୍ଡରେ ଥିବା ମାଲକାନଗିରି ଜିଲ୍ଲାର ମୋଟୁ ନିକଟରେ ଥିବା ସିଲେରୁ ଓ ସାବେରୀ ନଦୀର ଜଳସ୍ତର ବୃଦ୍ଧି ପାଇ ମୋଟୁ ଗ୍ରାମ ଭିତରେ ପ୍ରବେଶ କରି ଘରଦ୍ୱାର ବୁଡ଼ାଇ ଦେଇଥିଲା ।

# ସଂପାଦକୀୟ

## ଗ୍ଲୋବାଲ ୱାର୍ମିଂ

ପୃଥିବୀର ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନଜନିତ ବିବିଧ ସମସ୍ୟା ମଣିଷ ପାଇଁ ଉଦ୍‌ବେଗର କାରଣ ହେଲାଣି। ଶିଳ୍ପ ଓ କଳକାରଖାନା ଓ ଗାଡ଼ି ମୋଟର ଚଳାଚଳରୁ ଯେଉଁ ଧୂଆଁ ବାହାରୁଛି ଏବଂ ମଣିଷ ଉନ୍ନତ ଜୀବନଯାପନ କରି ସୁସ୍ଥ ନିରୋଗ ରହିବାପାଇଁ ଗୃହ ଓ ଚିକିତ୍ସାଳୟରେ ଯେଉଁସବୁ ଉପକରଣ ବ୍ୟବହାର କରୁଛି ତା ଫଳରେ ବାୟୁମଣ୍ଡଳରେ ଗ୍ରୀନ୍ ହାଉସ ଗ୍ୟାସ ବୃଦ୍ଧି ପାଇ ବାୟୁମଣ୍ଡଳ ପ୍ରଦୂଷିତ ହେଉଛି ଓ ତାପମାତ୍ରା ବୃଦ୍ଧି ପାଉଛି। ଜଙ୍ଗଲକଟା, ଜଙ୍ଗଲ ପୋଡ଼ି, ବାୟୁମଣ୍ଡଳରେ ଉଡୁଥିବା ଧୂଳିକଣା, ଅଙ୍ଗାରକଣିକା ପରି ବ୍ଲାକ କାର୍ବନ 'ଏରୋସୋଲ୍'ର ପରିମାଣ ବୃଦ୍ଧି ମଧ୍ୟ ତାପମାତ୍ରା ବଢ଼ାଉଛି। ଦକ୍ଷିଣ ଏସିଆର ଉଚ୍ଚ ଆକାଶରେ ଯେଉଁ ଧୂସର ମେଘ ବ୍ରାଉନ୍ କ୍ଲାଉଡ୍ ଦେଖାଦେଇଛି ତା ଏହି ଏରୋସୋଲ୍ କଣିକା। ହିମାଳୟ ପର୍ବତମାଳାର ବରଫାବୃତ୍ତ ଶୃଙ୍ଗ ଉପରେ ଏହି ବ୍ଲାକ କାର୍ବନ ଜମିବା ଫଳରେ ତାପମାତ୍ରା ବଢ଼ି ବରଫ ତରଳିବାରେ ଲାଗିଛି। ଅନ୍ତଃରାଷ୍ଟ୍ରୀୟ ଜଳବାୟୁ ପରିବର୍ତ୍ତନ ବିଶେଷଜ୍ଞ ମଣ୍ଡଳୀଙ୍କ ମତାନୁସାରେ ପୃଥିବୀର ତାପମାତ୍ରା ୧.୧ ସେଂଟିଗ୍ରେଡ଼ରୁ ୬.୪ ସେଂଟିଗ୍ରେଡ୍ ପର୍ଯ୍ୟନ୍ତ ଆଗାମୀ ଶହେବର୍ଷ ମଧ୍ୟରେ ବୃଦ୍ଧି ପାଇପାରେ। ୨୦୦୯ ଡିସେମ୍ବରରେ କୋପେନ୍‌ହାଗେନ୍‌ଠାରେ ଜାତିସଂଘ ତରଫରୁ ବସିଥିବା ଅନ୍ତର୍ଜାତୀୟ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ ସମ୍ମିଳନୀରେ ନିଷ୍ପତି ନିଆଗଲା ଯେ ବିଶ୍ୱର ହାରାହାରି ତାପମାତ୍ରା ପ୍ରାକ୍ ଶିଳ୍ପ ବିକାଶଧାରାର ଉତାପ ଠାରୁ ୨୦ ସେଂଟିଗ୍ରେଡ୍ ତାପମାତ୍ରା ତଳକୁ ଖସାଇ ରଖିବାକୁ ପଡ଼ିବ। ପୃଥିବୀର ତାପମାତ୍ରା ବଢ଼ି ଭୂ-ପୃଷ୍ଠକୁ ଉତପ୍ତ କରିବା ସଙ୍ଗେ ସଙ୍ଗେ ସମୁଦ୍ରକୁ ବି ଉତପ୍ତ କରୁଛି। ସମୁଦ୍ର ଜଳଭଣ୍ଡାର ସଂପ୍ରସାରିତ ହୋଇ ଜଳପତନ ବଢୁଛି। ଉତରମେରୁ ଆର୍କଟିକ୍ ଓ ଦକ୍ଷିଣମେରୁ ଆଂଟାର୍କଟିକାରେ ରହିଛି ପରସ୍ତ ପରସ୍ତ ବରଫର ଦିଗନ୍ତବିସ୍ତାରୀ ଶୁଭ୍ର ଆବରଣ। ଆଂଟର୍କଟିକ୍ ମହାସାଗର ଦକ୍ଷିଣ ପଶ୍ଚିମକୁ ରହିଛି ବରଫାବୃତର ଗ୍ରୀନ୍‌ଲାଣ୍ଡ ଦ୍ୱୀପ। ସମଗ୍ର ପୃଥିବୀର ଶତକଡ଼ା ୯୦ ଭାଗ ବରଫ ରହିଛି ଏହି ମେରୁ ଅଂଚଳରେ। ଆଉ ଶତକଡ଼ା ୧୦ ଭାଗ ବରଫ ରହିଛି ପୃଥିବୀର ବିଭିନ୍ନ ଦେଶର ଉଚ୍ଚ ପାର୍ବତ୍ୟମାଳାର ଶିଖରରେ ରହିଥିବା ଗ୍ଲାସିଅର୍ ମାନଙ୍କରେ। ଉତରମେରୁ ଅଂଚଳର ତାପମାତ୍ରା ବଢୁଛି। ଉତରମେରୁ ଉପରକୁ ଘନୀଭୂତ ଥିବା ପୋଲାର ଆଇସ୍ କ୍ୟାପ୍ ତରଳିବା ଫଳରେ ଅଧିକ ସଂକୁଚିତ ହୋଇଗଲାଣି। ନାସା ଉତୋଳିତ ସାଟେଲାଇଟ୍ ଚିତ୍ରରୁ ଜଣାପଡ଼େ ଉତରମେରୁର ଚିର ବରଫାବୃତ ଅଂଚଳ ୧୦ ବର୍ଷ ଭିତରେ ପ୍ରାୟ ଶତକଡ଼ା ୯ ଭାଗ ତରଳି ଯାଇଛି। ତାପମାତ୍ରା ବୃଦ୍ଧି ଫଳରେ ଉତର ମେରୁର ଆଂଟାର୍କଟିକ୍ ମହାସାଗରରେ ରହିଥିବା ବରଫସ୍ତର ଯେତେ କ୍ଷେତ୍ର ମାଡ଼ି ବସିଥିଲା ତାଠାରୁ ବର୍ତ୍ତମାନ କମିଯାଇଛି। ୨୦୦୫ ସେପ୍ଟେମ୍ବରଠାରୁ ୨୦୦୭ ସେପ୍ଟେମ୍ବର ମଧ୍ୟରେ ପ୍ରାୟ ୧୧ ଲକ୍ଷ ବର୍ଗ କିଲୋମିଟରରୁ ଅଧିକ ବରଫ ଆବରଣ କମିଗଲାଣି। ଗ୍ଲାସିଅର ସମୁଦ୍ରକୁ ଚାଲିଆସି ଆଇସ୍‌ବର୍ଗରେ ପରିଣତ ହେବା ପ୍ରକ୍ରିୟାକୁ ଆଇସ୍ କାଭିଂ କୁହାଯାଏ। ଆଇସ୍‌ବର୍ଗ ସମୁଦ୍ରରେ କିଛି ଦିନ ଭାସ ତାପମାତ୍ରା ବୃଦ୍ଧି ପାଉଥିବା ଯୋଗୁଁ ସମୁଦ୍ର ଜଳରେ ସମ୍ପୂର୍ଣ୍ଣ ଭାବରେ ତରଳି ଯାଇଥାଏ। ଏହି ପ୍ରକ୍ରିୟା ସମୁଦ୍ର ପତନ ବଢ଼ାଇବାରେ ସାହାଯ୍ୟ କରିଥାଏ। ଆଂଟାର୍କଟିକା ଠାରୁ ଗ୍ରୀନ୍‌ଲାଣ୍ଡରେ ୨୦୧୨ ମସିହାରେ ଆଶ୍ଚର୍ଯ୍ୟଜନକ ଭାବେ ବରଫ ଅଧିକ ତରଳିଛି। ଉତାପ ବୃଦ୍ଧିର ଏହା ସଙ୍କେତ। ସମୁଦାୟ ଗ୍ରୀନ୍‌ଲାଣ୍ଡର ଜମାଟ ବାନ୍ଧିଥିବା ବରଫସ୍ତର ଯଦି ତରଳିଯାଏ ତେବେ ସମୁଦ୍ର ପତନ ପ୍ରାୟ ୭ ମିଟର ବଢ଼ିଯିବ। ଏପରି ଅବସ୍ଥା ଯଦି ଆସେ ତେବେ ଲଣ୍ଡନ ଓ ଲସ୍‌ଆଞ୍ଜେଲସ୍ ପରି ବଡ଼ ସହର ସମୁଦ୍ରରେ ବୁଡ଼ିଯିବ। ବିଶ୍ୱର ସର୍ବ ବୃହତ୍ ହିମଭଣ୍ଡାରର କ୍ଷେତ୍ର ହେଉଛି ଆଂଟାର୍କଟିକା। ଏହି ମହାଦେଶ ଦକ୍ଷିଣ ମେରୁକୁ ଘେରି ରହିଛି। ସ୍ତର ସ୍ତର ବରଫର ମୋଟା ଚାଦର ପରି ବିଛେଇ ହୋଇରହିଛି। ଆଂଟାର୍କଟିକାରେ ସ୍ଥଳଭାର ଲାଣ୍ଡ ଆଇସ୍ ଓ ସମୁଦ୍ରର ସି ଆଇସ୍ ବହୁ କ୍ଷେତ୍ର ଅଧିକାର କରିରହିଛି। ଆଂଟାର୍କଟିକାର ଉତରକୁ ଲାଗିରହିଛି ଦକ୍ଷିଣ ମହାସାଗର। ଜଳବାୟୁ ପରିବର୍ତ୍ତନ ଓ ତାପମାତ୍ରା ବୃଦ୍ଧି ଯୋଗୁଁ ଦକ୍ଷିଣ ମହାସାଗର ଏବେ ଅଧିକ ଉଷ୍ମ ହେବାରେ ଲାଗିଛି। ଏହି ମହାସାଗରରେ ବାୟୁ ପ୍ରବାହର ବେଗ ଓ ଦିଗରେ ପରିବର୍ତ୍ତନ ଓ ଆଂଟାର୍କଟିକାର ଉପରିସ୍ଥ ବାୟୁମଣ୍ଡଳ ଷ୍ଟ୍ରାଟୋସ୍ଫିଅରରେ ଗ୍ଲୋବାଲ୍ ୱାର୍ମିଂ ଯୋଗୁଁ ସୃଷ୍ଟି ହୋଇଥିବା ଛିଦ୍ର ଓଜୋନ୍ ହୋଲ୍‌ର ଜଟିଳତା ଫଳରେ ଆଂଟାର୍କଟିକାର ସାମୁଦ୍ରିକ ବରଫସ୍ତରର କ୍ଷେତ୍ର ସାମାନ୍ୟ ବୃଦ୍ଧି ପାଇଛି। ବିଗତ ୧୦୦୦ବର୍ଷ ମଧ୍ୟରେ ବର୍ତ୍ତମାନର ଗ୍ଲୋବାଲ୍ ୱାର୍ମିଂ ଯେ ଆଂଟାର୍କଟିକାରେ ବେଶୀ ମାତ୍ରାରେ ବରଫ ତରଳାଉଛି ତାର ପ୍ରମାଣ ମିଳିଛି ବ୍ରିଟିଶ ଆଂଟାର୍କଟିକା ସର୍ଭେ କରିଥିବା ଏକ ୩୬୪ ମିଟର ଡ୍ରିଲିଂ ଖନନରୁ ଯେଉଁଥିରୁ ବରଫ ଖଣ୍ଡର ନମୁନା ବାହାରି ଆଂଟାର୍କଟିକାରେ ତାପମାତ୍ରାରେ ପରିବର୍ତ୍ତନର ତଥ୍ୟ ଯୋଗାଉଛି। ବରଫ ଗଦା ଉପରେ ଏହି ଗଭୀର ଡ୍ରିଲିଂ ବିଜ୍ଞାନ ଗବେଷଣାରେ ଏକ ମାଇଲଖୁଂଟ କହିବା ଯଥାର୍ଥ ହେବ। ଆଂଟାର୍କଟିକାର ଏକ ବୃହତ୍ ଜମାଟ ବାନ୍ଧିଥିବା ବରଫସ୍ତର ହେଉଛି ଉଏଷ୍ଟ ଆଂଟାର୍କଟିକା ଆଇସ୍‌ସିଟ୍। ଯଦି ସମ୍ପୂର୍ଣ୍ଣ ଭାବରେ ତାପମାତ୍ରା ବୃଦ୍ଧିରେ ଏହା କେବେ ବିଗଳିତ ହୋଇଯାଏ ତେବେ ବିଶ୍ୱ ସମୁଦ୍ର ପତନ ୬୧ ମିଟର ବଢ଼ି ଯାଇପାରେ। ଏହି ରୋମାଂଚକାରୀ ସ୍ତୂପୀକୃତ ବରଫଗଦାରୁ ଯଦି ଖଣ୍ଡେ ବଡ଼ ଅଂଶ ବି ତରଳିଯାଏ ତାହାହେଲେ ତା ସମୁଦ୍ର ପତନକୁ ୩ ମିଟରରୁ ୬ ମିଟର ପର୍ଯ୍ୟନ୍ତ ବି ବଢ଼ାଇ ଦେଇପାରେ। ବର୍ଷକୁ ଆଂଟାର୍କଟିକାରୁ ହାରାହାରି ୭୦ ଗିଗାଟନ୍ ବରଫ ତରଳିଯାଉଛି।ବର୍ତ୍ତମାନ ଅର୍ନ୍ତରାଷ୍ଟ୍ରୀୟ ଜଳବାୟୁ ପରିବର୍ତ୍ତନ ବିଶେଷଜ୍ଞ ମଣ୍ଡଳୀଙ୍କ ମତ ଅନୁସାରେ ସମୁଦ୍ର ପତନ ବର୍ଷକୁ ହାରାହାରି ୩.୨ ମିଲିମିଟର ହାରରେ ବଢୁଛି। ଗ୍ରୀନ୍ ହାଉସ ଗ୍ୟାସ ନିର୍ଗମନ ବଢ଼ି ଜଳବାୟୁ ଭବିଷ୍ୟତରେ ଅଧିକ ଉତପ୍ତ ହେଲେ ଏକବିଂଶ ଶତାବ୍ଦୀ ଶେଷସୁଦ୍ଧା ସମୁଦ୍ର ପତନ ୧ ମିଟରରୁ କିଛି ଅଧିକ ବଢ଼ିପାରେ। ଆମେରିକାର ଜାତୀୟ ସାମୁଦ୍ରିକ ବାୟୁମଣ୍ଡଳ ପ୍ରଶାସନିକ ପ୍ରତିଷ୍ଠାନ ନୋଆ ମତଦିଏ ଏକବିଂଶ ଶତାବ୍ଦୀ ଶେଷବେଳକୁ ସମୁଦ୍ର ପତନ ୨ ମିଟରରୁ ବି ଅଧିକ ବଢ଼ିବାର ସମ୍ଭାବନା ଅଛି। ଅଧିକ କାର୍ବନ ଗ୍ୟାସ ନିର୍ଗମନ ଅଧିକ ସମୁଦ୍ର ପତନ ବଢ଼ାଇବ। ଗ୍ଲୋବାଲ ୱାର୍ମିଂ ଯୋଗୁ ସମୁଦ୍ର ପତନ ବଢ଼ିଲେ ଉପକୂଳ ପ୍ରତି ବିପଦ ଆସିବ। ସାମୁଦ୍ରିକ ଘୂର୍ଣ୍ଣିଝଡ଼ର ସଂଖ୍ୟା ଓ ଭୟବହତା ଅଧିକ ବଢ଼ିଯିବ। ଅଧିକ ଉଚ୍ଚ ସମୁଦ୍ର ଢେଉ ଷ୍ଟର୍ମସର୍ଜ ଉପକୂଳ ଭିତରକୁ ବହୁଦୂର ପର୍ଯ୍ୟନ୍ତ ମାଡ଼ି ଆସିବ। ଏହା ସୃଷ୍ଟି କରିବ ପ୍ରଳୟଙ୍କରୀ ସାମୁଦ୍ରିକ ବନ୍ୟା। କୋଷ୍ଟାଲ୍ ଫ୍ଲଡିଂ। ଉପକୂଳର ଧନଜୀବନ ସମୁଦ୍ର ଗର୍ଭକୁ ଟାଣି ହୋଇଯିବ।ସମୁଦ୍ରର ଭୟ ଉପକୂଳବର୍ତ୍ତୀ ଦେଶମାନଙ୍କରେ ବର୍ତ୍ତମାନ ଆଲୋଡ଼ନ ସୃଷ୍ଟି କଲାଣି। ଆମେରିକାର ପୂର୍ବ ଆଟଲାଂଟିକ୍ ଉପକୂଳରେ ସାମୁଦ୍ରିକ ବିପର୍ଯ୍ୟୟରେ ଶତାଧିକ ସହର ବୁଡ଼ିଯିବାର ଭୟ ଦେଖାଦେଲାଣି।

# ଆଫଗାନିସ୍ଥାନ– ଅତୀତ ଓ ବର୍ତ୍ତମାନ

ଆଫଗାନିସ୍ଥାନରେ ତାଲିବାନର କ୍ଷମତା ଦଖଲ ୨୦୨୦ ଫେବୃୟାରୀରେ ହିଁ ସମ୍ପନ୍ନ ହୋଇଥିଲା। ଆନୁଷ୍ଠାନିକ ଭାବେ ବିନା ଯୁଦ୍ଧରେ କ୍ଷମତା ହାତକୁ ନେଲା ଏବେ ୨୦୨୧ ଅଗଷ୍ଟ ୧୫ରେ। ଏହି ବ୍ୟବସ୍ଥା କରିଥିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ଆଗରୁ। ଆମେରିକା ଏପରି ଏକ ରାସ୍ତା ଖୋଜୁଥିଲା ଯେଉଁଥିରେ ସାପ ମରିବ ନାହିଁ କି ବାଡ଼ି ଭାଙ୍ଗିବ ନାହିଁ। କାତାରର ଦୋହାଠାରେ ଫେବୃୟାରୀ ୨୦୨୦ରେ ତାଲିବାନ ସହ ଚୁକ୍ତି କରିଥିଲେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଟ୍ରମ୍ପ। ଏହି ଚୁକ୍ତି ଅନୁଯାୟୀ ୧ ମେ ୨୦୨୧ ମଧ୍ୟରେ ଆମେରିକା ଏହାର ସେନାବାହିନୀ ପ୍ରତ୍ୟାହାର କରିନେବ ଏବଂ ଏହାର ବିନିମୟରେ ତାଲିବାନ ଅଲକାଏଦା ସହ ଅନ୍ୟାନ୍ୟ ଆତଙ୍କବାଦୀ ଗୋଷ୍ଠୀଙ୍କୁ ଆଫଗାନିସ୍ଥାନ ମାଟିକୁ ବ୍ୟବହାର କରିବାକୁ ହେବ ନାହିଁ। ଏଥିରେ ଅବାଧ ଆମେରିକୀୟ ପୁଞ୍ଜିକୁ ସ୍ୱାଗତ ଜଣାଇବାକୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାର ଧାରାବାହିକତାରେ ଆମେରିକା ସେନା ଆଫଗାନିସ୍ଥାନ ପରିତ୍ୟାଗ କରୁଛନ୍ତି।

ତାଲିବାନ ଏକ ଉଗ୍ର ମୌଳବାଦୀ ସଂଗଠନ ରୂପେ ସାରା ବିଶ୍ୱ ଜାଣେ। ତାହାରି ହାତରେ ଆମେରିକା ଆଫଗାନିସ୍ଥାନକୁ ଟେକିଦେଲା। ଆମେରିକା-ତାଲିବାନ ଚୁକ୍ତି ସମୟରେ ଆଫଗାନିସ୍ଥାନରେ ଥିବା ଆମେରିକାର ଅନୁଗୃହୀତ ସରକାରକୁ ମଧ୍ୟ ଡକାଗଲା ନାହିଁ। ପାକିସ୍ତାନକୁ ମଧ୍ୟ ନୁହେଁ, ଯିଏ ପୂର୍ବରୁ ଆଫଗାନିସ୍ଥାନ ସହ ଜେନିଭାରେ ରାଜିନାମା କରିଥିଲା। ଏହା ସହ ପ୍ରତିବେଶୀ ଇରାନ, ରୁଷ, ଚୀନ, ଏପରିକି ଆଫଗାନିସ୍ଥାନରେ ବିପୁଳ ପରିମାଣର ପୁଞ୍ଜି ନିବେଶ କରିଥିବା ଆମେରିକାର ଏକାନ୍ତ ଅନୁଗତ ଭାରତକୁ ମଧ୍ୟ ବିଶ୍ୱାସକୁ ନିଆଗଲା ନାହିଁ।

କାତାରର ଦୋହାଠାରେ ଏହି ଚୁକ୍ତି ସ୍ୱାକ୍ଷରିତ ହେବା ପରେ ତାଲିବାନ ବିଜୟ ଉତ୍ସବ ପାଳନ କରିଥିଲା। ତାଲିବାନୀମାନେ ଜାଣିଥିଲେ, ଯେ ପର୍ଯ୍ୟନ୍ତ ଆମେରିକାର ସେନା ଆଫଗାନିସ୍ଥାନରେ ରହିଥିବେ, ସେମାନଙ୍କ କ୍ଷମତା ଦଖଲ ସମ୍ଭବ ନୁହେଁ। ଆମେରିକାର ଆକାଶରୁ କ୍ଷେପଣାସ୍ତ୍ର ଓ ଡ୍ରୋନ ଆକ୍ରମଣ ଏମାନଙ୍କ ପାଇଁ ବିପଦ ଥିଲା। ଆଫଗାନିସ୍ଥାନରେ ଅଲକାଏଦା ଓ ଏହାର ପ୍ରଶ୍ରୟଦାତା ତାଲିବାନକୁ ଧ୍ୱଂସ କରିବାକୁ ଯାଇ ଆମେରିକା ଜନତାଙ୍କ କେତେ ଲକ୍ଷ କୋଟି ଡଲାର ଖର୍ଚ୍ଚ କରିଛି। ଅସଂଖ୍ୟ ଜନତା ମଧ୍ୟ ପ୍ରାଣ ହରାଇଛନ୍ତି। ଲକ୍ଷ ଲକ୍ଷ ଲୋକ ଦେଶଛଡ଼ା ହୋଇଛନ୍ତି। ୨୦୦୧ରୁ ଆମେରିକା, ନାଟୋ ଓ ସହଯୋଗୀ ଦେଶଗୁଡ଼ିକର ୩୫୦୦ ସେନା ଏବଂ କେବଳ ଆମେରିକାର ୨୩୦୦ ସେନା ନିହତ ଓ ଆହତ ହୋଇଛନ୍ତି ୨୦,୬୬୦। ବ୍ରିଟିଶ ସେନାର ନିହତଙ୍କ ସଂଖ୍ୟା ୪୫୦। ଦେଶ ଛାଡ଼ି ପଳାୟନ କରିଥିବା ରାଷ୍ଟ୍ରପତି ଘନିଙ୍କ ହିସାବରେ ୨୦୦୧ରୁ ସାମରିକ ବାହିନୀ ଓ ପୋଲିସ କର୍ମୀ ନିହତ ହୋଇଛନ୍ତି ୪୫ ହଜାରରୁ ବେଶି, କେବଳ ୨୦୦୯ରୁ ନିହତ ବେସାମରିକ ସାଧାରଣ ଲୋକଙ୍କ ସଂଖ୍ୟା ୧ଲକ୍ଷ ୧୧ହଜାର। ଏହା ମଧ୍ୟରେ ଅର୍ଦ୍ଧେକ ହେଉଛନ୍ତି ତାଲିବାନୀ। ବ୍ରାଉନ ବିଶ୍ୱବିଦ୍ୟାଳୟର ଗବେଷଣାର ସମୀକ୍ଷା ଅନୁସାରେ ସାଧାରଣ ଜନତାଙ୍କ ମୃତ୍ୟୁସଂଖ୍ୟା ଅନେକ ବେଶି ୭୮ ହଜାର, ପୋଲିସ ଓ ଆଫଗାନୀ ସେନାର ନିହତଙ୍କ ସଂଖ୍ୟା ୭୫ହଜାର ୯୭୧, ବିରୋଧୀ ଯୋଦ୍ଧା ଓ ତାଲିବାନୀଙ୍କ ମୃତ୍ୟୁସଂଖ୍ୟା ୮୪,୬୯୧। ସମ୍ବାଦ ସଂସ୍ଥା ବିବିସି ମତରେ ଆମେରିକା ଓ ସହଯୋଗୀ ଦେଶର ସେନାମାନଙ୍କ ନିହତଙ୍କ ସଂଖ୍ୟା ନିର୍ଦ୍ଧାରଣ କରାଯାଇପାରିବା ସମ୍ଭବ କିନ୍ତୁ ସାଧାରଣ ଜନତା ଓ ତାଲିବାନଙ୍କ ନିହତଙ୍କ ସଂଖ୍ୟା ନିର୍ଦ୍ଧାରଣ କରିବା ଆଦୌ ସମ୍ଭବ ନୁହେଁ। ୨୦୧୨ରୁ ଦେଶ ଛାଡ଼ି ଯାଇଥିବା ବା ନିଜ ଘର ଛାଡ଼ି ପଳାଇଥିବା ଲୋକଙ୍କ ସଂଖ୍ୟା ୧ କୋଟି ୨୦ ଲକ୍ଷ। ଇରାନ ଓ ପାକିସ୍ତାନରେ ଏହି ଶରଣାର୍ଥୀଙ୍କ ଉପରେ ଅକଥନୀୟ ଅତ୍ୟାଚାର ହେଉଥିବାର ଖବର ବାରମ୍ବାର ପ୍ରକାଶ ପାଇଛି। ଜାତିସଂଘର ହିସାବରେ ଦେଶ ଛାଡ଼ି ଓ ଘରବାଡ଼ି ଛାଡ଼ିଥିବା ଲୋକଙ୍କ ସଂଖ୍ୟା ଦୃଷ୍ଟିରୁ ଆଫଗାନିସ୍ଥାନର ସ୍ଥାନ ତୃତୀୟ। ୪୫ବର୍ଷ ପୂର୍ବେ ସୁଦୀର୍ଘ ଯୁଦ୍ଧ ପରେ କ୍ଷୁଦ୍ର ଭିଏତ୍‌ନାମଠାରୁ ପରାଜୟ ମାନି ନେଇ ଆମେରିକାକୁ ପଳାୟନ କରିବାକୁ ପଡ଼ିଥିଲା। ଆଉ ଏବେ ୨୦ ବର୍ଷ ପରେ ଏତେ ପ୍ରାଣହାନି ଓ କ୍ଷୟକ୍ଷତି ଘଟାଇ ଚୁପଚାପ୍ ଚାଲିଯିବାକୁ ପଡ଼ିଛି ଆମେରିକା ପ୍ରଶାସନକୁ। ଆମେରିକା ଆଫଗାନିସ୍ଥାନର ଦଖଲ ପାଇଁ ୫୦ ବର୍ଷ ଧରି ପାକିସ୍ତାନକୁ ଘାଟି ରୂପେ ବ୍ୟବହାର କରିଛି। ୨୦୦୧ ସେପ୍ଟେମ୍ବରରେ ଆମେରିକା ଯୁକ୍ତରାଷ୍ଟ୍ରରେ ଆତଙ୍କବାଦୀ ଆକ୍ରମଣରେ ପ୍ରାୟ ୩ ହଜାର ଲୋକଙ୍କ ମୃତ୍ୟୁ ପରେ ଆମେରିକାର ରୂପ ବଦଳି ଯାଇଥିଲା। ପାକିସ୍ତାନ ମାଧ୍ୟମରେ ଆମେରିକା ଦ୍ୱାରା ପରିପୁଷ୍ଟ ମୁଜାହିଦ୍ଦିନ ଏବଂ ଏହାର ଏକ ଗୋଷ୍ଠୀ ତାଲିବାନୀଙ୍କର ବିପୁଳ ଅସ୍ତ୍ର, ଅର୍ଥ, ପ୍ରଶିକ୍ଷଣ ଦ୍ୱାରା ସୃଷ୍ଟି ହୋଇଥିବା ଅଲକାଏଦା ବିରୁଦ୍ଧରେ ଯୁଦ୍ଧ ଘୋଷଣା କରେ ଆମେରିକା। ଏଥିରେ ପାକିସ୍ତାନ ମଧ୍ୟ ଆକ୍ରାନ୍ତ ହୁଏ, ମୃତ ୨୪୩୫୮ଜଣ ପାକିସ୍ତାନୀଙ୍କର। ଆଫଗାନିସ୍ଥାନ ବହୁଜାତିକ ଦେଶ। କେବେହେଲେ ଏଠାରେ କେନ୍ଦ୍ରୀୟ ଶାସନ ନ ଥିଲା। ବିଦେଶୀମାନେ ହଜାର ହଜାର ବର୍ଷ ଧରି ଲଢ଼େଇ କରି ବାରମ୍ବାର ଏ ଦେଶକୁ ଦଖଲ କରିଛନ୍ତି। ଅଭ୍ୟନ୍ତରରେ ଆଦିବାସୀ ଗୋଷ୍ଠୀଗୁଡ଼ିକ ମଧ୍ୟରେ ସଂଘର୍ଷ ମଧ୍ୟଯୁଗୀୟ ବ୍ୟବସ୍ଥାରେ ଚିରକାଳ ରହିଆସିଛି। ଏବେ ମଧ୍ୟ ସେଥିପାଇଁ ବିଦ୍ରୂପ କରି ପ୍ରାକ୍ତନ ଆମେରିକା ରାଷ୍ଟ୍ରପତି କହିଥିଲେ– ଆଫଗାନିସ୍ଥାନକୁ ପ୍ରାଚୀନତ୍ୱର ଯାଦୁଘର ହିସାବରେ ବ୍ୟବହାର କରାଯାଏ।

ଏଭଳି ଏକ ଦେଶ ଯାହାର ପାଞ୍ଚଭାଗରୁ ଚାରିଭାଗ ପାହାଡ଼, ପାକିସ୍ତାନଠାରୁ କିଛିଟା ଛୋଟ। ଇଉରୋପ ଏସିଆର ସଂଯୋଗସ୍ଥଳ। ପୁରୁଣା ସୋଭିଏତ୍ ୟୁନିୟନ ସହ ଦୁଇ ହଜାରରୁ ଅଧିକ କିଲୋମିଟରର ସୀମା, ପାକିସ୍ତାନ ସହ ମଧ୍ୟ ପ୍ରାୟ ସେହିପରି ସମାନ ସୀମା। ଏହାଛଡ଼ା ଇରାନ ସହ ଏବଂ ଚୀନ ସହ ସାମାନ୍ୟ ୯୫କି.ମି.ର ସୀମାନ୍ତ। ତୈଳ, ଗ୍ୟାସ, ଲୁହା, ତମ୍ବା, କୋଇଲା ଇତ୍ୟାଦି ବିଭିନ୍ନ ଖଣିଜ ପଦାର୍ଥରେ ଭରପୂର।

ଜାର୍ ଶାସିତ ରୁଷିଆ ଓ ପରାଧୀନ ବ୍ରିଟିଶ ଶାସିତ ଭାରତ ଊନବିଂଶ ଶତାବ୍ଦୀର ଶେଷରେ ଆଫଗାନିସ୍ଥାନ ଦଖଲ ପାଇଁ ଉଦ୍ୟମ କରିଥିଲେ। ବ୍ରିଟେନ ତିନିଥର ଯୁଦ୍ଧ କରିଥିଲା। ରୁଷିଆ ବା ବ୍ରିଟେନ କେହି ବଡ଼ଧରଣର ସଂଘର୍ଷ କରି ନ ଥିଲେ। ମଧ୍ୟଏସିଆକୁ ରକ୍ଷା କରିବାରେ ଜାରଙ୍କ ସ୍ୱାର୍ଥ ଥିବାବେଳେ ବ୍ରିଟେନର ଉଦ୍ଦେଶ୍ୟ ଥିଲା ସାମ୍ରାଜ୍ୟର ବିସ୍ତାର। ଆଫଗାନିସ୍ଥାନର ଅର୍ଦ୍ଧେକ ଲୋକ ପାଶତୁନ ଜାତିର। ଏମାନେ ହିଁ ସଂଖ୍ୟାଗରିଷ୍ଠ। ଏମାନେ ହିଁ ହିନ୍ଦୁକୁଶର ଉତରରେ ଜାରଙ୍କ ପ୍ରଭାବ ଏବଂ ପୁଶତିନ ବସ୍ତି ଅଞ୍ଚଳରେ ଆଫଗାନ ଅମୀରଙ୍କୁ ଭାଗ କରିବାକୁ ବ୍ରିଟିଶ ୧୮୯୩ରେ ଏକ ଚୁକ୍ତିରେ ବାଧ୍ୟ କରେ।

ବ୍ରିଟିଶ ପ୍ରଶାସକ ଏମ.ଡୁରାଂଟ ଏକ ସୀମାରେଖା ଟାଣି ପାଶତୁନ ଆଦିବାସୀ ଅଧ୍ୟୁଷିତ ଆଫଗାନିସ୍ଥାନର ଏକ ଅଂଶକୁ ବ୍ରିଟିଶ ସାମ୍ରାଜ୍ୟରେ ସଂଯୁକ୍ତ କରିଦେଇଥିଲେ। ଏହା ଏବେ ପାକିସ୍ତାନରେ। ସମଗ୍ର ଆଫଗାନିସ୍ଥାନକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବା କେବେ କାହାରି ପକ୍ଷରେ ସମ୍ଭବ ହୋଇ ନାହିଁ। ତାଲିବାନ ତା'ର ହିଂସାତ୍ମକ ଅଭିଯାନରେ ମଧ୍ୟ ସର୍ବୋଚ୍ଚ ୮୦ ଭାଗ ଦଖଲ ନେଇପାରିଛି। ବଡ଼ ବଡ଼ ଜମି ମାଲିକ ଆଦିବାସୀ ଗୋଷ୍ଠୀର ଯୁଦ୍ଧଖୋର କ୍ଷମତାଶାଳୀମାନେ ସବୁବେଳେ ନିଜ ନିଜ ମଧ୍ୟରେ ସଂଘର୍ଷରେ ଲିପ୍ତ ଥାଆନ୍ତି। ଧର୍ମରେ ମଧ୍ୟଯୁଗୀୟ ବର୍ବରତାର ନିୟମାବଳୀ ଏଠାରେ ପ୍ରଚଳିତ।ଇରାନରେ ୧୯୭୯ରେ ଆମେିକାର କାଠପିତୁଳା ଶାହା ରାଜତ୍ୱକୁ ଉତ୍‌ଖାତ କରି ଇସଲାମିକ ବିପ୍ଳବ ହେଲା। ଠିକ୍ ସେହିପରି ଆଫଗାନିସ୍ଥାନରେ ୧୯୭୮ରେ ସାମନ୍ତ ଶାସକଙ୍କୁ ଉତ୍‌ଖାତ କରି ପରିବର୍ତ୍ତନର ନେତୃତ୍ୱ ନେଲା ଆଫଗାନିସ୍ଥାନ ପିପୁଲ୍‌ସ ଡେମୋକ୍ରାଟିକ୍ ପାର୍ଟି। ରାଷ୍ଟ୍ରପତି ହେଲେ ଯଥାକ୍ରମେ ନୁର୍ ମହମ୍ମଦ ତରାକୀ, ହଫିଜୁଲ୍ଲା ଅମୀନ୍, ବାବ୍ରାକ୍ କର୍ମାଲ ଓ ଶେଷରେ ଜଣେ ଉଚ୍ଚଶିକ୍ଷିତ ଡାକ୍ତର ନଜିବୁଲ୍ଲା। ୧୯୨୧୦ଠାରୁ ଆଫଗାନିସ୍ଥାନ ଏବଂ ସୋଭିଏତ୍ ୟୁନିୟନର ବନ୍ଧୁତ୍ୱପୂର୍ଣ୍ଣ ଓ ସହଯୋଗିତାର ଚୁକ୍ତି ଥିଲା। ସୋଭିଏତ୍ ୟୁନିୟନ ଆର୍ଥିକ ଓ ବୈଷୟିକ ନାନା ଭାବରେ ମଧ୍ୟ-ଏସିଆର ସଂଲଗ୍ନ ଆଫଗାନିସ୍ଥାନକୁ ସହାୟତା କରୁଥିଲା। ସାମ୍ରାଜ୍ୟବାଦ କବଳରୁ ରକ୍ଷା କରିବାକୁ ସର୍ବଦା ସାହାଯ୍ୟ କରୁଥିଲା।

ଇରାନ ଓ ଆଫଗାନିସ୍ଥାନରେ ରାଜନୈତିକ ପରିବର୍ତ୍ତନରେ ମଧ୍ୟ-ଏସିଆ ନେଇ ସୋଭିଏତ୍ ୟୁନିୟନକୁ କୋଣଠେସା ଓ ବିପନ୍ନ କରିବା ଲକ୍ଷ୍ୟରେ ଆମେରିକା ପ୍ରଶାସନ ପାକିସ୍ତାନକୁ ହାତମୁଠାରେ ରଖି ଆଫଗାନିସ୍ଥାନକୁ କବଳିତ କରିବାକୁ ଚେଷ୍ଟା କଲା। ସୃଷ୍ଟି ହେଲା ତାଲିବାନ। ଅର୍ଥ ଓ ଅସ୍ତ୍ର ଯୋଗାଇଲା ଆମେରିକା। ତାଲିମ ଦେଲା ପାକିସ୍ତାନ। ଉଦ୍ଦେଶ୍ୟ– ପ୍ରଗତିଶୀଳ ଡ. ନଜିବୁଲ୍ଲା ସରକାରକୁ ହଟାଇବା। ବିରୋଧର ଉତ୍ପତି ଏହିଠାରୁ। ଆମେରିକାର ଚକ୍ରାନ୍ତକୁ ବୁଝି ଆଫଗାନିସ୍ଥାନର ନୂତନ ସରକାରର ଅନୁରୋଧକ୍ରମେ ୧୯୭୯ରେ ସୋଭିଏତ୍ ୟୁନିୟନ ପୁରୁଣା ଚୁକ୍ତି ଅନୁସାରେ ସେନା ପଠାଇଲା। ଦଶବର୍ଷର ଡକ୍ଟର ନଜିବୁଲ୍ଲାଙ୍କ ନେତୃତ୍ୱରେ ଗଠିତ ପିଡିପି ସରକାର ଅମଳରେ ବହୁ ପ୍ରଗତିଶୀଳ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ସାମନ୍ତ ପ୍ରଭୁମାନଙ୍କ ବିଶାଳକାୟ ଜମିର ମାଲିକାନାକୁ ଖର୍ବ କରି ଭୂସଂସ୍କାର ହେଲା, ଭୂମିହୀନ ଏକ ତୃତୀୟାଂଶ କୃଷକମାନେ ଅନେକ ଜମିର ମାଲିକାନା ପାଇଲେ। ଶିକ୍ଷା, ସ୍ୱାସ୍ଥ୍ୟର ପ୍ରଭୂତ ବିକାଶ ଘଟିଲା ଏହି ୧୦ ବର୍ଷ ମଧ୍ୟରେ। ରେଳ, ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର, କିଛି ଆଧୁନିକ ଶିଳ୍ପ, ମହିଳାଙ୍କ ଶିକ୍ଷା, ସାକ୍ଷରତା ପ୍ରଭୃତିର ଉନ୍ନତି ହେଲା। ହାସପାତାଳ, କ୍ଲିନିକ୍, ନାଗରିକ ଓ ରାଜନୈତିକ ଅଧିକାର, ଗଣତାନ୍ତ୍ରିକ ସମ୍ବିଧାନ, ବିଭିନ୍ନ ଯୁଦ୍ଧରତ ଗୋଷ୍ଠୀଗୁଡ଼ିକୁ ଏକମତ କରାଇବାର ଚେଷ୍ଟା ଦିଗରେ ଏହି ସରକାର ଯଥାସାଧ୍ୟ ଉଦ୍ୟମ କରିଥିଲା। ଚାକିରି ଓ ପ୍ରଶାସନରେ ଏହି ସମୟରେ ଥିଲେ ଅର୍ଦ୍ଧାଧିକ ମହିଳା। କିନ୍ତୁ ସାମନ୍ତ ପ୍ରଭୁମାନେ ଏସବୁ ପରିବର୍ତ୍ତନକୁ ମାନିନେଇ ପାରିଲେ ନାହିଁ। ଏମାନେ ଆମେରିକା ଓ ପାକିସ୍ତାନ ସହାୟତାରେ ସନ୍ତ୍ରାସବାଦୀ ଗୋଷ୍ଠୀ ତିଆରି କରି ଦେଶ ମଧ୍ୟରେ ଅସ୍ଥିରତା ସୃଷ୍ଟି କରିବାକୁ ଲାଗିଲେ।

କିନ୍ତୁ ୧୯୮୫ରୁ ସୋଭିଏତ୍ ୟୁନିୟନରେ ଗୋର୍ବାଚେଭଙ୍କ ନେତୃତ୍ୱରେ ସଂସ୍କାର ନାମରେ ନୂତନ ପନ୍ଥା ଅବଲମ୍ବନ କରାଗଲା। ଆଫଗାନିସ୍ଥାନ ଓ ଅନ୍ୟ ଦେଶର ପ୍ରଗତିଶୀଳ ସରକାରକୁ ସୋଭିଏତ୍ ରୁଷ ଯେପରି ପୂର୍ବରୁ ସହାୟତା କରୁଥିଲା, ସେଥିରୁ ନିବୃତ ରହିଲା। ଫଳରେ ଏହାର ପ୍ରତିକ୍ରିୟା ସ୍ୱରୂପ ଆଫଗାନିସ୍ଥାନରେ ପ୍ରତିକ୍ରିୟାଶୀଳ ମୌଳବାଦୀ ଶକ୍ତିମାନେ ପ୍ରଗତିଶୀଳ ନଜିବୁଲ୍ଲାଙ୍କ ପିଡିପି ସରକାର ବିରୁଦ୍ଧରେ ସନ୍ତ୍ରାସବାଦୀ ଅଭିଯାନ ଚଳାଇଲେ। ୧୯୮୮ରେ ଜେନେଭାରେ ପାକିସ୍ତାନ ଓ ଆଫଗାନିସ୍ଥାନ ମଧ୍ୟରେ ଶାନ୍ତି ପ୍ରତିଷ୍ଠାର ଚୁକ୍ତି ସ୍ୱାକ୍ଷରିତ ହେଲା। ଆମେରିକା ଓ ସୋଭିଏତ ୟୁନିୟନ ଆଫଗାନିସ୍ଥାନର ଅଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ନ କରିବାର ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ସୋଭିଏତ ୟୁନିୟନ ସେନା ପ୍ରତ୍ୟାହାରର ସମୟ ସୀମା ଘୋଷଣା କଲା। କିନ୍ତୁ ଦେଖାଗଲା ପାକିସ୍ତାନର ରାଷ୍ଟ୍ରପତି ଜିଆଉଲ୍ ହକ୍ ଚୁକ୍ତି ପାଳନ ପାଇଁ ଉଦ୍ୟମ କଲେ ନାହିଁ। ଆମେରିକା ପ୍ରେସିଡେଂଟ ରେଗାନ ଘୋଷଣା କଲେ ଆତଙ୍କବାଦୀ ମୁଜାହିଦ୍ଦିନଙ୍କୁ ସହାୟତା ବନ୍ଦ କରାଯିବ ନାହିଁ। ମୁଜାହିଦ୍ଦିନମାନେ ଜେନିଭା ଚୁକ୍ତିକୁ ମାନିବେ ନାହିଁ ବୋଲି ପୂର୍ବରୁ ଘୋଷଣା କରିଥିଲେ। ଗୋର୍ବାଚେଭଙ୍କ ସୋଭିଏତ୍ ୟୁନିୟନ ଏହି ଘଟଣାମାନ ଘଟିଯାଉଥିବାବେଳେ ନିରବ ରହିଲା। ଆଫଗାନିସ୍ଥାନର ଗଣତାନ୍ତ୍ରିକ ସଂସ୍କାର ଉପରେ ପାକିସ୍ତାନ ଓ ଆମେରିକାର ସୃଷ୍ଟି ମୁଜାହିଦ୍ଦିନ ଆତଙ୍କବାଦୀଙ୍କ ଆକ୍ରମଣ ଏହି କାରଣରୁ ବହୁଗୁଣ ବଢ଼ିଚାଲିଲା। ୧୯୯୧ରେ ସୋଭିଏତ୍ ୟୁନିୟନର ଘଟନ ବିଘଟନ ଓ କମ୍ୟୁନିଷ୍ଟ ପାର୍ଟି କ୍ଷମତାରୁ ଅପସାରିତ ହେବା ପରେ ପରେ ଆମେରିକା ପ୍ରଶାସନ "ନୂତନ ବିଶ୍ୱ ବ୍ୟବସ୍ଥା ସୂଚନା" ଘୋଷଣା କଲା। ସେପଟେ ଆଫଗାନିସ୍ଥାନରେ ବର୍ଦ୍ଧିତ ସନ୍ତ୍ରାସ ଓ ବିରୋଧ ଯୋଗୁଁ ସରକାର ପଦତ୍ୟାଗ କଲା। ସୋଭିଏତ୍ ୟୁନିୟନର ପତନ ପରେ ମିଳିତ ଜାତିସଂଘ ୧୯୯୨ରେ ଆଫଗାନିସ୍ଥାନରେ ଶାନ୍ତି ପ୍ରଚେଷ୍ଟାରେ ସମସ୍ତ ଆଫଗାନ ଗୋଷ୍ଠୀକୁ ନେଇ ଏକ ସମ୍ମିଳନୀ କରିଥିଲା। ଏହା ବାହାରକୁ ଫଳପ୍ରସୂ ହେଲେ ମଧ୍ୟ ଗୋଷ୍ଠୀଗୁଡ଼ିକ ମଧ୍ୟରେ ଅନ୍ତଃ-ସଂଘର୍ଷ ବଢ଼ିଚାଲିଥିଲା।୧୯୯୬ରେ ଏହି ସମୟରେ ତାଲିବାନ କ୍ଷମତା ଦଖଲ କରିନେଲା। ଆମେରିକା-ପାକିସ୍ତାନ ତାଲିବାନକୁ ସମର୍ଥନ କଲେ। ଚାଲିଲା ନାରକୀୟ ମଧ୍ୟଯୁଗୀୟ ବର୍ବରତା। ନିର୍ବାଚିତ ରାଷ୍ଟ୍ରପତି ଡକ୍ଟର ନଜିବୁଲ୍ଲାଙ୍କୁ ରାଷ୍ଟ୍ରପତି ଭବନ ସାମ୍ନାରେ ବତୀଖୁଣ୍ଟରେ ବାନ୍ଧି ଖୋଲାଖୋଲି ଗଣମାଧ୍ୟମ ସମ୍ମୁଖରେ ହତ୍ୟା କରାଗଲା ଓ ଶରୀରରୁ ମାଂସ ଗଳିବା ପର୍ଯ୍ୟନ୍ତ ଝୁଲାଇ ରଖାଗଲା।

ସୋଭିଏତ୍ ୟୁନିୟନର ଆଫଗାନିସ୍ଥାନରେ ଉପସ୍ଥିତି ଆଫଗାନ ଜନଗଣଙ୍କୁ ଆଧୁନିକ ଚିନ୍ତାଧାରାରେ ବିକଶିତ କରିବା ସହ ଦୃଷ୍ଟାନ୍ତ ବିହୀନ ସଂସ୍କାର ଓ ଉଦ୍ୟମ। ଅନ୍ୟପକ୍ଷରେ ୧୯୯୬ରୁ ୨୦୦୧ ପର୍ଯ୍ୟନ୍ତ ଆମେରିକା ମଦଉ ପୁଷ୍ଟ ତାଲିବାନୀଙ୍କ ପାଶବିକ ଶାସନ ଏହି ଦୁଇ ବୈପରିତ୍ୟ ଦେଖିବାକୁ ମିଳେ।

୨୦ ବର୍ଷ ଆମେରିକା ଯୁଦ୍ଧରେ ଧ୍ୱଂସାତ୍ମକ ଅଭିଯାନ ଚଳାଇ ଶେଷରେ ଏହି ତାଲିବାନୀଙ୍କ ହାତରେ ଶାସନକୁ ଟେକି ଦେଇଛି। ମୌଳବାଦ ଓ ଆତଙ୍କବାଦର ମଦତ୍‌ଦାତା ରୂପେ ପ୍ରତିଷ୍ଠିତ ଆମେରିକା ସାମ୍ରାଜ୍ୟବାଦ। ନଜିବୁଲ୍ଲା ସରକାରର ପତନ ପାଇଁ ଯେତେବେଳେ ଆଫଗାନିସ୍ଥାନରେ ମୁଜାହିଦ୍ଦିନମାନେ ଅଭିଯାନ ଚଳାଇଥିଲେ, ସେତେବେଳେ ବିଜେପି ଆମେରିକାର କାର୍ଯ୍ୟାନୁଷ୍ଠାନକୁ ସମର୍ଥନ ଜଣାଇବା ସହ ସୋଭିଏତ୍ ସେନା ପ୍ରତ୍ୟାହାର ପାଇଁ ଦାବି କରୁଥିଲା। ୨୦୦୧ ଓ ୨୦୦୩ରେ ଆଫଗାନିସ୍ଥାନ ଓ ଇରାକରେ ଆମେରିକାର ଆକ୍ରମଣକୁ ସମର୍ଥନ କରୁଥିଲା ତତ୍କାଳୀନ ବିଜେପି ସରକାର। ସାମ୍ପ୍ରତିକ ଘଟଣାବଳୀ ଆମେରିକା ସାମ୍ରାଜ୍ୟବାଦର ମିଥ୍ୟାଚାରକୁ ଉନ୍ମୋଚିତ କରିଛି। ଆଜି ତାଲିବାନର ଉତ୍‌ଥାନର ପଥକୁ ପ୍ରଶସ୍ତ କରିଛି ଆମେରିକା। ଜିହାଦି ସଂସ୍କୃତି ଆଫଗାନିସ୍ଥାନରେ ନ ଥିଲା। ତାଲିବାନର ଉତ୍‌ଥାନ ପଛରେ ଭୂ-ରାଜନୈତିକ ଉଦ୍ଦେଶ୍ୟ ଥିଲା। ପାକିସ୍ତାନ ମୁଜାହିଦ୍ଦିନଙ୍କୁ ଖୋଲାଖୋଲି ସମର୍ଥନ କରୁଥିଲା ଓ ଏହା ଆମେରିକା ଜାଣିଥିଲା। ୨୦୦୧ର ୯/୧୧ ଘଟଣା ପଛରେ ତାଲିବାନ ନ ଥିଲା, ଯାହା କରିଥିଲା ଅଲକାଏଦା କରିଥିଲା। କିନ୍ତୁ ତାଲିବାନୀ ଅଲକାଏଦା ପ୍ରତି ଦାୟବଦ୍ଧ ଥିଲା। କାରଣ ଏହାରି ଜରିଆରେ ସାଉଦି ଆରବର ଅର୍ଥ ଓ ସାଉଦି ଆରବର ଗୋଇନ୍ଦା ସାହାଯ୍ୟ ପାଉଥିଲେ। ତାଲିବାନୀଙ୍କ ଉତ୍‌ଥାନ ପାଇଁ ଆମେରିକା ଯେତିକି ଦାୟୀ ଏହାର ସହଯୋଗୀ ପାକିସ୍ତାନ ଓ ସାଉଦୀ ଆରବ ମଧ୍ୟ ସେତିକି ଦାୟୀ।ଆଜି ଆଫଗାନିସ୍ଥାନର ଜନସାଧାରଣ ଯେଉଁ ଭୟାବହ ପରିସ୍ଥିତିର ସମ୍ମୁଖୀନ, ତିନିଦଶକ ପୂର୍ବେ ଆମେରିକା ମଦତ୍‌ରେ ମୁଜାହିଦ୍ଦିନ ଗୋଷ୍ଠୀଗୁଡ଼ିକ ପୁଷ୍ଟ ନ ହୋଇଥିଲେ ଏଭଳି ସମ୍ଭବତଃ ହୋଇପାରି ନ ଥାନ୍ତା। ଆଫଗାନ ଜନତାଙ୍କ ଏହି ପରିସ୍ଥିତି ପାଇଁ ଦାୟୀ ଆମେରିକା।

**ଡ. ମହେନ୍ଦ୍ର ପରିଡ଼ା**

***ଚାଉଳିଆଗଞ୍ଜ, କଟକ***

# ସମ୍ପୂର୍ଣ୍ଣ ସମର୍ପଣ

ଶ୍ରୀମଦ୍‌ଭଗବଦ୍‌ଗୀତାରେ ବର୍ଣ୍ଣିତ - ବିଶ୍ୱ ହିଁ ବିଷ୍ଣୁ, ଜୀବନ ହିଁ ଯୋଗ, କର୍ମ ହିଁ ଯଜ୍ଞ ଓ ସମର୍ପଣ ହିଁ ସକଳ ସିଦ୍ଧିର ରହସ୍ୟ। ଯୋଗ ବିନା ଜୀବନ କେବଳ ଏକ ମୃଗତୃଷ୍ଣା। ଯୋଗ ସିଦ୍ଧି ହେଉଛି ପ୍ରତ୍ୟେକ ମନୁଷ୍ୟର ଜନ୍ମଗତ ଅଧିକାର। ଜଣେ ମନୁଷ୍ୟ ନିଜକୁ କେତେ ମାତ୍ରାରେ ସମର୍ପଣ କରିପାରୁଛି ତା ଅନୁସାରେ ହିଁ ତା ଶକ୍ତିର ଆକଳନ କରାଯାଇଥାଏ। ଏମିତି କୌଣସି ଗୋଟିଏ ବି ମୁହୂର୍ତ୍ତ ନାହିଁ, ଯେତେବେଳେ କି ଈଶ୍ୱର ସବୁକିଛିକୁ ନିୟନ୍ତ୍ରଣ କରୁନାହାନ୍ତି। ତେଣୁ ଚିନ୍ତା କରିବା ଅନାବଶ୍ୟକ। ସେ ଆମକୁ ମଧ୍ୟ ତାଙ୍କ ନିୟନ୍ତ୍ରଣରେ ରଖିଛନ୍ତି। ସେହି ସ୍ରଷ୍ଟାରୂପୀ ପରମାତ୍ମାଙ୍କୁ ପ୍ରତି ମୁହୂର୍ତ୍ତରେ ସ୍ମରଣ କରିବା ହିଁ ଜୀବନର ପରମ ଲକ୍ଷ୍ୟ ହେବା ଉଚିତ। ତାକୁ କେହି କେହି ଅଜପା-ଜପ କହନ୍ତି। ଅର୍ଥାତ୍ ନିରନ୍ତର ସ୍ମରଣ।

ସନ୍ଥ ତୁଳସୀଦାସକୃତ ଶ୍ରୀରାମଚରିତ ମାନସରେ ଅଛି - ପ୍ରଭୁ ଶ୍ରୀରାମ ବାନର ଓ ଭାଲୁ ସୈନ୍ୟଙ୍କ ସହିତ ଲଙ୍କାରେ ପହଂଚିଛନ୍ତି। ଉଭୟ ଶ୍ରୀରାମ ଓ ରାବଣଙ୍କ ସେନା ଯୁଦ୍ଧଭୂମିରେ ଉଭା ହୋଇଛନ୍ତି। ରାବଣର ସୁନ୍ଦର ରଥ। ପ୍ରଭୁ ଶ୍ରୀରାମଙ୍କ ରଥ ନାହିଁ। ରଥ ନାହିଁ ତ ରଥୀ, ସାରଥୀ କୋଉଠୁ ଆସିବେ? ବିଭୀଷଣ ଶ୍ରୀରାମଙ୍କୁ ପଚାରିଲେ - 'ପ୍ରଭୁ! ରାବଣର ରଥ ଅଛି। ଆପଣଙ୍କର ନାହିଁ। ଯୁଦ୍ଧ କରିବେ କେମିତି?' ପ୍ରଭୁ କହିଲେ - 'ବିଭୀଷଣ! ମୋର ବି ରଥ ଅଛି। ଏହାର ସାରଥୀ ଅତି ଚତୁର। ଯୋଉ ରଥର ସାରଥୀ ଚତୁର, ସେ ରଥୀର ବିଜୟ ନିଶ୍ଚିତ। କାରଣ ଯୁଦ୍ଧ ଭୂଇଁରେ ରଥର ଭୂମିକା ଯେତିକି ସାରଥୀର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ।' ଶ୍ରୀରାମ କହୁଛନ୍ତି - 'ରଥରେ ସାରଥୀ ହେଉଛି - ନାମ ଭଜନ। ଇଷ୍ଟଙ୍କର ନାମ ସ୍ମରଣ ଯାହାର ସାରଥୀ ସେ ରଥୀ ବିଜୟଲାଭ କରିବ ହିଁ କରିବ।' ପ୍ରକାରାନ୍ତରେ ଶ୍ରୀରାମଚନ୍ଦ୍ର ମନୁଷ୍ୟକୁ ନିରନ୍ତର ନାମ ସ୍ମରଣ ପାଇଁ ସଚେତନ କରାଇ ଦେଇଛନ୍ତି।

ଈଶ୍ୱରଙ୍କ ପ୍ରତି ପ୍ରତ୍ୟେକ ପ୍ରାଣୀର ହୃଦୟରେ ପୂର୍ଣ୍ଣମାତ୍ରାରେ ସଂଶୟହୀନ ବିଶ୍ୱାସ ରହିଲେ ହିଁ ସମର୍ପଣ ଭାବ ଆସିବ। ସେହି ସମର୍ପଣ ବଳରେ ଜଣେ ବ୍ୟକ୍ତି ଜୀବନରେ ସଦାସୁଖ, ଚିରଶାନ୍ତି ଓ ସମ୍ପୂର୍ଣ୍ଣ ପବିତ୍ରତା ଲାଭ କରିପାରିବ। ଏ ସମ୍ପର୍କରେ ପଢ଼ିଥିବା ସୁନ୍ଦର କାହାଣୀଟିଏ।

ଥରେ ଗୋଟିଏ ରାଜ୍ୟରେ ବର୍ଷା ହେଲାନାହିଁ। ପାଣି ବିନା ସମସ୍ତେ ଭାରି ଡହଳବିକଳ ହେଲେ। ରାଜାଙ୍କ ମୁଣ୍ଡରେ ଚିନ୍ତା ପଶିଲା। ଏଇ ସମୟରେ ବାହାର କୌଣସି ଏକ ରାଜ୍ୟରୁ ଜଣେ ସାଧୁ ଆସିଲେ। ରାଜା ଶୁଣିଲେ ଯେ ସାଧୁଙ୍କ ବର୍ଷା କରାଇବାର କ୍ଷମତା ଅଛି। ରାଜା ସାଧୁଙ୍କ ପାଖକୁ ଗଲେ ଏବଂକହିଲେ - ସାଧୁ ବାବା ଆପଣ ବର୍ଷା କରାଇପାରନ୍ତି ବୋଲି ମୁଁ ଶୁଣିଲି। ବର୍ଷା କରାଇଲେ ଦେଖିବା। ସାଧୁ କହିଲେ - ନା, ମଣିମା, ମୋ ମନ୍ତ୍ର କାମ କରିବ ନାହିଁ। ବୃଥା ଚେଷ୍ଟା କରି ଲାଭ ନାହିଁ। ରାଜା ସାଙ୍ଗରେ ଥିବା ପାରିଷଦମାନଙ୍କୁ ଚାହିଁ କହିଲେ - ମୁଁ କହୁ ନଥିଲି, ଏମିତି ବର୍ଷା କରାଇବା କଣ ସହଜ କଥା? ରାଜା ଫେରିଆସିଲେ। ଦ୍ୱିତୀୟ ବର୍ଷ ବି ବର୍ଷା ହେଲାନାହିଁ। ପରିସ୍ଥିତି ଅତି ମାତ୍ରାରେ ବିଗିଡ଼ି ଯିବା ଭଳି ଲାଗିଲା। ଏଇ ସମୟରେ ରାଜା ପୁଣି ଖବର ପାଇଲେ ଯେ ବର୍ଷା କରାଇ ପାରୁଥିବା ସାଧୁ ପୁଣି ରାଜ୍ୟକୁ ଆସିଛନ୍ତି। ରାଜାଙ୍କୁ କିଛି ପାରିଷଦ କହିଲେ - ଆଜ୍ଞା, ସାଧୁ ସତରେ ବର୍ଷା କରାଇ ପାରୁଛନ୍ତି। ଚାଲନ୍ତୁ ତାଙ୍କୁ ଆଉ ଥରେ ଅନୁରୋଧ କରିବା।

ରାଜା ସାଧୁଙ୍କୁ କହିଲେ - ମହାତ୍ମା, ଏବେ ବର୍ଷା କରାଇପାରିବେ? ଟିକିଏ ବର୍ଷା କରାଇଦେଲେ ଆମ କଷ୍ଟ ଯାଆନ୍ତା।

ସାଧୁ କହିଲେ - ମଣିମା ଏବେ ବି ସମୟ ଆସିନାହିଁ।

ରାଜା ଏଥର ହତାଶାରେ କହିଲେ - ମୋର ସନ୍ଦେହ ଠିକ୍ ଥିଲା। ବେକାର ପ୍ରୟାସ ଯାହା।

ଲଗାତାର ତୃତୀୟ ବର୍ଷ ପାଇଁ ବର୍ଷା ହେଲା ନାହିଁ। ଏଥର ସ୍ଥିତି ଅସମ୍ଭାଳ। ରାଜା ଓ ପ୍ରଜା ସଭିଙ୍କ ପାଇଁ ଥିଲା ଜୀବନମରଣ ସମସ୍ୟା। ପୁଣି ରାଜା ଖବର ପାଇଲେ ସାଧୁ ଆସିଛନ୍ତି। ରାଜା ସିଧା ଯାଇ ସାଧୁଙ୍କ ଗୋଡ଼ତଳେ ପଡ଼ିଯାଇ କହିଲେ - ଆଜ୍ଞା, ଏବେ କୁଟା ଖିଅକୁ ଭରସା। ଆପଣ ଚାହିଁଲେ ନିଶ୍ଚୟ ବର୍ଷା କରାଇପାରିବେ।

ସାଧୁ କହିଲେ - ମଣିମା, ଏଥର ବର୍ଷା ହେବ।


ଚାହୁଁ ଚାହୁଁ ଝରଝର ବର୍ଷା ଝରିପଡ଼ିଲା। ରାଜା ତଟସ୍ଥ ହୋଇଗଲେ। ରାଜା ପଚାରିଲେ ମହାତ୍ମା, ଏଥର କେମିତି ବର୍ଷା ହେଲା?

ସାଧୁ କହିଲେ - ଏ ହେଉଛି ଈଶ୍ୱରଙ୍କ କୃପା। ତୁମେ ଯଦି ଈଶ୍ୱରଙ୍କ କୃପାକୁ ବିଶ୍ୱାସ ନ କରିବ ତେବେ ତାହା କାମ କରିବ ନାହିଁ। ପ୍ରଥମ ବର୍ଷ ତୁମ ମନରେ ଅହଂ ଥିଲା। ତେଣୁ ତୁମେ ପରୀକ୍ଷା କରିବାକୁ ଚାହିଁଲ। ଦ୍ୱିତୀୟ ବର୍ଷ ତୁମ ମନରେ ସନ୍ଦେହ ଥିଲା। ଏ ବର୍ଷ କିନ୍ତୁ ତୁମେ ପୂରା ସମର୍ପଣ କରିଦେଇଥିଲ। ତେଣୁ ଈଶ୍ୱରଙ୍କ କୃପା ବର୍ଷିଲା। ପ୍ରକୃତରେ ସଂଶୟହୀନ ବିଶ୍ୱାସ ଓ ସମ୍ପୂର୍ଣ୍ଣ ସମର୍ପଣ ହିଁ ପରମାତ୍ମା ପ୍ରାପ୍ତିର ମାର୍ଗକୁ ସହଜ କରିଦେଇଥାଏ।

**ଡ଼ ପ୍ରତିଭା ମହାରଥୀ**

# କିଡ୍‌ନୀକୁ ସୁସ୍ଥ ରଖିବାର ଟିପ୍ସ...

**କିଡ୍‌ନୀ ଶରୀରର ଏକ ମହତ୍ୱପୂର୍ଣ୍ଣ ଅଙ୍ଗ। ଶରୀରକୁ ସୁସ୍ଥ ରଖିବାରେ କିଡ୍‌ନୀର ମହତ୍ୱପୂର୍ଣ୍ଣ ଭୂମିକା ରହିଛି। କିଡ୍‌ନୀ ରକ୍ତରୁ ଅତିରିକ୍ତ ପାଣି, ବର୍ଜ୍ୟବସ୍ତୁ ଏବଂ ଅନ୍ୟାନ୍ୟ ଅଶୁଦ୍ଧ ପଦାର୍ଥଗୁଡିକୁ ଫିଲ୍ଟର କରିଥାଏ। କିଡ୍‌ନୀ ରକ୍ତକୁ ସଫା କରିଥାଏ ଏବଂ ଶରୀରରୁ ବିଷାକ୍ତ ପଦାର୍ଥ ପରିସ୍ରା ଜରିଆରେ ବାହାର କରିଥାଏ। କିନ୍ତୁ ଭୁଲ୍ ଜୀବନଶୈଳୀ ଏବଂ ଅଧିକ ଔଷଧ ସେବନ ଯୋଗୁଁ କିଡ୍‌ନୀ ଉପରେ ଭୁଲ ପ୍ରଭାବ ପଡ଼ିଥାଏ। ସେଥିପାଇଁ କିଡ୍‌ନୀର ଯତ୍ନ ନେବା ନିହାତି ଆବଶ୍ୟକ।**



୧. ସୁସ୍ଥ ରହିବା ପାଇଁ କିଡ୍‌ନୀକୁ ସୁସ୍ଥ ରଖିବା ଆବଶ୍ୟକ। ସେଥିପାଇଁ ନିୟମିତ ବ୍ୟାୟାମ କରିବା ଆବଶ୍ୟକ। ବ୍ୟାୟାମ ରକ୍ତଚାପକୁ ସନ୍ତୁଳିତ ରଖିଥାଏ ଏବଂ ହୃଦୟ ସମ୍ବନ୍ଧୀୟ କୌଣସି ସମସ୍ୟା ହୋଇନଥାଏ। ଫିଟ୍ ରହିବା ପାଇଁ ନିୟମିତ ଚାଲିବା, ନାଚିବା, ସାଇକେଲ ଚଳାଇବା, ଦୌଡ଼ିବା ଆଦି ଅଭ୍ୟାସ ଶରୀରକୁ ସୁସ୍ଥ ରଖିଥାଏ।

୨. ଡାଇବେଟିସ୍ ପାଇଁ କିଡ୍‌ନୀ ପ୍ରଭାବିତ ହୋଇଥାଏ। ସେଥିପାଇଁ ବ୍ଲଡ ସୁଗାର ନିୟନ୍ତ୍ରଣ ରଖିବା ନିହାତି ଆବଶ୍ୟକ। ଉଚିତ ସମୟରେ ଡାକ୍ତରଙ୍କୁ ପରାମର୍ଶ କରି ସ୍ୱାସ୍ଥ୍ୟ ପ୍ରତି ଥିବା ବିପଦ ଏଡାଇପାରିବେ। ଅଧିକ ସୁଗାରଯୁକ୍ତ ଖାଦ୍ୟ ସେବନ ବାରଣ କରିବା ଉଚିତ୍।


୩. ଉଚ୍ଚ ରକ୍ତଚାପ ଯୋଗୁଁ ମଧ୍ୟ କିଡ୍‌ନୀ ପ୍ରଭାବିତ ହୋଇଥାଏ। ସେଥିପାଇଁ ରକ୍ତଚାପ ଉପରେ ନିୟମିତ ନଜର ରଖିବା ଦରକାର। ସଠିକ୍ ଜୀବନଶୈଳୀ ଆପଣେଇ ସୁସ୍ଥ ରହିପାରିବେ।

୪. ମୋଟାପଣ ଅନେକ ରୋଗର କାରଣ ହୋଇଥାଏ। ଓଜନ ବଢ଼ିଲେ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଇଥାଏ। ଫଳରେ କିଡ୍‌ନୀ ମଧ୍ୟ ପ୍ରଭାବିତ ହୋଇଥାଏ। ଓଜନ ବଢ଼ିବା ଯୋଗୁଁ ମଧୁମେହ, ହୃଦୟ ରୋଗ ଓ କିଡ୍‌ନୀ ରୋଗ ହେବାର ସମ୍ଭବନା ରହିଛି। ସେଥିପାଇଁ ଓଜନ ନିୟନ୍ତ୍ରଣ କରିବା ଆବଶ୍ୟକ। ଡାଏଟ୍‌ରେ ତଟକା ପନିପରିବା, ଫଳ, ମାଛ, ଶସ୍ୟଜାତୀୟ ଖାଦ୍ୟ ସାମିଲ କରନ୍ତୁ।

୫. ଧୂମପାନ ଶରୀରରେ ରକ୍ତ ବାହାକକୁ ହାନି ପହଂଚାଇଥାଏ। ଧୂମପାନ ଯୋଗୁଁ କିଡ୍‌ନୀରେ ରକ୍ତ ପ୍ରବାହ ମନ୍ଥର ହୋଇଯାଇଥାଏ। ଧୂମପାନ ଯୋଗୁଁ କିଡ୍‌ନୀ କ୍ୟାନ୍ସରର ସମ୍ଭାବନା ଅଧିକ ଥାଏ। କିଡ୍‌ନୀକୁ ସୁସ୍ଥ ରଖିବାକୁ ଧୂମପାନ କରନ୍ତୁ ନାହିଁ।

୬. ୬୦ ବର୍ଷରୁ ଅଧିକ ବୟସ୍କ ଲୋକ, ବିଶେଷକରି ଯେଉଁମାନେ ହୃଦୟ ରୋଗ, ମଧୁମେହ କିମ୍ବା ଉଚ୍ଚ ରକ୍ତଚାପରେ ପୀଡିତ କିମ୍ବା ଯେଉଁମାନଙ୍କ ଓଜନ ଅଧିକ ସେମାନେ ନିଜ କିଡ୍‌ନୀର ବିଶେଷ ଯତ୍ନ ନେବା ଆବଶ୍ୟକ। ଏମାନେ ସମୟ ସମୟରେ ନିଜ କିଡ୍‌ନୀ ପରୀକ୍ଷା କରାଇବା ଏବଂ ଡାକ୍ତରଙ୍କୁ ପରାମର୍ଶ କରିବା ଆବଶ୍ୟକ।

# ଚଳଚ୍ଚିତ୍ର ଜଗତରେ ରହିବାକୁ ହେଲେ ସବୁକିଛି କରିବାକୁ ପଡ଼ିବ: ଅନୀଲ



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅନୀଲ କପୁର ନିଜ ଚଳଚ୍ଚିତ୍ର ମାଧ୍ୟମରେ ଲୋକଙ୍କ ହୃଦୟ ଜିତିବା ପାଇଁ କୌଣସି ପ୍ରୟାସ ଛାଡିନାହାନ୍ତି। କ୍ୟାରିୟର ଆରମ୍ଭଠାରୁ ଏପର୍ଯ୍ୟନ୍ତ ଅନେକ ସମୟରେ ବ୍ଲକବଷ୍ଟର ଚଳଚ୍ଚିତ୍ର ମାଧ୍ୟମରେ ନିଜର ସ୍ୱତନ୍ତ୍ର ଏକ ପରିଚୟ ସୃଷ୍ଟି କରିପାରିଛନ୍ତି। ଏହାରି ମଧ୍ୟରେ ଆଉ ଏକ ବଡ଼ ଖୁଲାସା କରିଛନ୍ତି ଅନୀଲ କପୁର। ଏକ ଇଂଟରଭ୍ୟୁରେ ସେ କହିଛନ୍ତି, ଏମିତି ବି କିଛି ଫିଲ୍ମ ଅଛି, ଯାହାକୁ ସେ କେବଳ ଟଙ୍କା ପାଇଁ କରିଛନ୍ତି। ସେ କହିଛନ୍ତି ସେତେବେଳେ ତାଙ୍କ ପରିବାର ଘୋର ଆର୍ଥିକ ସଙ୍କଟରେ ଥିଲା ଏବଂ ତାଙ୍କୁ ଯେଉଁ ଫିଲ୍ମ ପାଇଁ ଅଫର ମିଳୁଥିଲା, ଟଙ୍କା ପାଇଁ ସେ ତାହାକୁ କରିବା ପାଇଁ ରାଜି ହୋଇଯାଇଥିଲେ। ଫିଲ୍ମ 'ଅନ୍ଦାଜ୍' ଏବଂ 'ହୀରା ରାନ୍‌ଝା' ସେ କେବଳ ଟଙ୍କା ପାଇଁ କରିଥିଲେ ବୋଲି କହିଛନ୍ତି। ଅନୀଲ କହିଛନ୍ତି, ଫିଲ୍ମ 'ରୂପ କି ରାନୀ ଏବଂ ଚୋରୋଁ କା ରାଜା' ପରେ ପରେ ପରିବାରର ଆର୍ଥିକ ପରିସ୍ଥିତି ସଙ୍କଟରେ ଆସିଯାଇଥିଲା ଏବଂ ଆମକୁ ଯାହା ମିଳିଥିଲା କରିଥିଲୁ। ଏହାକୁ ସ୍ୱୀକାର କରିବାରେ ମୁଁ ସଂକୋଚ କରୁନାହିଁ। ରୂପ କି ରାନୀ ଏବଂ ଚୋରୋଁ କା ରାଜା ଯାହାକି ୧୯୯୩ ମସିହାରେ ରିଲିଜ୍ ହୋଇଥିଲା କିନ୍ତୁ ପରେ, ଏହି ଦୁଇଟି ଫିଲ୍ମ ସୁପର ଫ୍ଲପ୍ ହୋଇଯାଇଥିଲା।

ଅନୀଲ ଆହୁରି ମଧ୍ୟ କହିଛନ୍ତି, ମୋ ପରିବାର ଆଉ ମୁଁ ଭାଗ୍ୟଶାଳୀ କି ସେହି ସମୟଗୁଡିକ ଚାଲିଯାଇଛି ଏବଂ ସେବେଠାରୁ ଆଜିପର୍ଯ୍ୟନ୍ତ ଆମର ପରିସ୍ଥିତି ଏତେ କଠିନ କେବେ ହୋଇନାହିଁ। କିନ୍ତୁ ଯଦି ପୁଣିଥରେ ସେଭଳି ସମୟ ଆସେ କିମ୍ବା ଆମକୁ ଖରାପ ସମୟରେ ଗତି କରିବାକୁ ପଡିବ, ତାହେଲେ ମୁଁ ସେ କାମ କରିବାକୁ ପୁନର୍ବାର ଚାହିଁବିନି। ସେ ଏହା ମଧ୍ୟ କହିଛନ୍ତି ଯଦି ନିଜକୁ ଚଳଚ୍ଚିତ୍ର ଜଗତରେ କ୍ୟାରିୟର ଗଢ଼ିବାକୁ ଅଛି ତାହେଲେ ତୁମକୁ ନିଜର ସବୁକିଛି ଦେବା ପାଇଁ ପ୍ରସ୍ତୁତ ହେବାକୁ ପଡିବ। ଏଥିରେ ରହିବା ପାଇଁ ସାହାସ ଓ ଉତ୍ସାହ ଦରକାର ବୋଲି ଅନୀଲ କହିଛନ୍ତି।

# ବାଥ୍‌ରୁମ୍ ଛାତ ସିଲିଂ ଫଟାଇ ପଶିଆସିଲା ଅଜବ ଜୀବ



ଅନେକ ସମୟରେ ଆମେ ଆମ ଚାରିପାଖରେ ଅଜବ ଜିନିଷ ଦେଖିଥାଉ ଯାହାକି ଆଶ୍ଚର୍ଯ୍ୟାନ୍ୱିତ କରିଥାଏ। ବିଭିନ୍ନ ସ୍ଥାନରେ ଅଜବ ଜୀବଜନ୍ତୁମାନେ ମଧ୍ୟ ଦେଖାଯାଆନ୍ତି ଯାହାକୁ କି ବୈଜ୍ଞାନିକମାନେ ମଧ୍ୟ ଅନୁସନ୍ଧାନ କରିପାରନ୍ତି ନାହିଁ। ଏପରି ଅନେକ ଘଟଣା ସୋଶାଲ ମିଡିଆରେ ପ୍ରକାଶ ପାଇଥାଏ। ନିକଟରେ ଏପରି ଏକ ଘଟଣା ଦେଖିବାକୁ ମିଳିଛି ଅଷ୍ଟ୍ରେଲିଆରେ। ଜଣେ ବ୍ୟକ୍ତି ନିଜ ବାଥ୍‌ରୁମ୍‌ରେ ଏକ ଅଜବ ଜୀବକୁ ଦେଖି ଚିହିକି ଉଠିଥିଲେ। ବାଥ୍‌ରୁମ୍‌ର ସିଲିଂରୁ ବଡ଼ ବଡ଼ ନଖ ଏବଂ ଲୋମଥିବା ଏକ ଅଜବ ଜୀବ ଦେଖିବାକୁ ପାଇଥିଲେ। ଫ୍ରାଙ୍ଗେଲିସା ନାମକ ଜଣେ ବ୍ୟକ୍ତି ନିଜ ବାଥ୍‌ରୁମ୍‌କୁ ଯାଇଥିବାବେଳେ ଏଭଳି ଏକ ଏକ ବିଚିତ୍ର ଜୀବ ଦେଖିଥିଲେ। ଏହାକୁ ଦେଖିବା ପରେ ତାଙ୍କୁ ହରର ଫିଲ୍ମର ଦୃଶ୍ୟ ଭଳି ଲାଗିଥିଲା। ଏହାପରେ ଯୁବକଜଣକ ଫଟୋ ଉଠାଇ ସୋସିଆଲ ମିଡିଆରେ ସେୟାର କରିଥିଲେ। ଏହି ଫଟୋଟି ଭାଇରାଲ ହେବା ପରେ ଅନେକ ୟୁଜର ବିଭିନ୍ନ କମେଂଟ୍ ଦେଇଛନ୍ତି। ଜଣେ ୟୁଜର ଲେଖିଛନ୍ତି, ଏହା ଏକ ଅଷ୍ଟ୍ରେଲୀୟ ଜୀବ ହୋଇଥାଇପାରେ ଏବଂ ଏହାକୁ ପେସ୍କି କ୍ରିଟର ବୋଲି କୁହାଯାଏ। ଏହାକୁ ସେଠାରୁ ତୁରନ୍ତ ମୁକ୍ତ କରିବାକୁ ପରାମର୍ଶ ମଧ୍ୟ ଦେଇଛନ୍ତି। ଆଉ ଜଣେ ସୋସିଆଲ ମିଡିଆ ୟୁଜର ଲେଖିଛନ୍ତି, ଉକ୍ତ ସିଲିଂ ମଧ୍ୟରେ ଗୋଟିଏ ଆଲୋକ ଲଗାଇ ଦିଅନ୍ତୁ, ସେହି ଜୀବଟି ବାହାରକୁ ବାହାରିଆସିବ। କାରଣ ରାତ୍ରିଚର ପଶୁ ହୋଇଥିବାରୁ ସେମାନେ ଉଜ୍ଜ୍ୱଳ ଆଲୋକକୁ ଭୟ କରନ୍ତି।

# ସନ୍ଧ୍ୟାରେ କେଉଁ ଜିନିଷ ଦାନ ଦେବା କଥାନୁହେଁ



***ଜ୍ୟୋତିଷ ଶାସ୍ତ୍ରରେ ଦାନର ମହତ୍ୱ ଅଧିକ ରହିଛି। କୌଣସି ଗରବ ଲୋକଙ୍କୁ ଦାନ କରିବା ଏକ ମହତ୍ୱପୂର୍ଣ୍ଣ କାମ ବୋଲି ବିବେଚନା କରାଯାଏ। ଶାସ୍ତ୍ରରେ ଦାନର ମହତ୍ୱ ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ କଥା କୁହାଯାଇଛି। ଦାନ ଦେବା ଦ୍ୱାରା ପୁଣ୍ୟ ପ୍ରାପ୍ତି ହୋଇଥାଏ ବୋଲି ମାନ୍ୟତା ରହିଛି। କିନ୍ତୁ କ'ଣ ଆପଣ ଜାଣନ୍ତି କି ସନ୍ଧ୍ୟା ସମୟରେ ଦାନ ଦିଆଯାଏନାହିଁ କାହିଁକି? ସନ୍ଧ୍ୟା ସମୟରେ ଦାନ ଦେବା ଅତ୍ୟନ୍ତ ଅଶୁଭ ବୋଲି ଧରାଯାଏ। ଏହାଦ୍ୱାରା ଆପଣଙ୍କ ଜୀବନରେ ଅନେକ ସମସ୍ୟା ଦେଖାଦେଇପାରେ। ତେବେ ଆସନ୍ତୁ ଜାଣିବା ସନ୍ଧ୍ୟା ସମୟରେ କେଉଁ ଜିନିଷ ଦାନ କରିବା ଉଚିତ୍ ନୁହେଁ।***

-ସନ୍ଧ୍ୟା ସମୟରେ କ୍ଷୀର ଦାନ କରିବା ଉଚିତ୍ ନୁହେଁ। କ୍ଷୀରକୁ ମା' ଲକ୍ଷ୍ମୀ ଏବଂ ଚନ୍ଦ୍ରଙ୍କର ପ୍ରତୀକ ବୋଲି କୁହାଯାଇଥାଏ। ତେଣୁ ସନ୍ଧ୍ୟା ସମୟରେ କ୍ଷୀର ଦାନ କରିବା ଦ୍ୱାରା ଘରେ ଅର୍ଥାଭାବ ଦେଖାଦିଏ।

-ସୂର୍ଯ୍ୟାସ୍ତ ସମୟରେ କାହାକୁ ଦହି ଦେବା ଉଚିତ୍ ନୁହେଁ। ଏହାଦ୍ୱାରା ଆପଣଙ୍କୁ ସୁଖ-ଶାନ୍ତି ଓ ବୈଭବ ହାନି ଘଟିଥାଏ।

-ସନ୍ଧ୍ୟା ସମୟରେ କାହାକୁ ବି ପିଆଜ ଆଉ ରସୁଣ ଦେବା ଉଚିତ୍ ନୁହେଁ। ରସୁଣ ଆଉ ପିଆଜର ସମ୍ପର୍କ କେତୁ ଗ୍ରହଣ ସହ ରହିଥାଏ। ସନ୍ଧ୍ୟା ସମୟରେ ଏହାକୁ ଦେବା ଦ୍ୱାରା ଆପଣଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ।

-ସନ୍ଧ୍ୟା ସମୟରେ ଲକ୍ଷ୍ମୀ ଘରେ ପ୍ରବେଶ କରିଥାନ୍ତି। ତେଣୁ ସନ୍ଧ୍ୟା ସମୟରେ ଆପଣ କାହାକୁ ବି ଅର୍ଥଦାନ କରିବା ଦ୍ୱାରା ଲକ୍ଷ୍ମୀଙ୍କୁ ଗୃହରୁ ବିଦା କରିବା କୁହାଯାଏ।

# କଙ୍ଗନାଙ୍କୁ ଆଶ୍ୱସ୍ତି



ବଲିଉଡ୍ ଅଭିନେତ୍ରୀ କଙ୍ଗନା ରଣାଓ୍ୱତଙ୍କୁ ମିଳିଲା ବଡ଼ ଆଶ୍ୱସ୍ତି। ଦେଶଦ୍ରୋହ ମାମଲା ଅଭିଯୋଗରେ ସୋମବାର ବମ୍ବେ ହାଇକୋର୍ଟ ତାଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ଆସନ୍ତା ୨୫ ଜାନୁଆରୀ ପର୍ଯ୍ୟନ୍ତ ତାଙ୍କ ଗିରଫଦାରୀ ଉପରେକୋର୍ଟ ରୋକ୍ ଲଗାଇଛନ୍ତି। କଙ୍ଗନା ଏବଂ ତାଙ୍କ ଭଉଣୀ ରଙ୍ଗୋଲିଙ୍କ ବିରୋଧରେ ମୁମ୍ବାଇ ବାନ୍ଦ୍ରା ପୋଲିସ ଷ୍ଟେସନରେ ୧୨୪ ଏ, ୨୯୫ ଏ ଏବଂ ୧୫୩ ଏ ଆକ୍ଟରେ ଦେଶଦ୍ରୋହ ମାମଲା ଦାୟର ହୋଇଥିଲା। ବାନ୍ଦ୍ରା କୋର୍ଟ କାଷ୍ଟିଂ ଡାଇରେକ୍ଟର ସାହିଲ ଅଶରଫଙ୍କ ଅଭିଯୋଗ ପରେ କଙ୍ଗନା ଏବଂ ତାଙ୍କ ଭଉଣୀଙ୍କ ବିରୋଧରେ ଏଫ୍ଆଇଆର ରୁଜୁ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଫ୍ଆଇଆର ମୁତାବକ, କଙ୍ଗନା ଏବଂ ତାଙ୍କ ଭଉଣୀ ରଙ୍ଗୋଲି ଟୁଇଟ୍ ଜରିଆରେ ଶାନ୍ତିପୂର୍ଣ୍ଣ ପରିବେଶକୁ ଭଙ୍ଗ କରିବା ଏବଂ ମହାରାଷ୍ଟ୍ର ସରକାର ନାଁକୁ ବଦ୍‌ନାମ୍ କରିବାକୁ ଚେଷ୍ଟା କରିଥିଲେ। ଏଥିସହ କଙ୍ଗନା ଲଗାତାର ବଲିଉଡ୍‌କୁ ବଦ୍‌ନାମ କରିବାକୁ ଚେଷ୍ଟା କରୁଥିବା କୋର୍ଟରେ ଦାୟର ହୋଇଥିବା ଆବେଦନରେ କୁହାଯାଇଥିଲା। କଙ୍ଗନା ସୋଶାଲ ମିଡିଆ ପ୍ଲାଟଫର୍ମଠାରୁ ଆରମ୍ଭ କରି ଟିଭି ପର୍ଯ୍ୟନ୍ତ, ସବୁଠି ଇଣ୍ଡଷ୍ଟ୍ରି ବିରୋଧରେ ବିଷ ଓଗାଳୁଥିବା ଅଭିଯୋଗ ହୋଇଥିଲା। କେବଳ ସେତିକି ନହେଁ କଙ୍ଗନା ହିନ୍ଦୁ ଓ ମୁସଲିମ୍ କଳାକାରଙ୍କ ମଧ୍ୟରେ ଫାଟ ସୃଷ୍ଟି କରିବାକୁ ପ୍ରୟାସ କରୁଥିବା ଏଫ୍ଆଇଆର୍‌ରେ କୁହାଯାଇଛି। ସେ ଲଗାତାର ଆପତିଜନକ ଟୁଇଟ୍ କରି ଧାର୍ମିକ ଭାବନାକୁ ଆଘାତ ଦେବା ସହ ଫିଲ୍ମ ଇଣ୍ଡଷ୍ଟ୍ରିର ଅନେକ ଲୋକଙ୍କୁ ଟାର୍ଗେଟ କରିଥିବା ଅଭିଯୋଗ ହୋଇଛି।

# ତିର୍ତ୍ତୋଲ ବିଧାୟକଙ୍କ ଇସ୍ତଫା ଦାବି କଲା ଯୁବ କଂଗ୍ରେସ

ତିର୍ତ୍ତୋଲ,(୨୫/୭(ନି.ପ୍ର): ଦିନକୁ ଦିନ ବଢୁଛି ତିର୍ତ୍ତୋଲ ବିଧାୟକଙ୍କ ଅଡୁଆ ।ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ବିରୁଦ୍ଧରେ ପ୍ରେମିକା ସୋମାଲିକା ଗୋଟିଏ ପରେ ଗୋଟିଏ ଅଭିଯୋଗ ଆଣିଥିବା ବେଳେ ବିଧାୟକ ବିଜୟ ଶଙ୍କର ଦାସ ସେକ୍ସ ରାକେଟ ଚଳାଉଥିବା ଭଳି ଏକ ସଙ୍ଗୀନ ଅଭିଯୋଗ କରିଥିଲେ । ବିଧାୟକଙ୍କ ସେକ୍ସ ରାକେଟ ଚଳାଇବା ଘଟଣା ସମ୍ପର୍କରେ ତଦନ୍ତ କରିବାକୁ ଜଗତସିଂହପୁର ଏସପି ଅଖିଳେଶ୍ୱର ସିଂ କ୍ରାଇମବ୍ରାଞ୍ଚକୁ ତଦନ୍ତ ପାଇଁ ଲେଖିଛନ୍ତି । ସେକ୍ସ ରାକେଟ ଘଟଣା କ୍ରାଇମବ୍ରାଞ୍ଚ ତଦନ୍ତ ପୂର୍ବରୁ ବିଧାୟକ ବିଜୟ ଶଙ୍କର ଇସ୍ତଫା ଦିଅନ୍ତୁ ନଚେତ ତାଙ୍କୁ ବାଚସ୍ପତି ବହିଷ୍କାର କରନ୍ତୁ ବୋଲି ଯୁବ କଂଗ୍ରେସ ଦାବି କରିଛି । ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ପକ୍ଷରୁ ତିର୍ତ୍ତୋଲ ଆନନ୍ଦମଣ୍ଡପଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇ ବିଧାୟକଙ୍କ ଇସ୍ତଫା ଦାବି କରାଯାଇଛି ।ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ବେଦଦ୍ୟୁତି ପୃଷ୍ଟିଙ୍କ ନେତୃତ୍ୱରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ବିଜୟ ଶଙ୍କର ଦାସ ତିର୍ତ୍ତୋଲ ମାଟିକୁ ବଦନାମ କରିଛନ୍ତି ବୋଲି ଅଭିଯୋଗ କରିଥିଲେ ।କଟକ,ଭୁବନେଶ୍ୱରର ବିଭିନ୍ନ ଥାନାରେ ତାଙ୍କ ନାମରେ ମାମଲା ଥିବା ବେଳେ ସେକ୍ସ ରାକେଟ ଚଳାଉଥିବା ପରି ସଙ୍ଗୀନ ଅଭିଯୋଗ ଉଠିଛି ।ସରକାରଙ୍କ ମା'ଙ୍କୁ ସମ୍ମାନ ଗାଁ କୁ କାମ ନାରା ପ୍ରହସନ ପାଲଟିଛି ବୋଲି ଅଭିଯୋଗ



କରାଯାଇଛି ।ବିଧାୟକ ନିଜ ପଦରୁ ଇସ୍ତଫା ଦିଅନ୍ତୁ ନଚେତ ତାଙ୍କୁ ବାଚସ୍ପତି ପଦରୁ ବହିଷ୍କାର କରନ୍ତୁ ବୋଲି ଯୁବ କଂଗ୍ରେସ ନେତା ମାନେ ଦାବି କରିଛନ୍ତି । ବିଜୟ ଶଙ୍କର ଶାସକଦଳର ବିଧାୟକ ହୋଇଥିବା କାରଣରୁ ସେ ଇସ୍ତଫା ନଦେଲେ ତଦନ୍ତ ନିରପେକ୍ଷ ହେବାରେ ବାଧା ସୃଷ୍ଟି ହେବ ବୋଲି ଯୁବ କଂଗ୍ରେସ ଅଭିଯୋଗ କରିଛି ।ନିଶାମଣୀ ଖୁଣ୍ଟିଆ, ପ୍ରତାପ ଚନ୍ଦ୍ର ମହାନ୍ତି, ନିତ୍ୟାନନ୍ଦ ସାମନ୍ତରାୟ, ବସନ୍ତ କୁମାର ବିଶ୍ୱାଳଙ୍କ ପରି ନେତାମାନଙ୍କ ପାଇଁ ଗର୍ବିତ ତିର୍ତ୍ତୋଲ ମାଟିକୁ ବିଧାୟକ ବିଜୟ ଶଙ୍କର ବଦନାମ ଓ କଳଙ୍କିତ କରିଛନ୍ତି ।ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ନଚେତ ତାଙ୍କୁ ବହିଷ୍କାର କରାଯାଉ ବୋଲି ଯୁବ କଂଗ୍ରେସ ଦାବି କରିଛନ୍ତି ।ନଚେତ ଆଗାମୀ ଦିନରେ ଆନ୍ଦୋଳନ କରାଯିବା ସହ ତିର୍ତ୍ତୋଲ ଅଞ୍ଚଳରେ ବିଧାୟକଙ୍କୁ ବିରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି ।ଏହି ସାମ୍ବାଦିକ ସମ୍ମିଳନୀରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ବେଦଦ୍ୟୁତି ପୃଷ୍ଟି, ମୁଳିସିଂ ସରପଞ୍ଚ ତଥା ଯୁବ କଂଗ୍ରେସ ନେତା ସଫିଆଜମ,ଗୋପାଳପୁର ଯୁବ କଂଗ୍ରେସ ସଭାପତି ଶୁଭାଶିଷ ସ୍ୱାଇଁ, ରିଙ୍କୁ ପାଲ,ବୁଦ୍ଧେଶ୍ୱର ବେହେରା, ରବୀନ୍ଦ୍ର ମଲ୍ଲିକ, ସାଇ ମହାପାତ୍ର ପ୍ରମୁଖ ଯୁବ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## କଙ୍କୋରଡା କଲେଜରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ସାନଖେମୁଣ୍ଡି (ଖବର): କଙ୍କୋରଡା ସ୍ଥିତ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଗୁରୁବାର ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ୧୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଚାରା ରୋପଣ କରାଯାଇଥିଲା । ଦିନକୁ ଦିନ କିପରି ବୃକ୍ଷ ଅଭାବ ଯୋଗୁଁ ପୃଥିବୀ କିପରି ଧ୍ୱଂସ ଆଡକୁ ଗତି କରୁଛି ଏବଂ ଏହାକୁ କିପରି ରୋକାଯାଇ ପାରିବ ଏହି ବିଷୟକୁ ନେଇ କଲେଜ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଜେନା କାର୍ଯ୍ୟଟିର ଉଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସାମ୍ପ୍ରତିକ ପରିସ୍ଥିତିରେ ବୃକ୍ଷ ରୋପଣ କରାଯିବା ସହ ବୃକ୍ଷର ଆବଶ୍ୟକତା ଉପରେ ଆଲୋକପାତ କରିବା ସହ ବୃକ୍ଷ ରୋପଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରକାଶ ଚନ୍ଦ୍ର ଜେନା, ବାବୁ ପ୍ରଧାନ, ସୁଶାନ୍ତ ପଣ୍ଡା, ବରୁଣ ସେଠି, ନାରାୟଣ ପରିଡା, ରାଜେଶ ଦଳାଇ, ଅନିଲ ପ୍ରଧାନ, ଆଦର୍ଶ ପଣ୍ଡା, ପିଣ୍ଟୁ ବିଶୋଇ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ । ପରିଶେଷରେ ଚାରା ଗୁଡିକୁ ପୋଷ୍ୟ ଭାବେ ଗ୍ରହଣ କରି ରୋପଣ କରିବା ସହ ତାର ଯତ୍ନ ନେବାକୁ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ ।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ୨ ଜଣ ଗିରଫ

ରେଢ଼ାଖୋଲ ୨୫/୭(ନି.ପ୍ର): ମଣିଷରୁ ପଶୁ ପାଲଟି ଯାଇ ଗୋଟିଏ ନିରୀହ ନାବାଳିକାକୁ ଦୁଷ୍କର୍ମ କରିଥିବା ନେଇ ସମ୍ବଲପୁର ଜିଲ୍ଲା ଚାରମାଲ ଥାନାରେ ଗତ ୦୮/୦୭ ଅଭିଯୋଗ ହୋଇଥିଲା ସୂଚନାନୁସାରେ ଢ଼ଙ୍ଗାପଥର ଗ୍ରାମର ଜଣେ ନାବାଳିକାକୁ ଢ଼ଙ୍ଗାପଥର ଗ୍ରାମର ବିଜୟ କଅଁର ଓ ଅନ୍ତର୍ଯ୍ୟାମୀ ରଣା ନାବାଳିକା କୁ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ କରିଥିଲେ । କିନ୍ତୁ ବିଜୟ କଅଁର ମୁଖ୍ୟ ଅଭିଯୁକ୍ତ ଥିବାବେଳେ ଅନ୍ତର୍ଯ୍ୟାମୀ ରଣା ବିଜୟ କଅଁରକୁ ସହଯୋଗ କରିଥିବା ଯୁବତୀ ଜଣକ ଅଭିଯୋଗ କରିଥିଲେ । ତାପରେ ଚାରମାଲ ପୋଲିସ ଘଟଣା ର ତଦନ୍ତ କରି ଗୁରୁବାର ଦିନ ଯୁବକ ଦୁଇ ଜଣକୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନା ଅଧିକାରୀ ବସନ୍ତ ଦଳାଇ ସୂଚନା ଦେଇଛନ୍ତି ।

## ୧୧ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ,ଜଣେ ଗିରଫ

ନିମାପଡ଼ା୨୫/୭(ନି.ପ୍ର): ପୁରୀ ଜିଲ୍ଲା ଅବକାରୀ ଅଧିକ୍ଷକ ଶ୍ରୀଯୁକ୍ତ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶ କ୍ରମେ ନିମାପଡା ଅବକାରୀ ଥାନା ଅଧିକାରିଣୀ ଶ୍ରୀମତୀ ମମତା କୁମାରୀ ଦାସଙ୍କ ନେତୃତ୍ୱରେ ଏକ ଟିମ କାକଟପୁର ଥାନା ଅଧୀନ ସାଇ ମେଡିକାଲ ନିକଟରେ ଚଢ଼ାଉକରି ପ୍ରଫୁଲ୍ଲ କୁମାର ମିଶ୍ର ,ବୟସ -୪୯ ବର୍ଷଙ୍କୁ ଗିରଫ କରି ତାଙ୍କ ଠାରୁ ୧୧୦ ଗ୍ରାମ ବ୍ରାଉନ ସୁଗାର ଜବତ କରିଛନ୍ତି । ନିମାପଡା ଅବକାରୀ ଥାନା ଏକ କେସ ନଂ ୨୯/୨୨ ରୁଜୁ କରି ଅଭିଯୁକ୍ତ କୁ କୋର୍ଟ ଚାଲାଣ କରିଥିଲେ । ଅଭିଯୁକ୍ତ ଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ନିମାପଡା ଉପ- କକ୍ଷରଗକ୍ଷରକୁ ପଠାଯାଇଛି । ଜବତ ବ୍ରାଉନ ସୁଗାରର ମୂଲ୍ୟ ପ୍ରାୟ ୧୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ । ଏହି ଚଢ଼ାଉରେ ଅବକାରୀ ଏ ଏସ ଆଇ ପୂର୍ଣ୍ଣ ଚନ୍ଦ୍ର ନାଏକ , ପ୍ରଦୀପ୍ତ କୁମାର ପଣ୍ଡା, ଶେଖ ୱାରିସ, ପ୍ରବୀନ ବିରାଜ କିରୋ ପ୍ରମୁଖ ସାମିଲ ଥିଲେ ।

## ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦରେ କାର୍ଯ୍ୟାଦେଶ ବଣ୍ଟନ

ଆଠମଲ୍ଲିକ ସହର ୨୫/୭(ନି.ପ୍ର): ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦରେ ବ୍ୟକ୍ତିଗତ ଘରୋଇ ପାଇଖାନା ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ଏନ ଏ ସି ଅଧ୍ୟକ୍ଷା ଆଶାକୁମାରୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ୩୦ଜଣ ହିତାଧିକାରୀଙ୍କୁ ଜାଗା ମିଶନ ଜରିଆରେ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । ଏନ ଏ ସି ଉପକ୍ଷଧକ୍ଷ ଗଦାଧର ସ୍ୱାଇଁ, ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନା,କନିଷ୍ଠ ଯନ୍ତ୍ରୀ ଦୁର୍ଗାପ୍ରସାଦ ପଟ୍ଟନାୟକ, ସିଟି ମିଶନ ମ୍ୟାନେଜର ସଞ୍ଜୟ କୁମାର ସାହୁ, ଅଫିସ କର୍ମଚାରୀ ରାଜେଶ ଭୁତିଆ ପ୍ରମୁଖ ଯୋଗଦାନ କରିଥିଲେ । ସହରକୁ ସବୁଜ ସୁନ୍ଦର କରି ଗଢିପାରିଲେ ଆମେ ଗର୍ବ ଅନୁଭବ କରିପାରିବା ଏବଂ ଘରେ ଘରେ ପାଇଖାନା ନିର୍ମାଣ କରି ବ୍ୟବହାରରେ ଲଗାଇ ପାରିଲେ ଆଠମଲ୍ଲିକ ଏକ ସୁନ୍ଦର ସହର ହୋଇପାରିବ ବୋଲି ଅଧ୍ୟକ୍ଷା ପ୍ରକାଶ କରିଥିଲେ ।

# ହଳଦିଆ- ବିଦ୍ୟାଧରପୁର ଗ୍ରାମ ଉନ୍ନୟନ ରାସ୍ତାରୁ ତାଡି ନେଲେ ମାଟି ,ଗୋଡି

ମାହାଙ୍ଗା,୨୫/୭(ନି.ପ୍ର): ମାହାଙ୍ଗା ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କାରେ ନିର୍ମୀତ ହୋଇଥିବା ହଳଦିଆ-ବିଦ୍ୟାଧରପୁର ରାସ୍ତାର ସିନ୍ଧପୁର ଠାରେ କେହି ଏହି ରାସ୍ତାର ଏକ ପାର୍ଶ୍ୱରୁ ଶହେ ମିଟର ଲମ୍ବରେ ମାଟି ଗୋଡି ତାଡି ନେଇ ଯାଇଥିବା ଦେଖିବାକୁ ମିଳିଛି । ତେବେ କିଏ ଓ କାହିଁକି କେଉଁ ପରିସ୍ଥିତିରେ ଏହି ରାସ୍ତାପାର୍ଶ୍ୱକୁ ତାଡି ନେଲେ ତାହାର ବିଭାଗୀୟ ତଦନ୍ତ କରାଯାଇନଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଖଣ୍ଡୋଳ ଗ୍ରାମ୍ୟଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧିନରେ ଥିବା ଲକ୍ଷ୍ମୀନାରାୟଣପୁର (ହଳଦିଆ) ଠାରୁ ବିଦ୍ୟାଧରପୁର ରାସ୍ତାରେ । ସୂଚନା ମୁତାବକ ଏହି ରାସ୍ତା କାର୍ଯ୍ୟ ନିମନ୍ତେ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ୨.୫ କୋଟି ଟଙ୍କା ମଞ୍ଜୁର



କରାଯାଇ ଠିକାଦାର ମାଧମରେ ତା୧୫.୧୦.୨୦୧୮ ରିଖରେ କାର୍ଯ୍ୟ ଆରମ୍ଭ ହେବା ସହ ତା୧୪.୦୭.୨୦୧୯ ରିଖରେ କାର୍ଯ୍ୟ ଶେଷ ହୋଇଥିଲା ବେଳେ ୩ବର୍ଷର ରକ୍ଷଣବେକ୍ଷଣ ପାଇଁ ୧୦,୭୦,୮୮୯ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବାର ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ତେବେ ଏହି ରାସ୍ତା ନିର୍ମାଣ ୩ ବର୍ଷ ପରେ କେହି ଖଳ ପ୍ରକୃତି ଲୋକ ସିନ୍ଧୁପୁର ନିକଟରେ ମେସିନ ସହାୟତାରେ ଶହେ ମିଟର ପାଖାପାଖି ରାସ୍ତା ଖୋଳି ସେଠାରୁ ମାଟି ଗୋଡି ଉଠାଇ ନେଇଥିବା ଦେଖିବାକୁ ମିଳିଛି । ଏହି ରାସ୍ତା ଖୋଳାଯିବାର ୧୫ ଦିନରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ କି ଏହାର ତଦନ୍ତ ନ ହେବା ପଛରେ କି ରହସ୍ୟ ଲଉଚି ରହିଛି ତାହା ବୁଝା ପଡୁନାହିଁ । ଏପରିକି ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ କି ଠିକାଦାର ଘଟଣାସ୍ଥଳରେ ପହଞ୍ଚି ନାହାନ୍ତି । ଯାହାକୁ ନେଇ ଏବେ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ସୂଚନା ଫଳକରେ ଦିଆ ଯାଇଥିବା ବିବରଣୀ ଅନୁଯାୟୀ ରାସ୍ତା ରକ୍ଷଣାବେକ୍ଷଣ ମିଆଦି ୧୪.୭.୨୦୨୨ ତାରିଖ ଦିନ ପୁରି ଯାଇଥିବାବେଳେ ମାହାଙ୍ଗା ଗ୍ରାମ ଉନ୍ନୟନ ବିଭାଗ ଯନ୍ତ୍ରୀ ବିଜୟ ସାହୁଙ୍କୁ ଯୋଗାଯୋଗ କରିବାରୁ ଏହି ରାସ୍ତାର ରକ୍ଷଣାବେକ୍ଷଣ ସମୟ ସୀମା ଥିବାରୁ ଏହି ରାସ୍ତାର ଦାୟିତ୍ୱ ସଂପୃକ୍ତ ଠିକାଦାରଙ୍କ ଠାରେ ନ୍ୟସ୍ତ ଅଛି । ସେ ଏଥିନେଇ ଆଇନର ଆଶ୍ରୟ ନେଇଥିବା କହିଥିଲେ । ତେବେ ଏଭଳି ସମାଜ ବିରୋଧି କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷକୁ ଚିହ୍ନଟ କରି ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

## ଆରଏସଏସ ପକ୍ଷରୁ ଗୁରୁ ପୂର୍ଣ୍ଣିମା

ଚମ୍ପୁଆ (ଖବର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବୌଦ୍ଧିକ ମଣ୍ଡପ ଠାରେ ଚମ୍ପୁଆ ନଗରର କେଶବ ଶାଖା ଦ୍ୱାରା ଶ୍ରୀଗୁରୁ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍ତର ସମ୍ବାଗର ସମ୍ପାଦକ ଗଙ୍ଗାଧର କର ଯୋଗଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଶିକ୍ଷା ବିକାଶ ସମିତି, ଓଡିଶାଙ୍କର ପୂର୍ବତନ ବିଭାଗ ପ୍ରମୁଖ ଦୟାନିଧି ମହାନ୍ତ ଯୋଗଦେଇ ରାଷ୍ଟ୍ରୀୟ ଗୁରୁ ଭଗବା ଧ୍ୱଜର ମହତ୍ୱ ସମ୍ପର୍କରେ ପୂରାଣ ଓ ଇତିହାସରେ ଥିବା ଘଟଣାବଳୀଗୁଡିକୁ ଅବତାରଣା କରିବା ସହିତ ଭଗବାନ ବ୍ୟାସଦେବଙ୍କ ସନାତନ ହିନ୍ଦୁ ସମାଜ ପାଇଁ ଅବଦାନ ଗୁଡିକ ବିଷୟରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଘନଶ୍ୟାମ ମହାନ୍ତ, ଦୁଷ୍ମନ୍ତ ମହାନ୍ତ, ନୀଳମ୍ବର ମହାନ୍ତ, ରମାକାନ୍ତ ପ୍ରଧାନ, ଭୋଳାନାଥ ମିଶ୍ର, ଧରଣୀଧର ଦାସ, ଚତୁର୍ଭୁଜ ପ୍ରଧାନ, ବୃନ୍ଦାବନ ରାମ, ରମେଶ ଚନ୍ଦ୍ର ପ୍ରଧାନ, ରମେଶ ଚନ୍ଦ୍ର ଗିରି, ପ୍ରଦୀପ କୁମାର ପ୍ରଧାନ, ମହେଶ୍ୱର ଦାସ, ସିଦ୍ଧାର୍ଥ ସିଂହ ପ୍ରମୁଖ ଉପସ୍ଥିତି ରହି ଗୁରୁ ଦକ୍ଷିଣା କରିଥିଲେ ।

## ନୂତନ ଆଇଆଇସିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ମାହାଙ୍ଗା ୨୫/୭(ନି.ପ୍ର): ମାହାଙ୍ଗ ବ୍ଲକ ଅନ୍ତର୍ଗତ ମାହାଙ୍ଗା ଥାନାରେ ନୂତନ ଭାବେ ଯୋଗ ଦେଇଥିବା ଆଇଆଇସି ବିଜୟ କୁମାର ମଲିକଙ୍କୁ ଆମ ମାହାଙ୍ଗା ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଆମ ମାହାଙ୍ଗା ଅଧ୍ୟକ୍ଷ ଡଃ ଅମରେନ୍ଦ୍ର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠାନର ସଂଯୋଜକ ତଥା ସମାଜସେବୀ ବିଜୟ କୁମାର କୁଅଁରଙ୍କ ନେତୃତ୍ୱରେ ନୂତନ ଆଇଆଇସି ଶ୍ରୀ ମଲିକଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ତଥା ସାମ୍ବାଦିକ ରମେଶ ଚନ୍ଦ୍ର ସାହୁ ,ଚିତରଂଜନ ଧଳଙ୍କ ସମେତ ମାହାଙ୍ଗାର ଥାନାର ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ । ଏ ନେଇ ନୂତନ ଆଇଆଇସି ଶ୍ରୀ ମଲିକଙ୍କୁ ପଚାରିବାରୁ ମୋର ପ୍ରଥମ କର୍ତବ୍ୟ ହେଉଛି ଲୋକମାନଙ୍କୁ ସେବା ଓ ସୁରକ୍ଷା ଦେବା ,ଆଇନଶୃଙ୍ଖଳାକୁ କଡା କଡି କରିବା ସହ ଶତ ପ୍ରତିଶତ ନ୍ୟାୟ ପ୍ରଦାନ କରିବି ବୋଲି କହିଥିଲେ ।

# ସାଂସଦଙ୍କ ହସ୍ତକ୍ଷେପ ଯୋଗୁଁ ଚାଲୁ ହେବ ନୀଳଗିରି ସ୍ଲିପର କାରଖାନା

ନୀଳଗିରି, ୨୫/୭(ନି.ପ୍ର): ଦୀର୍ଘ ୧୫ ବର୍ଷ ହେବ ବନ୍ଦ ପଡିରହିଥିବା, ବାଲେଶ୍ୱର ଜିଲ୍ଲା, ନୀଳଗିରି ଗୋପିନାଥପୁରର ଏକମାତ୍ର ସ୍ଲିପର୍ କାରଖାନା, ପୁଣି ଥରେ କାର୍ଯ୍ୟକ୍ଷମ ହେବାକୁ ଯାଉଛି । ସ୍ଲିପର କାରଖାନା ବନ୍ଦ ହେବା ଫଳରେ ସେଠାରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ସହିତ ସେମାନଙ୍କ ପରିବାର ବର୍ଗ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାସହ ଆର୍ଥିକ ଅଭାବ ମଧ୍ୟରେ ଗତି କରୁଛନ୍ତି । କେତେକ ଅସାଧୁ, ସ୍ୱାର୍ଥପର ବ୍ୟକ୍ତିଙ୍କ ଯୋଗୁଁ ସ୍ଲିପର କାରଖାନା ବନ୍ଦ ହୋଇଥିଲା । ଏନେଇ କର୍ମଚାରୀମାନେ ବିଭିନ୍ନ ଦଳର ଜନପ୍ରତିନିଧି ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ, କୌଣସି ସୁଫଳ ମିଳି ନଥିଲା । ସ୍ଥାନୀୟ ଅଞ୍ଚଳର ବାସିନ୍ଦା ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ବାଲେଶ୍ୱର ସାଂସଦ ଭାବେ ନିର୍ବାଚିତ ହେବା ପରେ, ସ୍ଲିପର କାରଖାନାରେ କାର୍ଯ୍ୟ କରୁଥିବା କର୍ମଚାରମାନଙ୍କ ମଧ୍ୟରେ ବନ୍ଦ ହୋଇ ପଡିଥିବା କାରଖାନା ପୁଣି ଥରେ କାର୍ଯ୍ୟକ୍ଷମ ହେବ ବୋଲି ଆଶା ସଂଚାର ହୋଇଥିଲା



କର୍ମଚାରୀମାନେ ସାଂସଦଙ୍କୁ ସ୍ଲିପର କାରଖାନା ଚାଲୁ କରିବା ପାଇଁ, ଲିଖିତ ଅଭିଯୋଗ କରିବା ସହିତ ସାକ୍ଷାତ କରି ଦାବୀପତ୍ର ପ୍ରଦାନ କରିଥିଲେ । ଶ୍ରୀ ଷଡଙ୍ଗୀ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସଂପର୍କରେ, ପୂର୍ବତନ କେନ୍ଦ୍ର ରେଳମନ୍ତ୍ରୀ ପୀୟୁଷ ଗୋୟଲଙ୍କୁ ଘଟଣା ସଂପର୍କରେ ବାରମ୍ବାର ଅବଗତ କରାଇଥିଲେ । କିନ୍ତୁ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ବିଭାଗ ଅଦଳବଦଳରେ, କେନ୍ଦ୍ର କ୍ୟାବିନେଟରେ ଅଶ୍ୱିନୀ ବୈଷ୍ଣବଙ୍କୁ କେନ୍ଦ୍ର ରେଳମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ, ସାଂସଦ ବନ୍ଦ ପଡିଥିବା କାରଖାନାକୁ କାର୍ଯ୍ୟକ୍ଷମ କରିବା ପାଇଁ ଅବଗତ କରାଇଥିଲେ । ଶ୍ରୀ ବୈଷ୍ଣବ ନୀଳଗିରିବାସୀଙ୍କ ବହୁବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ନୀଳଗିରିକୁ ଯାତ୍ରୀବାହୀ ଟ୍ରେନ ଚଳାଚଳ ଓ ଷ୍ଟେସନ ନିର୍ମାଣର ଶୁଭ ଉଦ୍‌ଘାଟନ କରିଥିଲେ । ଉକ୍ତ ସଭାରେ ସାଂସଦ ଶ୍ରୀ ଷଡଙ୍ଗୀ, ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କୁ, ନୀଳଗିରିର ଏକମାତ୍ର କାରଖାନା ନୀଳଗିରି ସ୍ଲିପର କାରଖାନା କୁ କାର୍ଯ୍ୟକ୍ଷମ କରିବା ପାଇଁ ଅନୁରୋଧ କରିଥିଲେ । ଶ୍ରୀ ବୈଷ୍ଣବ କାରଖାନା ଚାଲୁ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ସାଂସଦ ଷଡଙ୍ଗୀ ନିଜର ପ୍ରଚେଷ୍ଟା ଜାରି ରଖିବା ସହିତ, ସ୍ଲିପର କାରଖାନା ଚାଲୁ କରିବା ପାଇଁ ବିଭିନ୍ନ ପଦକ୍ଷେପ ଓ ହସ୍ତକ୍ଷେପ ଫଳରେ ପୁଣି ଥରେ କାରଖାନା ଚାଲୁ କରିବାରେ ସଫଳ ହେକ୍ଷଇଛନ୍ତି । ପୁନେ ର ରକ୍ଷଘେବେନ୍ଦ୍ର ରେଲ ପ୍ରାଇଭେଟ୍ କମ୍ପାନୀ, ନୀଳଗିରି ସ୍ଲିପର କାରଖାନାର ମାଲିକ ହେବା ସହିତ ଏଗ୍ରିମେଣ୍ଟ କରି କାରଖାନାକୁ ପୁନଃ ପରିଚାଳନକ୍ଷ କରିବା ପାଇଁ, ହସ୍ତାନ୍ତର କରିଛନ୍ତି । ସାଂସଦ ଶ୍ରୀ ଷଡଙ୍ଗୀ ବନ୍ଦ ହୋଇ ପଡିଥିବା କାରଖାନାକୁ ପରିଦର୍ଶନ କରିଥିଲେ । ପରିଦର୍ଶନ ସମୟରେ ନୂତନ କମ୍ପାନୀର ଅଧିକାରୀ ଓ କାରଖାନାର ପୂର୍ବତନ କର୍ମଚାରୀ ମାନେ ଉପସ୍ଥିତଥିଲେ କ୍ଷ କର୍ମଚାରୀମାନଙ୍କର ଥିବା ସମସ୍ତ ବକେୟା ପାଉଣା ଦେବା ସହ, ଖୁବଶିଘ୍ର କାରଖାନା ଚାଲୁ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ସାଂସଦ ଶ୍ରୀ ଷଡଙ୍ଗୀ । ତଦାରଖ ବେଳେ ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଉପସ୍ଥିତ ଥିଲେ ।

# ଅସୁରକ୍ଷିତ ବାଲିଆଚକା ପୋଲ : ବଢୁଛି ଯାତ୍ରୀଙ୍କ ପ୍ରତି ବିପଦ



ମାହାଙ୍ଗା ୨୫/୭(ନି.ପ୍ର): ପୂର୍ବ ମାହାଙ୍ଗାର ପ୍ରମୁଖ ରାସ୍ତାକୁ ସଂଯୋଗ କରୁଥିବା ନାହାଙ୍ଗ ପଞ୍ଚାୟତ ନାହାଙ୍ଗ ଗ୍ରାମସ୍ଥିତ ୮ ଏଫ କେନାଲ ଉପରେ ଅବସ୍ଥିତ ବାଲିଆଚକା ବଜାର ପୋଲ ରକ୍ଷଣାବେକ୍ଷଣ ଅଭାବରୁ ଏବେ ଅସୁରକ୍ଷିତ ଅବସ୍ଥାରେ ରହିଛି । ଉକ୍ତ ପୋଲଟି ବହୁ ପୁରାତନ ହୋଇଥିବା ବେଳେ ଏବେ ପୋଲ ତଳ ପାର୍ଶ୍ୱରୁ ଢଳେଇ ଖଣ୍ଡ ଭାଙ୍ଗି ଗଳି ପଡିଛି । ଏହି ପୋଲଟି ବାଲିଆଚକା, ହଳଧରପୁର ଗ୍ରାମ ଉନ୍ନୟନ ରାସ୍ତା ମଧ୍ୟରେ ଅବସ୍ଥିତ ଥିବାବେଳେ ଏହି ରାସ୍ତା ଉପରେ ପ୍ରତିଦିନ ଶତାଧିକ ଭାରିଯାନ ଠାରୁ ଆରମ୍ଭ କରି ସାଧାରଣ ଯାତ୍ରୀବାହୀ ଯାନ ଯାତାୟତ କରିଥାଏ । ଏହି ରାସ୍ତାଟି ନିଶ୍ଚିନ୍ତକୋଇଲି ଗ୍ରାମ ଉନ୍ନୟନ ବିଭାଗ ଅଧିନରେ ଥିବାବେଳେ ବିଭାଗୀୟ ଦୂର ଦୃଷ୍ଟି ଅଭାବରୁ ଏହି ପୋଲର ମରାମତି କିମ୍ବା ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯାଉନାହିଁ । ଏହି ରାସ୍ତା ଦେଇ ପ୍ରତି ଦିନ ଶହ ଶହ ଯାନବାହନ ଯାତାୟତ କରୁଥିବାରୁ ଉକ୍ତ ସ୍ଥାନରେ ଏକ ଓସାରିଆ ପୋଲ ନିର୍ମାଣ ପାଇଁ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିଲେ ମଧ୍ୟ ନୂତନ ପୋଲ ନିର୍ମାଣ କରାଯାଉନଥିବା ଅଭିଯୋଗ ହୋଇଛି । ତୁରନ୍ତ ଲୋକମାନଙ୍କ ଯାତାୟତ ନିମନ୍ତେ ଏଠାରେ ଏକ ନୂତନ ଓସାରିଆ ପୋଲ ନିର୍ମାଣ କରିବାକୁ ନାହାଙ୍ଗ, ଉମର, ଭଦ୍ରେଶ୍ୱର, ଗେପାଳପୁର ଆଦି ବହୁ ପଞ୍ଚାୟତର ଜନସାଧାରଣମାନେ ଦାବି କରିଛନ୍ତି ।

# ବୈପାରିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସଚେତନତା କାର୍ଯ୍ୟକ୍ରମ

କୋରାପୁଟ, ୨୫/୭(ନି.ପ୍ର): ଜିଲ୍ଲା ବୈପାରିଗୁଡା ବ୍ଲକ ଠାରେ ଦିନ କୁ ଦିନ ଡେଙ୍ଗୁ ରୋଗୀ ସଂଖ୍ୟା ବଢି ଚାଲିଥିବା ବେଳେ ଏହାକୁ କେମିତି ରୋକା ଯାଇପାରିବ ସେଥି ନିମେନ୍ତ ଆଜି ବୈପାରିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଘର ଘର ବୁଲି ଲୋକଙ୍କୁ ସଚେତନତା କରାଇଛନ୍ତି ଲୋକପ୍ରତିନିଧି ଏବଂ ଆଶା, ଏ.ଏନ.ଏମ, ଏ.ଏସ.ଏଚ.ଏ ,ଏନ.ସି.ଡି, ଆଇ.ସି.ଟି.ସିଙ୍କ ସହିତ ଡାକ୍ତର ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମଚାରୀ ମାନେ । ବୈପାରିଗୁଡା ମୁଖ୍ୟଛକରୁ ଏକ ସଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ସହିତ ସମସ୍ତ ସାହିକୁ ଯାଇ ଜନସାଧାରଣଙ୍କୁ ବୁଝାଇଛନ୍ତି ଯେ ଡେଙ୍ଗୁ କାହିଁକି ବ୍ୟାପୁଛି ସେହି ବିଷୟକୁ ନେଇ ସଚେତନ କରାଯାଇଥିବାର ଦେଖିବାକୁ ମିଳିଛି । ଘରଘର ବୁଲି ଘର ଆଖପାଖରେ ଜମା ହୋଇ ରହୁଥିବା ପାଣି ପାତ୍ର, କୁଣ୍ଡ , ନାଳ, ନର୍ଦ୍ଦମା ସଫା , ବିଭିନ୍ନ ସ୍ଥାନରେ ପଡି ରହିଥିବା ଆବର୍ଜନା ପୂର୍ଣ୍ଣ ସ୍ଥାନ ସଫେଇ କରିବା ସହ ବୁଦା ଗଛ ସବୁ କାଟି ସଫା କରିବା ପାଇଁ ପରାମର୍ଶ ଦେଇଥିବାର ଦେଖାଯାଇଛି । ଗତ କିଛି ଦିନ ହେଲା ଲଗାଣ ବର୍ଷା ସାଙ୍ଗକୁ ପରିମଳ ବ୍ୟବସ୍ଥା ଶୋଚନୀୟ ହୋଇ ପଡିଥିବାରୁ ଡେଙ୍ଗୁ ମଶାମାନେ ବଂଶବିସ୍ତାର କରିବାରେ ଲାଗିଛନ୍ତି ବୋଲି ଅନୁମାନ କରାଯାଉଛି । ସେଥିପାଇଁ ବୈପାରିଗୁଡା ଓ ଏହାର ସମସ୍ତ ପଂଚାୟତରେ ଡାକବାଜି ଯନ୍ତ୍ର ଦ୍ୱାରା ଡେଙ୍ଗୁ ରୋଗରୁ କିପରି ସୁରକ୍ଷିତ ରହିବେ ସେ ନେଇ ଜନସଚେତନତା ସୃଷ୍ଟି କରାଯାଇଛି । ଏଥି ସହ ଜ୍ୱର ହେଉଥିବା ଲୋକମାନଙ୍କ ଠାରୁ ରକ୍ତ ନମୁନା ସଂଗ୍ରହ କରାଯିବା ପାଇଁ କୋରାପୁଟରେ ବ୍ୟବସ୍ଥା ମଧ୍ୟ କରାଯାଇଛି ବୋଲି କହିଛନ୍ତି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅଧିରାଜ ସାହୁ । ଏହି ସଚେତନତା କାର୍ଯ୍ୟକ୍ରମରେ ମ୍ୟାଲେରିଆ ସୁପରଭାଇଜର ଡିଆର ଡିଭାୟା ମହେଶ ଯାଦବ, ପିଏଚଇଓ ସୁନିତା ପଟ୍ଟନ ମେଲେରିଆ ନୋମର ବ୍ଲକ ସଞ୍ଜୋୟକ ଠାକୁର ପାଇକ ସହ ସମସ୍ତେ ଉପସ୍ଥିତ ରହିଥିଲେ ।

# ନିମାପଡ଼ା କୁ ଉପଖଣ୍ଡ ଘୋଷଣା ଦାବି

ନିମାପଡ଼ା, ୨୫/୭(ନି.ପ୍ର): ପୁରୀ ଜିଲ୍ଲା ନିମାପଡା ଅଞ୍ଚଳର ସମସ୍ତ ଯୋଗ୍ୟତା ଥିବା ସତ୍ତ୍ୱେ ରାଜନୈତିକ ଇଚ୍ଛାଶକ୍ତି ର ଅଭାବ ଓ ପ୍ରଶାସନିକ ଅବହେଳା କାରଣରୁ ନିମାପଡାକୁ ଉପଖଣ୍ଡର ମାନ୍ୟତା ଦିଆଯାଇପାରି ନାହିଁ । ଏଥିପାଇଁ ସାଧାରଣ ଲୋକ ଓ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ଦୀର୍ଘ ବର୍ଷ ହେବ ନିମାପଡା, ଗୋପ, କାକଟପୁର, ଅସ୍ତରଙ୍ଗ ବ୍ଲକ ଓ ନିମାପଡା, କୋଣାର୍କ ଏନଏସିକୁ ନେଇ ପ୍ରସ୍ତାବିତ ନିମାପଡା ଉପଖଣ୍ଡ ଘୋଷଣା ସରକାରୀ ନାଲି ଫିତା ତଳେ ଚାପି ହୋଇ ରହିଛି । ଗତ ୨୦୧୬ ମସିହାରେ ଏହି ଅଞ୍ଚଳର ଲୋକସଂଖ୍ୟା ୫ଲକ୍ଷ ୮୧ ହଜାର ୪୯୯ ହୋଇଥିବା ଜଣାପଡିବା ପରେ ନିମାପଡ଼ାକୁ ଉପଖଣ୍ଡ ଘୋଷଣା କରାଯିବାକୁ ନିଷ୍ପତ୍ତି ହୋଇଥିଲା । ରାଜ୍ୟର ଦେବଗଡ଼, ମାଲକାନଗିରି, ନୂଆପଡ଼ା, ସୁବର୍ଣ୍ଣପୁର, ବୌଦ୍ଧ, କନ୍ଧମାଳ, ଗଜପତି, ଝାରସୁଗୁଡ଼ା ପ୍ରଭୃତି ଜିଲ୍ଲାର ଜନସଂଖ୍ୟାଠାରୁ ନିମାପଡ଼ା ଅଞ୍ଚଳର ଜନସଂଖ୍ୟା ଅଧିକ ହୋଇଥିଲେ ମଧ୍ୟ ନିମାପଡାକୁ ଉପଖଣ୍ଡ ଘୋଷଣା କରିବାକୁ ସରକାର କାହିଁକି କାଳକ୍ଷେପଣ ନିତି କରୁଛନ୍ତି ତାହାହିଁ ଏହି ଅଞ୍ଚଳର ବୁଦ୍ଧିଜୀବୀ, ଜନସାଧାରଣଙ୍କୁ ବିସ୍ମିତ କରିଛି । ନିମାପଡାରେ ଅତିରିକ୍ତ ଜିଲ୍ଲା ଜଜକୋର୍ଟ୍, ଜଳସମ୍ପଦ ବିଭାଗ, ପୋଲିସ ବିଭାଗ,ଗ୍ରାମ୍ୟ ଉନ୍ନୟନ ବିଭାଗ, ବିଦ୍ୟୁତ ବିଭାଗ ର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜିଲ୍ଲା କୃଷି ବିଭାଗ କାର୍ଯ୍ୟାଳୟ ରହିଛି । ତେବେ ସମସ୍ତ ଯୋଗ୍ୟତା ଥିବା ସତ୍ତ୍ୱେ ନିମାପଡାକୁ ଉପଖଣ୍ଡ ଘୋଷଣା କରାଯାଉନାହିଁ କାହିଁକି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ନିମାପଡା ଓ କାକଟପୁର ନିର୍ବାଚନମଣ୍ଡଳୀର ବିଧାୟକ ଦ୍ୱୟ ଏବେ ବିଜେଡ଼ି ସରକାରରେ ମନ୍ତ୍ରୀ ଅଛନ୍ତି । ସେମାନେ ଚାହିଁଲେ ସରକାର ନିମାପଡାକୁ ଉପଖଣ୍ଡ ଘୋଷଣା କରିପାରନ୍ତେ । ଏବେ ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସବ-ଡିଭିଜନ କାର୍ଯ୍ୟାଳୟ କାର୍ଯ୍ୟ କରୁଛି । ଏହି ଅଞ୍ଚଳର ଲୋକମାନେ କିଛି କାର୍ଯ୍ୟ ପଡ଼ିଲେ ବାଧ ହୋଇ ପୁରୀ ଦୌଡୁଛନ୍ତି । ତେବେ ଅଧିକାଂଶ ସମୟରେ ପୁରୀ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ଶ୍ରୀ ମନ୍ଦିର ଓ ଅନ୍ୟାନ୍ୟ ଆଇନଗତ କାର୍ଯ୍ୟରେ ବ୍ୟସ୍ତ ରହୁଥିବାରୁ ପୁରୀ ଦୌଡ଼ି ଯାଇ ଥିବା ବ୍ୟକ୍ତି କାର୍ଯ୍ୟ ନକରିପାରି ନିରାଶରେ ଫେରୁଛନ୍ତି । ଯଦି ନିମାପଡା ଠାରେ ସବ୍ - ଡିଭିଜନ କାର୍ଯ୍ୟାଳୟ ହୋଇପାରନ୍ତା ତେବେ ଲୋକମାନେ ଅଯଥା ଖର୍ଚ୍ଚାନ୍ତରୁ ରକ୍ଷା ପାଇବା ସହିତ ସେମାନଙ୍କର ସମୟ ଅପଚୟ ହୁଅନ୍ତା ନାହିଁ । ନିମାପଡା ଓ କାକଟପୁର ନିର୍ବାଚନ ମଣ୍ଡଳୀ ଦ୍ୱୟର ଜନ ସାଧାରଣ ଉପକୃତ ହୋଇ ପାରନ୍ତେ । ତୁରନ୍ତ ଏ ଦିଗରେ ଦୃଷ୍ଟି ଦେଇ ନିମାପଡାକୁ ଉପଖଣ୍ଡ ଘୋଷଣା କରିବାକୁ ବରିଷ୍ଠ ନାଗରିକମଞ୍ଚ, ବୁଦ୍ଧିଜୀବୀ, ସାଧାରଣଲୋକଙ୍କ ପକ୍ଷରୁ ୫-ଟି ସଚିବ,ବିଭାଗୀୟ ମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ରାଜ୍ୟ ଗୃହରାଷ୍ଟ୍ର ମନ୍ତ୍ରୀ ପ୍ରମୁଖ ଙ୍କ ନିକଟରେ ଦାବି ହେଉଛି ।

# ‘ଏ ଖାଦ୍ୟକୁ କୁକୁର ଖାଉନାହାନ୍ତି, ସରକାର ଆସି ଚାଖନ୍ତୁ’

ବାସୁଦେବପୁର,୨୫ /୦୭ (ନି.ପ୍ର.) : ‘ଏ ଖାଦ୍ୟକୁ କୁକୁର ଖାଉନାହାନ୍ତି। ଆମ ପିଲା କେମିତି ଖାଇବେ। ସରକାର ଆସି ଚାଖନ୍ତୁ।’ ଆଜି ଏଭଳି ଉଦ୍‌ବେଗ ପ୍ରକାଶ କରି ବାସୁଦେବପୁର ପୌରପାଳିକା ରାଧାକାନ୍ତପୁର ଗାଁର ଦିବାକର ମିଶ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୧୨୦ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଆସିଥିବା ମଧ୍ୟାହ୍ନ ଭୋଜନକୁ ରାସ୍ତାରେ ଢାଳି ଦେଇଥିଲେ ଅଭିଭାବକମାନେ। ଅଭିଭାବକମାନେ କହିଥିଲେ, ଆଜି ଆସିଥିବା ଭାତ ଓ ତରକାରୀରୁ ଦୁର୍ଗନ୍ଧ ବାହାରୁଥିଲା। ଗତ ବୁଧବାର ଦିନ ଆସିଥିବା ମଧ୍ୟାହ୍ନ ଭୋଜନରୁ ପୋକ ବାହାରିଥିଲା। ମଙ୍ଗଳବାର ଦିନ ଅସରପା ଗୋଡ଼ ବାହାରିଥିଲା। ପୂର୍ବ ଶନିବାର ଝିଟିପିଟି ଲାଞ୍ଜ ବାହାରିଥିଲା। ଆଜି ଆସିଥିବା ମଟର ତରକାରୀରେ ପଚା ଆଳୁ ପଡ଼ିଥିଲା। ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କ ସହିତ ଆମେ ବି ଚାଖିଲୁ। ବାସି ଭାତ ଓ ତରକାରୀ ଆସିଥିବା ଜାଣିବା ପରେ ସବୁ ଖାଦ୍ୟକୁ ରାସ୍ତାରେ ଢାଳି ଦେଲୁ। ଅଭିଭାବକ ସୁମିତ୍ରା ମଣ୍ଡଳ କହିଛନ୍ତି, ଆମ ପିଲାମାନେ ବଦମାସୀ କରି ସ୍କୁଲ ମଧ୍ୟାହ୍ନ ଭୋଜନ ଭଲ ନୁହେଁ କହୁଥିବା ଆଶଙ୍କା କରି, ଆଜି ସ୍କୁଲରେ ପହଞ୍ଚି ଭାତ ଓ ତରକାରୀ ଦେଖିବା ସହ ଚାଖିଥିଲୁ। ଚାଖିଲା ପରେ ସେମାନଙ୍କୁ ବାସି ଖାଦ୍ୟ ଦିଆଯାଉଥିବା ଜଣାପଡ଼ିଥିଲା। ସରକାର ଯଦି ଭଲ ଖାଦ୍ୟ ଦେଉଛନ୍ତି, ତେବେ ପ୍ରତ୍ୟେକ ଦିନ ଆସି ଖାଦ୍ୟ ଖାଇକି ଦେଖନ୍ତୁ। ପିଲାମାନଙ୍କୁ କେଉଁ ଟାଇପ୍‌ର ଖାଦ୍ୟ ଦିଆଯାଉଛି ସରକାର ନିଜେ ଆସି ଦେଖନ୍ତୁ। ଯଦି ସ୍କୁଲରେ ଏଭଳି ଆମ୍ବିଳା ଓ ବାସି ଖାଦ୍ୟ ଦେବେ, ଆମର ପିଲାମାନେ ଖାଇବା ଦରକାର ନାହିଁ। ଦବାର ଅଛି ତ ଶୁଖିଲା ଖାଦ୍ୟ ଦିଅନ୍ତୁ। ସ୍କୁଲରେ ଆମେ ରୋଷେଇ କରି ଆମେ ପିଲାମାନଙ୍କୁ ଖାଇବାକୁ ଦବୁ। ନଚେତ କିଛି ବି ଦେବା ଦରକାର ନାହିଁ। ଆମେ ପିଲାମାନଙ୍କ ପାଇଁ ଘରୁ ଟିଫିନ୍ ଆଣି ଦେଇକି ଯିବୁ। ଘର ଖାଦ୍ୟ ଖାଇବେ। ସ୍କୁଲରେ ପାଠପଢ଼ି ସୁସ୍ଥରେ ଘରକୁ ଫେରିବେ। ଆଗକୁ ଏଭଳି ଖାଦ୍ୟ ଦେଲେ ଫେରାଇ ଦେବୁ, ନଚେତ୍ ରାସ୍ତାରେ ଢାଳି ଦେବୁ। ଅଭିଭାବକ ରାଜାରାମ କଳା କହିଛନ୍ତି, ମଧ୍ୟାହ୍ନ ଭୋଜନରେ ଖରାପ ଅଣ୍ଡା ଖାଇବାକୁ ଦିଆଯାଉଛି। ଏଭଳି ଖାଦ୍ୟ ବାଣ୍ଟିବାରେ ଯେଉଁ ଅଫିସର ଲିପ୍ତ ଅଛନ୍ତି, ସେମାନଙ୍କୁ ପ୍ରଥମେ ଏହି ଖାଦ୍ୟ ଖାଇବାକୁ ଦିଆଯାଉ। ପିଲାଙ୍କୁ ଭଲ ଖାଦ୍ୟ ଦିଆ ନ ଗଲେ ଆଗକୁ ଆନ୍ଦୋଳନ କରାଯିବ। ପୂର୍ବରୁ ଏହି ବିଦ୍ୟାଳୟରେ ରୋଷେଇ କରି ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଉଥିଲା। ପିଲାମାନେ ଗରମ ଗରମ ଖାଦ୍ୟ ଖାଉଥିଲେ। ଗତ ସପ୍ତାହେ ହେବ ବିଦ୍ୟାଳୟରେ ରୋଷେଇ ବନ୍ଦ କରାଯାଇଛି। ବାହାରୁ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଗାଡ଼ି ଯୋଗେ ଖାଦ୍ୟ ପଠାଯାଉଛି। ଏହି ଖାଦ୍ୟ ଅତି ନିମ୍ନମାନର ବୋଲି ସେ କହିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ଗୌରୀଲତା କଳା କହିଛନ୍ତି, ବାସିଭାତ ଓ ତରକାରୀ ପଠାଯାଉଛି। ଆମକୁ ଅଭିଭାବକମାନେ ଜଣାଇବା ପରେ ଆମେ ଶିକ୍ଷକଙ୍କୁ ଜଣାଇଲୁ। ଶିକ୍ଷକ କହିଥିଲେ, ବିଇଓଙ୍କୁ ଜଣାନ୍ତୁ। ସେଠାରୁ ନିର୍ଦ୍ଦେଶ ଆସିବା ପରେ ଆମେ କିଛି ଆକ୍ସନ ନେବୁ। ପୂର୍ବରୁ ମଧ ବାସି ଓ ଖରାପ ଖାଦ୍ୟ ଆସିଥିଲା। ତେବେ ତାକୁ ଫେରାଇ ଦିଆଯାଇଥିଲା। ଆଜି ପୁଣି ନଷ୍ଟ ହୋଇଯାଇଥିବା ଖାଦ୍ୟ ଆସିଥିଲା। ଏହି ଖାଦ୍ୟକୁ ଶିକ୍ଷକ ଓ ଅଭିଭାବକମାନେ ଚାଖିଥିଲେ। ଏହା ପରେ ଆମେ ସେ ଖାଦ୍ୟକୁ ଢାଳି ଦେଲୁ। ଉକ୍ତ ଖାଦ୍ୟକୁ କୁକୁର ବି ଛୁଇଁଲାନି। ଛାତ୍ରଛାତ୍ରୀମାନେ କହିଛନ୍ତି, ତରକାରୀରେ ପଡୁଥିବା ବାଇଗଣରୁ ପୋକ ବାହାରୁଛି। କେତେବେଳେ ଅସରପା ଗୋଡ଼ ବାହାରୁଛି। ପଚା ଆଳୁରେ ତିଆରି ବାସି ତରକାରୀ ଦିଆଯାଉଛି। ସେମାନେ ଏହାକୁ ଖାଇବେ ନାହିଁ। ଖାଇଲେ ରୋଗରେ ପଡ଼ିବେ। ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ନୋଡାଲ ଅଧିକାରୀଙ୍କୁ ପଠାଇ ଘଟଣାର ତଦନ୍ତ କରାଯିବ ବୋଲି ବ୍ଲକ ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।



# ପ୍ରକୃତି ନୁହନ୍ତି ପ୍ରକୃତ ବନ୍ଧୁ !

ଭୁବନେଶ୍ୱର ୨୫ /୦୭ (ନି.ପ୍ର.) : ଶନିବାର ଭିଡିଓ ଭାଇରାଲ ହେବା ପରେ ଅଭିନେତା ବାବୁଶାନ ମହାନ୍ତି କହିଥିଲେ ଯେ ଅଭିନେତ୍ରୀ ପ୍ରକୃତି ମିଶ୍ର ହେଉଛନ୍ତି ପିଲା ବେଳୁ ତାଙ୍କର ଭଲ ସାଙ୍ଗ। ତାଙ୍କ ସହିତ କଥାବାର୍ତ୍ତା ହେବାରେ କେଉଁଠି ଅସୁବିଧା ରହିଲା ସେ ବୁଝି ପାରୁ ନାହାନ୍ତି। ସେମିତି ପ୍ରକୃତିଙ୍କ ବାପା କହିଥିଲେ ଯେ ସେମାନେ କେବଳ ଭଲ ବନ୍ଧୁ। ଝିଅ ପ୍ରକୃତି ତାଙ୍କୁ ଏକଥା କହିଥିବା ସେ କହିଥିଲେ। କିନ୍ତୁ ବାବୁଶାନଙ୍କ ପତ୍ନୀ ଗଣମାଧ୍ୟମ ଆଗରେ କହିଥିଲେ ଯେ ସେମାନେ (ବାବୁଶାନ୍ ଓ ପ୍ରକୃତି) ଗୁଡ୍ ଫ୍ରେଣ୍ଡ୍ ବୋଲି ଯାହା କହୁଛନ୍ତି, ତାହା ମିଛ। ସେ ସେମାନଙ୍କୁ ୪ ଥର ରେଡ୍ ହେଣ୍ଡେଡ୍ ଧରିଛନ୍ତି। ବାବୁଶାନଙ୍କ ବାପା ତଥା ବରିଷ୍ଠ ଅଭିନେତା ଉତ୍ତମ ମହାନ୍ତି କହିଥିଲେ ଯେ ପ୍ରକୃତି ସହିତ ତାଙ୍କ ପୁଅର ସଂପର୍କକୁ ନେଇ ତୃପ୍ତିଙ୍କ ପାଖରେ କିଛି ପ୍ରମାଣ ଥାଇପାରେ, ଯେଉଁଥିପାଇଁ ସେ ପ୍ରତିକ୍ରିୟାଶୀଳ ହେଲେ। ବାବୁଶାନ ଓ ପ୍ରକୃତିଙ୍କ ସଂପର୍କକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଥିବା ବେଳେ ଆଜି ଗଣମାଧ୍ୟମ ଆଗରେ ପ୍ରକୃତିଙ୍କ ନାଁ ନନେଇ ବାବୁଶାନଙ୍କ ମା’ ତଥା ବରିଷ୍ଠ ଅଭିନେତ୍ରୀ ଅପରାଜିତା ମହାନ୍ତି ପ୍ରକୃତ ବନ୍ଧୁର ସଂଜ୍ଞା କହିଛନ୍ତି। ବୋଧହୁଏ ଏହା ମାଧ୍ୟମରେ ସେ ପୁଅ ବାବୁଶାନଙ୍କୁ ବୁଝାଇବାକୁ ଚାହିଁଛନ୍ତି ଯେ ପ୍ରକୃତି କେବେ ବି ତାଙ୍କର ପ୍ରକୃତ ବନ୍ଧୁ ନୁହନ୍ତି। ଅପରାଜିତା କହିଛନ୍ତି, ସିଏ ହେଉଛି ପ୍ରକୃତ ବନ୍ଧୁ, ଯିଏ ଶାରୀରିକ, ମାନସିକ, ଆର୍ଥିକ ଏବଂ ପାରିବାରିକ ଜିନିଷରେ ସାହାଯ୍ୟ କରେ। କେବେ ବି କ୍ଷତି ହେବାକୁ ଦିଏନା। କିନ୍ତୁ ବନ୍ଧୁ ଦ୍ୱାରା ଯଦି କ୍ଷତି ହେବ, ତା’ହେଲେ ସେ କ’ଣ ପ୍ରକୃତ ବନ୍ଧୁ ? ସେ କେବେ ବି ପ୍ରକୃତ ବନ୍ଧୁ ନୁହେଁ। ଅପରାଜିତା ବୋଧହୁଏ ସେହି କ୍ଷତି କଥା ଉଠାଇଛନ୍ତି, ଯାହା ଶନିବାର ଭାଇରାଲ ଭିଡିଓରେ ରାସ୍ତା ଉପରେ ପ୍ରକୃତିଙ୍କ ଆଡ଼କୁ ଅଙ୍ଗୁଳି ଦେଖାଇ ତାଙ୍କ ବୋହୂ ତୃପ୍ତି କହିଥିଲେ। ପ୍ରକୃତି ତାଙ୍କ ପରିବାରକୁ ନଷ୍ଟ କରୁଛନ୍ତି ବୋଲି ଏଥିରେ ତୃପ୍ତି କହିଥିଲେ। ସେହିଭଳି ଅପରାଜିତା କହିଛନ୍ତି ଯେ କୋଭିଡ୍ ସମୟରେ ଖରାପ ସଙ୍ଗତରେ ପଡ଼ି ବାବୁଶାନ୍‌ଙ୍କର ସର୍ବନାଶ ହୋଇଛି। ଗଲା ଦେଢ଼/ଦୁଇ ବର୍ଷରେ ବାବୁଶାନଙ୍କ ଚରିତ୍ରରେ ପରିବର୍ତ୍ତନ ଆସିଛି ବୋଲି ସେ କହିଛନ୍ତି। ରବିବାର ବାବୁଶାନଙ୍କ ସଂପର୍କୀୟ ଭଉଣୀ ତୃପ୍ତି ମହାନ୍ତି କହିଛନ୍ତି, ପୂର୍ବର ବାବୁଶାନ ଓ ଏବର ବାବୁଶାନ ଭିତରେ ବହୁତ ଫରକ ଅଛି। ସେ ବହୁତ ବଦଳି ଯାଇଛନ୍ତି। ସେ ଝିଅ (ପ୍ରକୃତି ମିଶ) ତାଙ୍କ କ୍ୟାରିୟର ବରବାଦ କରିଛି। ତା’ ସହିତ ତାଙ୍କ ପାରିବାରିକ ଜୀବନକୁ ମଧ ନଷ୍ଟ କରିଛି। ପ୍ରକୃତି ମିଶ୍ରଙ୍କୁ ଆମର ଅନୁରୋଧ ଆମ ଭାଇଙ୍କୁ ଯେତିକି ବରବାଦ କରିବା କଥା କରିଦେଲ, ଏବେ ତୁମେ ତୁମ ଲାଇଫ ଦେଖ ଓ ଆମ ଭାଇକୁ ତାଙ୍କ ଲାଇଫରେ ଛାଡ଼ିଦିଅ। ତୃପ୍ତି ଆହୁରି କହିଛନ୍ତି, କିଛି ଗୋଟିଏ କାରଣ ରହିଛି, ଯାହାକୁ ନେଇ ପ୍ରକୃତି ମିଶ୍ର ଆମ ଭାଇକୁ ବ୍ଲାକମେଲିଂ କରୁଛନ୍ତି। ସେହି କାରଣଟି ଆମେ ଜାଣିବାକୁ ଚାହୁଁଛୁ। ପ୍ରକୃତି ମିଶ୍ର ଯଦି ଆମ ଭାଇର ଭଲ ସାଙ୍ଗ ହୋଇଥା’ନ୍ତେ, ତା’ହେଲେ ତାଙ୍କ ପାରିବାରିକ ଜୀବନକୁ ନଷ୍ଟ କରି ନଥା’ନ୍ତେ। ଘରକୁ ନଯାଇ ତାଙ୍କ ସହିତ ସମୟ ବିତାଇବାକୁ ବାଧ କରୁ ନଥା’ନ୍ତେ। ତାଙ୍କ ପାଇଁ ଓ ତାଙ୍କ ସାଙ୍ଗ ମାନଙ୍କ ପାଇଁ ଆମ ଭାଇକୁ ଟଙ୍କା ଖର୍ଚ୍ଚ କରିବାକୁ କହି ନଥା’ନ୍ତେ। ଏସବୁ ଜଣେ ଭଲ ସାଙ୍ଗର ଲକ୍ଷଣ ନୁହେଁ। ଅନ୍ୟପକ୍ଷରେ ରବିବାର ଗଣମାଧ୍ୟମରେ ଅପରାଜିତା ଓ ତୃପ୍ତିଙ୍କ ପ୍ରତିକ୍ରିୟା ଆସିବା ପୂର୍ବରୁ ବାବୁଶାନ ଏକ ଭିଡିଓ ବାର୍ତ୍ତା ଜାରି କରି କହିଥିଲେ ଯେ ତାଙ୍କ ପରିବାରରେ ଏତେ ସବୁ ଘଟିଯାଇଛି ବୋଲି ସେ ଜାଣି ନାହାନ୍ତି। ଏହା ସହିତ ସେ ପ୍ରକୃତିଙ୍କ ସହିତ ଆଉ ଫିଲ୍ମ କରିବେ ନାହିଁ ବୋଲି କହିଛନ୍ତି।



# ବିପଦ ସଂକୁଳ ଅବସ୍ଥାରେ ନାଳ ପାର ହୋଇ ସ୍କୁଲ ଯାଉଛନ୍ତି କୁନି କୁନି ଛାତ୍ର ଛାତ୍ରୀ



ମୋହନା – ରାଜ୍ୟ ସରକାର ବିଭିନ୍ନ ସମୟରେ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଗୁଡ଼ିକ ର ଉନ୍ନତି ଆଣିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଭିନ୍ନ ପ୍ରକଳ୍ପ କରୁଛନ୍ତି । ମୋହନା ବ୍ଲକର ଏହି ସ୍ଥାନରେ ୨୦ ଖଣ୍ଡ ଗ୍ରାମବାସୀ ବିପଦ ସଂକୁଳ ଅବସ୍ଥାରେ ନାଳ ପାର ହୋଇ ସ୍କୁଲ ଯାଉଛନ୍ତି, କୁନି କୁନି ଛାତ୍ର ଛାତ୍ରୀ ମଧ ବିପଦପୂର୍ଣ୍ଣ ଅବସ୍ଥାରେ ଏହି ନାଳପାର ହେଉଛନ୍ତି । ଗଜପତି ଜିଲ୍ଲା ମୋହନା ବ୍ଲକ ଝରଣପୁର ଗାଁ ନିକଟରେ ଥିବା ଗାଜେଲ ନାଳ । ଚୁଡଙ୍ଗପୁର ପଞ୍ଚାୟତ ଶିଆଳିଲଟି, ଝରଣପୁର ଠାରୁ ରାଇପଙ୍କାକୁ ସଂଲଗ୍ନ କରୁଥିବା ଏହି ନାଳ ରାସ୍ତା ଦେଇ ୨୦ରୁ ଉର୍ଦ୍ଧ୍ୱ ଗାଁର ହଜାର ହଜାର ଲୋକ ନିର୍ଭରଶୀଳ । ପୋଲ ନ ଥିବାରୁ ସ୍କୁଲ, ହାଟ, ବଜାର, ମେଡ଼ିକାଲ ସମେତ ସମସ୍ତ ସରକାରୀ କାମରେ ଲୋକେ ଯାତାୟତ ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି । ହେଲେ ଏହି ନାଳ ଓ ରାସ୍ତାର ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ି ରହିଛି । ଉକ୍ତ ନାଳ ନିକଟରୁ ରାଇପଙ୍କା ଗ୍ରାମ ମାତ୍ର ୮କିମି ଏବଂ ରାୟଗଡ଼ା ଜିଲ୍ଲାର ପଦ୍ମପୁର ମୁଖ୍ୟ ବଜାର ୧୪କିମି । ରାସ୍ତା କାମ ସଂପୂର୍ଣ୍ଣ ନହେବାରୁ ଲୋକେ ବିଭିନ୍ନ କାମରେ ପ୍ରାୟ ୪୦ରୁ ୬୦ କିମି ଦେଇ ଅନ୍ୟ ରାସ୍ତାରେ ଯାଇଥାନ୍ତି। ଭଲ ରାସ୍ତା ଖଣ୍ଡେ ନାହିଁ କିନ୍ତୁ ମାଟି ରାସ୍ତା ହେଇଥିଲେ ମଧ ତିନୋଟି ନାଳ ଦେଇ ଯାତାୟାତ କରନ୍ତି ଅନେକ ଗ୍ରାମର ଲୋକେ । ଅନ୍ୟ ଜିଲ୍ଲାର ବ୍ୟବସାୟୀମାନେ ବର୍ଷା ଦିନେ ଏ ରାସ୍ତା ଓ ପୋଲ ନଥିବାରୁ ଭରା ନାଳ ଦେଇ ଜୀବନକୁ ବାଜି ଲଗାଇ ବହୁ କଷ୍ଟରେ ନାଳ ପାର ହେଉଥିବା ଦେଖା ଦେଇଛି। ଖାଲି ସେତିକି ନୁହେଁ ଜରୁରୀକାଳୀନ ଚିକିତ୍ସା ପାଇଁ ରୋଗୀଙ୍କୁ ଚୁଡଙ୍ଗପୂର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ କିମ୍ବା ମୋହନା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିବାକୁ ହେଲେ ଗ୍ରାମବାସୀ ଦୋଳା କରି ବୋହି ଆଣନ୍ତି । ଏଭଳି ସମସ୍ୟା ଭୋଗୁଛନ୍ତି ଗ୍ରାମବାସୀ, ଗର୍ଭବତୀ ମହିଳା,ବରିଷ୍ଠ ନାଗରିକ ଓ ଛାତ୍ର ଛାତ୍ରୀ। ତେଣୁ ତୁରନ୍ତ ଏହି ପୋଲ ନିର୍ମାଣ କାମ କରିବା ସହ ରାସ୍ତା ନିର୍ମାଣ ପାଇଁ ଅଞ୍ଚଳ ବାସୀ ଦାବୀ କରିଛନ୍ତି । ଏହି ବିଷୟରେ ଅତିରିକ୍ତ ଜିଲ୍ଲାପାଳ ସଂଗ୍ରାମ କେଶରୀ ପଣ୍ଡାଙ୍କୁ ପଚାରିବାରୁ , ତୁରନ୍ତ ବ୍ଲକ୍ ପ୍ରଶାସନକୁ କହି ପୋଲର ଉଭୟ ପଟ ରାସ୍ତା କାମ କରାଯିବ ଏବଂ ବିଶେଷ କରି ମୋହନା ବ୍ଲକର ବିଭିନ୍ନ ପଂଚାୟତର ଉନ୍ନତି କରଣ ପାଇଁ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେଇଛନ୍ତି ପ୍ରତିଶ୍ରୁତି ଦେଇଛନ୍ତି ।

# ବୋଲବମ୍ ହରେହରେ ବମ୍ ଶଦ୍ଦରେ କମ୍ପୁଛି ଶ୍ରୀକ୍ଷେତ୍ର

ପୁରୀ, ୨୫ /୦୭ (ନି.ପ୍ର.) : ଶ୍ରାବଣର ଦ୍ୱିତୀୟ ପାଳି ପାଇଁ କାଉଡ଼ିଆ ମାନଙ୍କ ବୋଲବମ୍ ହରେ ହରେ ବମ୍ ଶଦ୍ଦରେ କମ୍ପୁଛି ଶ୍ରୀକ୍ଷେତ୍ର । କାଉଡ଼ିଆମାନଙ୍କ ମଧ୍ୟରେ ବାଳକ ବାଳିକା ,ଯୁବକ ଯୁବତୀ ଓ ମହିଳାମାନଙ୍କ ସହ ବୃଦ୍ଧବୃଦ୍ଧା କାଉଡ଼ିଆମାନେ କାନ୍ଧରେ ବାହୁଙ୍ଗି ଧରି ଦୁଇପଟରେ ଝୁଲୁଥିବା ଗଡୁରେ ଆଣିଥିବା ଜଳକୁ ଧୀରେ ଧୀରେ ରାସ୍ତାରେ ଆସୁଥିବା ଦେଖିବାକୁ ମିଳିଥିଲା । କଟକ ଠାରୁ ପୁରୀ ପର୍ଯ୍ୟନ୍ତ ରାସ୍ତାର ବାମ ପାର୍ଶ୍ୱରେ ହଜାର ହଜାର କାଉଡ଼ିଆ ଗେରୁଆ ବସ୍ତ୍ର ପିନ୍ଧି ଆସୁଥିବା ଦେଖିବାକୁ ମିଳିଛି । ବୋଲବମ୍ ଶଦ୍ଦ ସହ ହର ହର ମହାଦେବ ଶଦ୍ଦରେ ରାସ୍ତା କମ୍ପୁଛି । ଏଥିସହିତ କେତେକ ଅନୁଷ୍ଠାନ କାଉଡ଼ିଆ ମାନଙ୍କୁ ଉତ୍ସାହିତ କରିବା ପାଇଁ ଗାଡ଼ିରେ ସାଉଣ୍ଡ ବକ୍ସ ଓ ମାଇକ ଲଗାଇ ବୋଲବମ୍ ଗୀତ ,କାଉଡ଼ିଆ ଗୀତ ସହ ଆମକୁ ସାଇଡ଼ ଦିଅରେ ଗୀତ ବଜାଇ ଆଗେ ଆଗେ ଯାଉଥିବା ଦେଖିବାକୁ ମିଳୁଛି । କେତେକ ଅନୁଷ୍ଠାନ ଓ ଧାର୍ମିକ ବ୍ୟକ୍ତି ରାସ୍ତାର ବିଭିନ୍ନ ସ୍ଥାନରେ କାଉଡ଼ିଆଙ୍କ ବାହୁଙ୍ଗି ଓ ଜଳଭରା ଗଡୁ ରଖିବା ପାଇଁ ବାଉଁଶ ଭାରା କରିଥିବା ଦେଖିବାକୁ ମିଳିଛି । ବର୍ଷାରୁ ରକ୍ଷା ପାଇବା ପାଇଁ କେତେକ ସ୍ଥାନରେ ତମ୍ବୁରେ ଟେଣ୍ଟ ହୋଇଛି । ଧାର୍ମିକବ୍ୟକ୍ତିମାନେ କାଉଡ଼ିଆ ମାନଙ୍କ ପାଇଁ ଶୁଦ୍ଧ ଶାକାହାରୀ ଖାଦ୍ୟ ବଂଟନ କରୁଥିବା ଦେଖିବାକୁ ମିଳିଛି ।

# ଗାଁରେ ନାହିଁ ଶୌଚାଳୟ, କେମିତି ଘୋଷଣା ହେଲା ‘ବାହ୍ୟ ମଳମୁକ୍ତ ଗାଁ’

ମୋହନା,୨୫ /୦୭ (ନି.ପ୍ର.) : ପାହାଡ ଶିଖରରେ ଗାଁ ହୁଏରି। ଏହି ଗାଁକୁ ଚାଲି ଚାଲି ଯିବାକୁ ଭଲରାସ୍ତା ଖଣ୍ଡିଏ ନାହିଁ। ପାହାଡ ତଳେ ବାହ୍ୟ ମଳମୁକ୍ତ ଗାଁର ବୋର୍ଡ ଖଣ୍ଡିଏ ପୋତିଦେଇ ବାହାବାହା ନେଇ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ପ୍ରଶାସନ। ସେପଟେ ବାସ୍ତବ ସ୍ଥିତି କିନ୍ତୁ ଅଲଗା। ସମସ୍ତ ମୌଳିକ ସମସ୍ୟାରୁ ବଞ୍ଚିତ ଗ୍ରାମବାସୀ। ଗ୍ରାମ ରାସ୍ତା ପାଲଟିଛି ମରଣଯନ୍ତା। ବଡ ବଡ ପଥରରେ ପରିପୂର୍ଣ୍ଣ ଏହି ରାସ୍ତା।ଏହି ରାସ୍ତାରେ ଯାନବାହାନ ଚଳାଚଳ ତ ଦୂରରକଥା ମଣିଷ ଚାଲି କରି ଯିବା କଷ୍ଟସାଧ। ଗ୍ରାମ ଆରମ୍ଭରେ ପୋତା ଯାଇଥିବା ସୂଚନା ଫଳକରେ। ଲେଖା ଯାଇଛି ବାହ୍ୟମଳମୁକ୍ତ ଗାଁ ହୁଏରୀ। ବାହ୍ୟ ମଳମୁକ୍ତ ଗାଁ ବୋଲି ଘୋଷଣା ତାରିଖ ଲେଖାଯାଇଛି ୦୬/୦୫/୨୦୧୯। କିନ୍ତୁ ଗାଁରେ ନାହିଁ ଶୌଚାଳୟ। ଗଜପତି ଜିଲ୍ଲା ମୋହନା ବ୍ଲକ୍ ଠାରୁ ମାତ୍ର ୬ କିମି ଦୂରରେ ରହିଛି ହୁଏରି ଗାଁ। ଏହି ଗାଁ କୁ ଯିବାକୁ ହେଲେ ମୋହନା ବ୍ଲକ୍ ଠାରୁ ଚାରି କିମି ପ୍ରଧାନମନ୍ତ୍ରୀ ସଡ଼କରେ ଯିବାପରେ ଗଣ୍ଡାପଦର ଗ୍ରାମ ଛକ ଠାରୁ ୨ କିମି ପଥୁରିଆ ପାହାଡ ରାସ୍ତାରେ ଚଢିଲେ ଏହି ଗାଁରେ ପହଞ୍ଚିବାକୁ ହୁଏ। ଗାଁରେ ପ୍ରାୟ ୨୫ରୁ ଉର୍ଦ୍ଧ୍ୱ କୁଇ କନ୍ଧ ଆଦିବାସୀ ସଂପ୍ରଦାୟର ଲୋକ କେଉଁ ଆବାହମାନ କାଳରୁ ବସବାସ କରି ଆସୁଛନ୍ତି। ଏମାନଙ୍କର ଜୀବିକା ହେଲା ଚାଷ ଓ ଜଙ୍ଗଲ ବଗଡରୁ ଖାଦ୍ୟଶସ୍ୟ ସଂଗ୍ରହ କରିବା। ଦୀର୍ଘବର୍ଷ ହେଲା ଗାଁରେ ଲାଗିରହିଛି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ,ନେଟୱାର୍କ ଭଳି ଅନେକ ମୌଳିକ ସମସ୍ୟା। ଲୋକେ ଗାଁଠାରୁ କିଛି ଦୂରରେ ରହିଥିବା ବିଲମାଳ ମଧ୍ୟରେ ଏକ ପଥର କୂଅର ଦୂଷିତ ପାଣି ବ୍ୟବହାର କରୁଛନ୍ତି। ଯାହା ଫଳରେ ବିଭିନ୍ନ ରୋଗରେ ମଧ ପୀଡିତ ହେଉଛନ୍ତି। ଗାଁ ଲୋକଙ୍କ ପାଇଁ ସବୁଠାରୁ ବଡ ସମସ୍ୟା ହେଉଛି ରାସ୍ତା। ଦୈନନ୍ଦିନ ବଜାର ସଉଦା କିଣା ବିକା ଠାରୁ ଆରମ୍ଭ କରି ଭତ୍ତା, ରାସନ, ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ପାଠ ପଢିବା ପାଇଁ ଯିବା ଏବଂ ସରକାରୀ ଓ ବେସରକାରୀ କାମରେ ମୋହନା ଯିବା ନିମନ୍ତେ ଲୋକେ ଏହି ରାସ୍ତା ଉପରେ ନିର୍ଭର କରି ଚାଲି ଚାଲି ଯାତାୟତ କରନ୍ତି। ରାସ୍ତା ସମସ୍ୟା ଯୋଗୁଁ ଗାଁରେ ଘର ନିର୍ମାଣ ସରଞ୍ଜାମ ପହଞ୍ଚି ପାରୁନି। ତେଣୁ ଆବାସ ଯୋଜନାରେ ପକ୍କା ଘର ନିର୍ମାଣ କରିବାକୁ ଲୋକେ ଅସମର୍ଥ। ଏହି ରାସ୍ତା ଦେଇ ଆମ୍ବୁଲାନ୍ସ ନଯିବା ହେତୁ କାହାକୁ କିଛି ରୋଗ ହେଲେ ନାନା ସମସ୍ୟା ଭୋଗନ୍ତି ଲୋକେ। ଜରୁରୀ ଚିକିତ୍ସା ପାଇଁ ଗର୍ଭବତୀ ମହିଳାଙ୍କୁ ଦୋଳା ଓ ଭାରରେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିବାକୁ ପଡ଼େ । ଏଭଳି ଦୁଃଖଦ ସମସ୍ୟାର ସମାଧାନ କରିବା ପାଇଁ ଗ୍ରାମବାସୀ ନେତା ଠାରୁ ଆରମ୍ଭ କରି ପ୍ରଶାସନକୁ ବାରମ୍ବାର ଲିଖିତ ଓ ମୌଖିକ ଭାବେ ଜଣାଇ ଆସୁଥିଲେ ମଧ ଫଳ ଶୂନ। ଯେନତେନ ପ୍ରକାରେଣ ଗ୍ରାମରେ ନିର୍ମାଣ ହୋଇଛି ଅଙ୍ଗନବାଡି କେନ୍ଦ୍ର। ଗାଁରେ ୧୮ ଟି ହିନ୍ଦୁ ପରିବାର ଥିବା ବେଳେ ୭ଟି ପରିବାର ୨୦୦୭ ମସିହାରୁ ଖ୍ରୀଷ୍ଟଧର୍ମ ଗ୍ରହଣ କରିଛନ୍ତି। ଭାଇଚାରା ନେଇ ଉଭୟ ସମ୍ପ୍ରଦାୟର ଲୋକେ ବସବାସ କରି ଆସୁଥିବା ବେଳେ ନାନା ସମସ୍ୟାରେ ଛନ୍ଦି ହୋଇ ରହିଛନ୍ତି ଗ୍ରାମବାସୀ। ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ସରକାର କାହିଁକି ଏହି ଗ୍ରାମ ପ୍ରତି ଦୃଷ୍ଟି ଦେଉନାହାନ୍ତି ତାହା ଗୋଟିଏ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଗାଁରେ ଗୋଟିଏ ବି ଶୌଚାଳୟ ନିର୍ମାଣ କରାଯାଇନି ତେବେ ଗାଁକୁ ନଯାଇ ଗାଁରେ ଶୌଚାଳୟ ନିର୍ମାଣ ନକରି ପାହାଡ ତଳେ ବାହ୍ୟମଳମୁକ୍ତ ଗାଁ ଫଳକ ପ୍ରଶାସନ କେମିତି ଲଗାଇଛନ୍ତି ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗ୍ରାମବାସୀ ଗାଁକୁ ମୌଳିକ ସୁବିଧା ଯୋଗାଇ ଦେବା ନିମନ୍ତେ ଦାବି କରିବା ସହ ତ୍ରିସ୍ତରୀୟ ନିର୍ବାଚନ ପୂର୍ବରୁ ସେମାନଙ୍କର ସମସ୍ୟାଗୁଡ଼ିକର ସମାଧାନ ନହେଲେ ଭୋଟ ବର୍ଜନ କରିବାକୁ ପ୍ରଶାସନକୁ ଚେତାବନୀ ଦେଇଛନ୍ତି।



# ରଘୁନାଥପୁର ବ୍ଲକ ଉଦ୍ୟାନ ବିଭାଗରେ ବ୍ୟାପକ ଦୁର୍ନିତି

ଜଗତସିଂହପୁର (ନି.ପ୍ର) ରଘୁନାଥପୁର ବ୍ଲକର ଉଦ୍ୟାନ ବିଭାଗର କର୍ମଚାରୀ ମାନଙ୍କ ଦ୍ୱାରା ବ୍ୟାପକ ଦୁର୍ନିତି କରା ଯାଉଥିବାର ବାରମ୍ଵାର ଅଭିଯୋଗ ହେଉ ଆସୁଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଏଥିରେ ଆଖି ବୁଜି ଦେଇ ଥିବାରୁ ଅସନ୍ତୁଷ୍ଟ ଚାଷୀ ମହଲରେ ତିବ୍ର ଉତେଜନା ଦେଖା ଦେଇଛି ।ଆସନ୍ତା ଦିନରେ ଅସନ୍ତୁଷ୍ଟ ଚାଷୀ ଓ ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଗଣ ଧାରଣା କରାଯିବା ପାଇଁ ସଜବାଜ ଚାଲିଥିବା ସୂଚନା ମିଳିଛି ।ଅଭିଯୋଗ ଅନୁଯାୟୀ, ଏହି ବିଭାଗରେ ୩ଜଣ ଉଦ୍ୟାନ ସଂପ୍ରସାରଣ କର୍ମୀ ଥିବା ବେଳେ ଜଣେ ଅତିରିକ୍ତ ଉଦ୍ୟାନ ଅଧୀକାରିଣୀ ରହିଛନ୍ତି । ସ୍ଥାନୀୟ କିଛି ଦଲାଲଙ୍କୁ ହାତ ବାରିସୀ କରି କର୍ମଚାରୀ ମାନେ ପ୍ରକୃତ ଚାଷୀଙ୍କୁ ଠିକ ବ୍ୟବହାର ପ୍ରଦର୍ଶନ ନକରିବା ସହ ଅବହେଳା ପୂର୍ବକ ଅର୍ଥ ଲାଳସାରେ ସରକାରଙ୍କ ଯୋଜନାକୁ ହେରଫେର କରୁଥିବା ଜଣା ଯାଇଛି ।ସରକାରୀ ଆଇନ ଅନୁଯାୟୀ କର୍ମଚାରୀ ମାନେ ନିଜ ବ୍ଲକରେ ଚାକିରି କରିବା ନିଷିଦ୍ଧ ଥିବା ବେଳେ ଏହି ବିଭାଗର ଜନୈକ କର୍ମଚାରୀ ଏହି ବ୍ଲକ ଅଂଚଳର ହୋଇଥିବାରୁ ଦୁର୍ନିତି କରିବା ପାଇଁ ସମସ୍ତ ସୁବିଧା ମିଳି ପାରୁଥିବା ଅଭିଯୋଗ ହୋଇଛି ।ପୁରଣ ଗ୍ରାମର ଜନୈକ ଚାଷୀ କମଳାକାନ୍ତ ବାରିକ ନରେଗା ଯୋଜନାରେ ନଡିଆ ଚାଷ କରିବାର ଥିଲା ବେଳେ ଜମି ସରଜମିନ ତଦନ୍ତ କରି ପାଣିରେ ଗଛ ନଷ୍ଟ ହେଇଯିବାର ଆଳ ଦେଖାଇବା ସହିତ ସରପଂଚଙ୍କ ଦସ୍ତଖତ ନଥିବା ଦର୍ଶାଇ ତାଙ୍କୁ ଏହି ଯୋଜନାର ବାଦ ପକାଇବାକୁ ନେଇ ଆଜି ଅଫିସ ଗୃହ ମଧ୍ୟରେ ବାଦାନୁବାଦ ଦେଖା ଯାଇଥିଲା ।ଆବଶ୍ୟକ କାଗଜପତ୍ର ନଥାଇ ଜମି ତଦନ୍ତ କରିବାକୁ ଯିବାର କି ଉଦ୍ଦେଶ୍ୟ ରହିଥିଲା ଏବଂ ଫସଲ ପାଣିରେ ନଷ୍ଟ ହେବାର କୌଣସି ସୁଯୋଗ ନଥିବା ବେଳେ ତାଙ୍କୁ ଏହି ଯୋଜନାରୁ ଜାଣିଶୁଣି ବାଦ ପକା ଯାଇଥିବା ଶ୍ରୀ ବାରିକ ସାମ୍ବାଦିକ ମାନଙ୍କ ଆଗରେ ପ୍ରକାଶ କରିଛନ୍ତି।

# ଚିକିତ୍ସାରେ ଅବହେଳା ଓ ଭୁଲ୍ ଇଞ୍ଜେକସନ ଦେବାରୁ ଶିଶୁର ମୃତ୍ୟୁ, ଥାନାରେ ଅଭିଯୋଗ କଲେ ପରିବାର ସଦସ୍ୟ, ଶବ ରଖି ମେଡିକାଲ ସମ୍ମୁଖରେ ଧାରଣା



ଭଦ୍ରକ, ୨୫ /୦୭ (ନି.ପ୍ର.) :– ଆଜି ଚିକିତ୍ସାରେ ଅବହେଳା ଓ ଭୁଲ୍ ଇଞ୍ଜେକସନ ପାଇଁ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗ କରି ଭଦ୍ରକ ମେଡିକାଲ ସମ୍ମୁଖରେ ପୁଅର ମୃତ ଶବ ରଖି ଧାରଣା ଦେଇଛି ମା’। ବାରମ୍ବାର ଅନୁରୋଧ ସତ୍ତ୍ୱେ ଚିକିତ୍ସାରେ ଅବହେଳା ପାଇଁ ଶିଶୁର ଜୀବନ ଯାଇଥିବା ନେଇ ଥାନାରେ ମଧ ଅଭିଯୋଗ ହୋଇଛି। ଏଠାରେ ସୂଚନାଯୋଗ୍ୟ ଏହି ଜିଲାର ବାସୁଦେବପୁର ବ୍ଲକ୍ ଆଡିଆ ଅ ଳର ମିତାରାଣୀ ମଳିକ ତାଙ୍କ ୬ ମାସର ପୁଅକୁ ଚିକିତ୍ସା ପାଇଁ ବାସୁଦେବପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଅବସ୍ଥାରେ ସୁଧାର ନଆସିବାରୁ ଅଧିକ ଚିକିତ୍ସା ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଭଦ୍ରକ ମେଡିକାଲରେ ଭର୍ତି ପରେ ଡାକ୍ତର ଇଞ୍ଜେକସନ ଦେଇଥିଲେ ଓ ପରେ ପରେ ଶିଶୁର ଅବସ୍ଥା ସଂକଟାପନ୍ନ ହୋଇଥିଲା। ବାରମ୍ବାର ଅନୁରୋଧ ପରେ ମଧ ଦାୟିତ୍ୱରେ ଥିବା କର୍ମଚାରୀ ଆସିନଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପରେ ଶିଶୁକୁ ମୃତ ଘୋଷଣା କରିଥିଲେ ଡାକ୍ତର। ଏ ଘଟଣା ନେଇ ମୃତ ଶିଶୁର ଅଜା ଭଦ୍ରକ ଟାଉନ୍ ଥାନାରେ ଚିକିତ୍ସା ଅବହେଳା ନେଇ ତାଙ୍କ ନାତିର ମୃତ୍ୟୁ ହୋଇଥିବା ନେଇ ଲିଖିତ ଏତଲା ଦେଇଛନ୍ତି। ଏହି ଘଟଣାରେ ମା’ ଓ ପରିବାର ସଦସ୍ୟଙ୍କ ପକ୍ଷରୁ ଭଦ୍ରକ ମେଡିକାଲ ସମ୍ମୁଖରେ ଧାରଣା ଦିଆଯାଇଥିଲା। ସହରାଂଚଳ ଥାନା ପୁଲିସ୍ ସେଠାରେ ପହ୍ ସେମାନଙ୍କୁ ବୁଝାଇ ଶବଟିର ପୋଷ୍ଟମଟମ୍ କରିଥିବାର ଜଣାପଡିଛି। କିନ୍ତୁ ଘଟଣାକୁ ନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ରୋଟାରି କ୍ଲବ ବ୍ରହ୍ମପୁର ମିଡ଼୍ ଟାଉନ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ




ଗଞ୍ଜାମ, ୨୫ /୦୭ (ନି.ପ୍ର.) : ରୋଟାରି କ୍ଲବ ବ୍ରହ୍ମପୁର ମିଡ଼୍ ଟାଉନ୍ ର ସଭାପତି ବନ୍ଦିତା ତ୍ରିପାଠୀଙ୍କ ନେତୃତ୍ୱରେ ନିମଖଣ୍ଡି ପଂଚାୟତର ମହୁଲପଲି ଠାରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରାକୃତିକ ପରିବେଶର ସୁରକ୍ଷା ସାଙ୍ଗକୁ ଗୋଟିଏ ଗଛ କୋଟିଏ ଜୀବନ ଲକ୍ଷ୍ୟରେ ବୃକ୍ଷରୋପଣ କରି ସବୁଜ ବିପ୍ଳବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ମହତ କାମକୁ ତ୍ୱରାନ୍ୱିତ କରିବା ପାଇଁ ସଭାପତି ବନ୍ଦିତା ତ୍ରିପାଠୀ ନିଜର ବାର୍ତ୍ତା ଦେଇଛନ୍ତି । ମିଡ଼୍ ଟାଉନ ସମ୍ପାଦକ ରୋଟାରିଆନ ସୁସ୍ମିତା ଶର୍ମା ଓ ରୋଟାରିଆନ ସ୍ୱାଧୀନ ପାତ୍ର ପବ୍ଲିକ ରିଲେସନସିପ ଅଫିସର, ରୋଟ୍ରାକ୍ଟର ଗଣେଶ ସାହୁ, ରୋଟ୍ରାକ୍ଟର ସୁଜିତ ପାତ୍ର ଓ ରୋଟ୍ରାକ୍ଟର କୃଷ୍ଣ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ବୃକ୍ଷରୋପଣ ପରେ କିଛି ଚା ଜଳଖିଆ ବ୍ୟବସ୍ଥା ହୋଇଥିଲା । ସଭାପତି ବନ୍ଦିତା ତ୍ରିପାଠୀ ସେ ନିଜେ ପ୍ରଥମେ ସ୍ଥିର କରିଥିଲେ ଯେ, ଯେକୌଣସି ପ୍ରୋଜେକ୍ଟ ହେବ ସେ ନିଜେ ସମସ୍ତଙ୍କୁ କିଛି ଉପହାର ଦେବେ । ତଦନୁଯାୟୀ ପ୍ରଥମ ବୈଠକରେ ସେ ସମସ୍ତଙ୍କୁ ଗୋଟିଏ ଗୋଟିଏ ଭାଗବତ ଗୀତା ଉପହାର ଦେଇଥିଲେ । ଏବଂ ଆଜି ମଧ ନିଜର ମହାନତା ଦେଖାଇ ସଭାପତି ତ୍ରିପାଠୀ ସେ ନିଜ ଫାର୍ମରୁ ଗୋଟିଏ ଗୋଟିଏ କଦଳୀ ଗାଲୀ ସମସ୍ତଙ୍କୁ ଉପହାର ସ୍ୱରୂପ ଦେଇଥିଲେ ।

# ବିଧାୟକଙ୍କ ହାତ ପାଣ୍ଠି: ୨୫ ବର୍ଷରେ ୬୦ ଗୁଣ ବଢ଼ିଛି, ତଥାପି ବୃଦ୍ଧି ଦାବି

ଭୁବନେଶ୍ୱର **୨୫ /୦୭ (ନି.ପ୍ର.) :** ଓଡ଼ିଶାରେ ବିଧାୟକମାନଙ୍କ ହାତପାଣ୍ଠି ୨୫ବର୍ଷରେ ୬୦ଗୁଣ ବୃଦ୍ଧି ପାଇଲାଣି । ଗତ ଦୁଇବର୍ଷ ତଳେ ଏକ କୋଟିରୁ ୩କୋଟି ଟଙ୍କା ହୋଇଛି । ତଥାପି ବିଧାୟକଙ୍କ ହାତପାଣ୍ଠି(ଏମଏଲଏ ଲ୍ୟାଡ୍ ?) ବଢ଼ାଇବା ପାଇଁ ଆଜି ଉଭୟ ଶାସକ ଓ ବିରୋଧୀ ଦଳ ସଦସ୍ୟମାନେ ବିଧାନସଭାରେ ଦାବି କରିଛନ୍ତି । ତେବେ ପଂଚାୟତ ମାଧ୍ୟମରେ ଏବେ ବିପୁଳ ପରିମାଣର ସରକାରୀ ପାଣ୍ଠି ଯିବା ସହ ବ୍ଲକ ଓ ଅନ୍ୟାନ୍ୟ ବିଭାଗଗୁଡ଼ିକ ଟେଣ୍ଡର ମାଧ୍ୟମରେ କାର୍ଯ୍ୟ କରୁଥିବାବେଳେ ବିଧାୟକମାନେ କାହିଁକି ନିଜର ହାତପାଣ୍ଠି ବୃଦ୍ଧି କରିବାକୁ ଏତେ ବ୍ୟଗ୍ର ହେଉଛନ୍ତି ତାକୁ ନେଇ ସାଧାରଣରେ ଚର୍ଚ୍ଚା । ଆଜି ବିଧାନସଭାରେ ପ୍ରଶ୍ନକାଳରେ ବିଜେଡି ବିଧାୟକ ସଞ୍ଜିବ ମଲ୍ଲିକ ରାଜ୍ୟରେ ଜେନେରାଲ ବିଧାୟକ ପାଣ୍ଠିକୁ ୨ରୁ ୩କୋଟି ଟଙ୍କାକୁ ବୃଦ୍ଧି କରିବାକୁ ଦାବି କରିଛନ୍ତି । ଏବେ ରାଜ୍ୟରେ ବିଧାୟକ ପାଣ୍ଠି ୩ କୋଟି ଟଙ୍କା ଥିଲେ ମଧ୍ୟ ୫୦ଲକ୍ଷ ଟଙ୍କା ଉଚ୍ଚଶିକ୍ଷା ଓ ୫୦ଲକ୍ଷ ଟଙ୍କା ରାସ୍ତା ନିର୍ମାଣ ପାଇଁ ଉଦ୍ଦିଷ୍ଟ ଅଛି । ତେଣୁ ଲୋକସଂଖ୍ୟା ବଢ଼ୁଥିବାରୁ ଅଂଚଳରେ ମନ୍ଦିର-ମସଜିଦ୍ ଆଦି ପାଇଁ ଦାବି ଅଧିକ ଆସୁଥିବାରୁ ଏହି ଜେନେରାଲ ବିଧାୟକ ପାଣ୍ଠିକୁ ୨ରୁ ୩କୋଟି ଟଙ୍କାକୁ ବୃଦ୍ଧି କରିବା ଦିଗରେ ସରକାର ପଦକ୍ଷେପ ନେବାକୁ ସେ ଅନୁରୋଧ କରିଥିଲେ । ବିଧାୟକ ଉନ୍ନୟନ ପାଣ୍ଠି ବା ହାତପାଣ୍ଠିକୁ ବୃଦ୍ଧି କରିବା ପାଇଁ ଶ୍ରୀ ମଲ୍ଲିକଙ୍କ ଦାବିକୁ ବିଜେଡି ବିଧାୟିକା ଲତିକା ପ୍ରଧାନ, ବିଜେପି ମୁଖ୍ୟ ସଚେତକ ମୋହନ ମାଝୀ ଓ ଭାସ୍କର ମଢ଼େଇ, କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ସମର୍ଥନ କରି ବିଧାୟକ ପାଣ୍ଠି ବୃଦ୍ଧି କରିବା ସପକ୍ଷରେ ଯୁକ୍ତି ବାଢ଼ିଥିଲେ । ବିଜେପି ମୁଖ୍ୟ ସଚେତକ ମୋହନ ମାଝୀ ପଡ଼ୋଶୀ ରାଜ୍ୟରେ ବିଧାୟକ ପାଣ୍ଠି ୫କୋଟି ଟଙ୍କା ଥିବାବେଳେ ଓଡ଼ିଶାରେ ଏହାକୁ ୩ରୁ ୧୦କୋଟି ଟଙ୍କାକୁ ବୃଦ୍ଧି କରାଯାଉ ବୋଲି ଦାବି କରିଛନ୍ତି । ଉଚ୍ଚଶିକ୍ଷା କ୍ଷେତ୍ର ପାଇଁ ଉଦ୍ଦିଷ୍ଟ ୫୦ଲକ୍ଷ ଟଙ୍କା ଖର୍ଚ୍ଚକୁ ସରଳୀକରଣ ସପକ୍ଷରେ ସେ ମତ ରଖିଥିଲେ । ସେହିପରି କଂଗ୍ରେସ ବିଧାୟକ ଶ୍ରୀ ସାଲୁଜା ରାସ୍ତା ନିର୍ମାଣ, କୋଭିଡ୍ ଓ ଉଚ୍ଚଶିକ୍ଷା ପାଇଁ ଧାର୍ଯ୍ୟ ଅର୍ଥ ସୀମାକୁ ଉଠାଇ ସାଧାରଣ ଖର୍ଚ୍ଚକୁ ୩କୋଟି ଟଙ୍କା କରାଯାଉ ବୋଲି ଦାବି କରିଥିଲେ । ବିଧାୟକମାନଙ୍କ ଦାବି ଉପରେ ଉତ୍ତର ରଖି ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢ଼ୋଲକିଆ କହିଥିଲେ ଯେ, ଏବେ ଏମଏଲଏ ଲ୍ୟାଡ୍ ବୃଦ୍ଧି କରିବାର ପ୍ରସ୍ତାବ ନାହିଁ । ୨୦୨୦-୧୨ରେ ଏହା ୧କୋଟିରୁ ୩କୋଟି ଟଙ୍କାକୁ ବୃଦ୍ଧି ହୋଇଛି । ଉଚ୍ଚଶିକ୍ଷା ଓ ରାସ୍ତା ନିର୍ମାଣ ପାଇଁ ଉଦ୍ଦିଷ୍ଟ ୧କୋଟି ଟଙ୍କା ଖର୍ଚ୍ଚ କରିବାରେ ସମସ୍ୟା ହେଲେ ତାକୁ ଜେନେରାଲ ଲ୍ୟାଡ୍ ଭାବେ ଖର୍ଚ୍ଚ କରାଯାଇପାରିବ । ୨୦୨୧ ଡିସେମ୍ବର ମାସରେ ଏନେଇ ସବୁ ଜିଲ୍ଲାପାଳମାନଙ୍କୁ ବିଭାଗ ପକ୍ଷରୁ ଅବଗତ କରାଯାଇଛି । ବାଚସ୍ପତି ବିକ୍ରମ କେଶରୀ ଆରୁଖ ମଧ୍ୟ ଏନେଇ ବିଭାଗୀୟ ମନ୍ତ୍ରୀ ଶ୍ରୀ ଢୋଲକିଆଙ୍କୁ ଏ ପ୍ରସ୍ତାବ ଉପରେ ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା କରି ଗୃହକୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ପ୍ରଶ୍ନ ଉଠୁଛି, ରାଜ୍ୟରେ ଏମଏଲଏ ଲ୍ୟାଡ୍ ବୃଦ୍ଧି ପାଇଁ କାହିଁକି ବିଧାୟକମାନେ ଦାବି କରୁଛନ୍ତି । ୧୯୯୭-୯୮ ମସିହା ପୂର୍ବରୁ ଏମଏଲଏ ଲ୍ୟାଡ୍ ନଥିଲା, ସେତେବେଳେ କ'ଣ ସେହି ସମୟର ରାଜ୍ୟର ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ବିକାଶ କାର୍ଯ୍ୟ ହେଉନଥିଲା ବିଧାୟକମାନେ ସେତେବେଳେ ତ ବିନା ହାତପାଣ୍ଠିରେ ପୁଣି ଜନସାଧାରଣଙ୍କ ସେବା କରିପାରୁଥିଲେ । ପ୍ରଥମଥର ପାଇଁ ୧୯୯୭-୯୮ ମସିହାରେ ଏମଏଲଏ ଲ୍ୟାଡ୍ ୫ଲକ୍ଷ ଟଙ୍କା ଭାବେ ଲାଗୁ ହୋଇଥିଲା । ଇତିମଧ୍ୟରେ ତାହା ୧୦ଲକ୍ଷ, ୫୦ଲକ୍ଷ, ୭୫ଲକ୍ଷ ଓ ଏକ କୋଟି ହୋଇ ଏବେ ୩କୋଟି ଟଙ୍କାରେ ପହଂଚିଲାଣି । ୬୦ଗୁଣ ବୃଦ୍ଧି ସତ୍ତ୍ୱେ ଏହି ଲ୍ୟାଡ୍ ପରିମାଣକୁ ଆହୁରି ବୃଦ୍ଧି ପାଇଁ ବିଧାୟକମାନେ ଦାବି କରୁଛନ୍ତି । ଗ୍ରାମାଂଚଳରେ ବିକାଶ କାର୍ଯ୍ୟ ନିମନ୍ତେ ସରକାର ପ୍ରତିବର୍ଷ ପଂଚାୟତଗୁଡ଼ିକୁ ଆବଶ୍ୟକ ପରିମାଣର ଅର୍ଥ ଦେଉଥିବାବେଳେ ବ୍ଲକଠୁ ଆରମ୍ଭ କରି ଅନ୍ୟାନ୍ୟ ବିଭାଗ ମଧ୍ୟ ଅର୍ଥ ଖର୍ଚ୍ଚ କରୁଛନ୍ତି । ପଡ଼ୋଶୀ ପଶ୍ଚିମବଙ୍ଗରେ ବିଧାୟକ ହାତପାଣ୍ଠି ମାତ୍ର ୬୦ଲକ୍ଷ ଟଙ୍କା ହୋଇଥିବାବେଳେ ଆନ୍ଧ୍ରପ୍ରଦେଶରେ ୨କୋଟି ଟଙ୍କା ରହିଛି । ଗୁଜୁରାଟରେ ଦେଢ଼ କୋଟି, କର୍ଣ୍ଣାଟକରେ ୨କୋଟି, ଆସାମରେ ଏକ କୋଟି, ମଧ୍ୟପ୍ରଦେଶରେ ଅଢ଼େଇ କୋଟି, ତାମିଲନାଡୁରେ ୩ କୋଟି, ବିହାରରେ ୩କୋଟି ଟଙ୍କା ରହିଛି । ଅବଶ୍ୟ ମହାରାଷ୍ଟ୍ର, ତେଲେଙ୍ଗାନା, ଉତ୍ତରପ୍ରଦେଶ ଭଳି ରାଜ୍ୟରେ ଏହି ପରିମାଣ ୫କୋଟି ଟଙ୍କା ରହିଛି । ତେବେ ଓଡ଼ିଶାରେ ବିଧାୟକ ପାଣ୍ଠି ମାତ୍ର ୨ବର୍ଷ ତଳେ କୋଟିଏରୁ ୩କୋଟି ଟଙ୍କାକୁ ବୃଦ୍ଧି ପାଇଥିବାବେଳେ ବିଧାୟକମାନେ ଏହି ପରିମାଣକୁ ବୃଦ୍ଧି ପାଇଁ ପୁଣିଥରେ ଦାବି ରଖିବାକୁ ନେଇ ସାଧାରଣରେ ଭ୍ରୁକୁଂଚନ ସୃଷ୍ଟି ହୋଇଛି ।

## ପିଲାଙ୍କୁ ମିଳିଲାନି ମଧ୍ୟାହ୍ନ ଭୋଜନ ପଚାରିଲେ-ଗାଳି ଦେଉଛନ୍ତି ଦିଦି !



ଆଳି **୨୫ /୦୭ (ନି.ପ୍ର.) :** ୬ ମାସ ହେଲା ଛୋଟ ଛୋଟ ପିଲାଙ୍କୁ ମିଳୁନଥିଲା ମଧ୍ୟାହ୍ନ ଭୋଜନ। ଏ ସମ୍ପର୍କରେ ଗାଁ ଲୋକେ ପଚାରିଲେ, ଅଙ୍ଗନବାଡ଼ି ଦିଦି ଗାଳି ଦେଉଥିବା ଅଭିଯୋଗ ହୋଇଛି। ଏପରି ଅଭିଯୋଗ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ଅଞ୍ଚଳରୁ ଆସିଛି। ଆଜି ଗାଁର ମହିଳାମାନେ ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ପକାଇ ଦେଇଛନ୍ତି। ରାଜକନିକା ବ୍ଲକ କାଳୀସିପଡାରେ ରହିଛି ଗୋଟିଏ ଅଙ୍ଗନବାଡି କେନ୍ଦ୍ର। ପିମ୍ପୁଡି ଗାଁର ୧୧ ନମ୍ବର ୱାର୍ଡ ଓ କାଳୀସୀପଡ଼ା ଗ୍ରାମର ୧୨ ନମ୍ବର ୱାର୍ଡର ପିଲାମାନେ ଏହି ଅଙ୍ଗନବାଡ଼ି କେନ୍ଦ୍ରରେ ପାଠ ପଢ଼ିବା ପାଇଁ ଆସୁଥିଲେ। ହେଲେ ଦୁଃଖର ବିଷୟ ଏହି କେନ୍ଦ୍ରକୁ ଆସୁଥିବା ପିଲାଙ୍କୁ ଗତ ୬ ମାସ ହେଲା ମଧ୍ୟାହ୍ନ ଭୋଜନ ମିଳୁନି। ଗର୍ଭବତୀ ଓ ପିଲାଙ୍କ ପାଇଁ ଆସୁଥିବା ଅଣ୍ଡା, ଛତୁଆ ମଧ୍ୟ ମିଳୁନାହିଁ। ଅଙ୍ଗନବାଡ଼ି କେନ୍ଦ୍ରରେ ପଢୁଥିବା ପିଲାଙ୍କୁ କ'ଣ ପାଇଁ ମଧ୍ୟାହ୍ନ ଭୋଜନ ଦିଆଯାଉ ନାହିଁ। ଏ ସମ୍ପର୍କରେ ଗାଁ ଲୋକେ ପଚାରିଲେ ଅଙ୍ଗନବାଡି ଦିଦି ରାଗି ଯାଉଥିଲେ। ଗାଳି ଗୁଲଜ କରୁଥିବା ଅଭିଯୋଗ ହୋଇଛି। ଏନେଇ ଗାଁ ଲୋକେ ଅଙ୍ଗନବାଡ଼ି ସୁପରଭାଇଜରଙ୍କ ପାଖରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ସୁପରଭାଇଜର ଗାଁକୁ ବୁଝାସୁଝା କରିଥିଲେ। ମାତ୍ର ସମାଧାନର ରାସ୍ତା ବାହାରି ପାରିନଥିଲା। ଅଙ୍ଗନବାଡ଼ି ସୁପରଭାଇଜରଙ୍କଠାରୁ ନିରାଶ ହୋଇ ଗାଁ ଲୋକେ ରାଜକନିକା ସିଡିପିଓ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ପାଖରେ ଅଭିଯୋଗ କରିଥିଲେ। ମାତ୍ର କୌଣସି ସୁଫଳ ମିଳିଲା ନାହିଁ। ସବୁଆଡୁ ନିରାଶ ହେବା ପରେ ଗାଁର ମହିଳାମାନେ ଆଜି ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ପକାଇ ଥିଲେ।

## ରାସ୍ତାରେ ଭାରିଯାନ ଖରାପ, ଯାତାୟତ ଅସୁବିଧା

ବଲାଙ୍ଗିର, **୨୫/୭(ନି.ପ୍ର):** ବିଶାଖାପାଟଣାରୁ ଝାରସୁଗୁଡ଼ା ଯାଉଥିବା ଏକ ୧୮ଚକିଆ ଟ୍ରେଲର ଗାଡି ବଲାଙ୍ଗିର ସହରସ୍ଥିତ ପାଟଣେଶ୍ୱରୀ ମନ୍ଦିର ଛକ ଠାରେ ଖରାପ ହୋଇଯାଇଥିବା ଯୋଗୁଁ ରାସ୍ତାରେ ଅଟକି ରହିଥିଲା। ଫଳରେ ବଲାଙ୍ଗିର - ସୋନପୁର ରାସ୍ତାରେ ଯାତାୟତ ଠପ୍ ହୋଇଯାଇଥିଲା। ଗତକାଲି ରାତି ପ୍ରାୟ ୨ଟା ସମୟରେ ଏହି ଭାରିଯାନ ଟି ଏପରି ବ୍ରେକ୍ ଡାଉନ୍ ହୋଇ ପଡିଥିବା ଯୋଗୁଁ ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ଅଟକି ରହିଥିଲା। ସକାଳେ ଖବର ପାଇ ଅଗ୍ନିଶମ ଓ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଏହି ଗାଡିକୁ ରାସ୍ତା ମଝିରୁ ହଟାଯିବା ପରେ ସମ୍ପୃକ୍ତ ରୁଟ ରେ ଗମନାଗମନ ସ୍ୱାଭାବିକ ହୋଇଥିଲା।

## ମୋ ପେଟରେ ବଢୁଥିବା ପିଲାର ପରିଚୟ ଦରକାର, ମୋତେ ଜିତୁ ଦରକାର...





ସୋନପୁର **୨୫ /୦୭ (ନି.ପ୍ର.) :** ମୋ' ପେଟରେ ବଢୁଥିବା ପିଲାର ପରିଚୟ ଦରକାର। ମୋତେ ନ୍ୟାୟ ଦରକାର। ମୋତେ ଜିତୁ ଦରକାର...। ପ୍ରେମିକଠାରୁ ଧୋକା ଖାଇବା ପରେ ପ୍ରେମିକା ଆଜି ଏପରି ଗୁହାରି କରିଛନ୍ତି। ଆଉ ଆତ୍ମାହୁତି ଦେବା ପାଇଁ କିରାସିନି ଧରି ଥାନାରେ ପହଞ୍ଚିଥିଲେ ପ୍ରେମିକା। ମାତ୍ର ସୋନପୁର ସଦର ଥାନା ପୁଲିସ ତାଙ୍କଠାରୁ କିରାସିନି ଛଡ଼ାଇ ନେଇଥିଲା। ପୀଡ଼ିତାଙ୍କୁ ତାଙ୍କ ଘରେ ଛାଡ଼ିଥିବା ଜଣାପଡ଼ିଛି। ବୀରମହାରାଜପୁର ଥାନା କୁମରକେଲି ଗାଁର ଜିତୁ ଖୁରା। ସୋଶାଲ୍ ମିଡିଆ ଫେସ୍‌ବୁକ୍‌ରେ ତାଙ୍କ ସହ ରୁବୀ(ଛଦ୍ମନାମ)ଙ୍କର ବନ୍ଧୁତା ଗଢ଼ି ଉଠିଥିଲା। ପରେ ବନ୍ଧୁତାର ସମ୍ପର୍କ ଧୀରେ ଧୀରେ ନିବିଡ ହୋଇଥିଲା। ଉଭୟର ପରସ୍ପରର ନିକଟତର ହୋଇଥିଲେ। ବନ୍ଧୁତାର ସମ୍ପର୍କ ପ୍ରେମର ରୂପ ନେଇଥିଲା। ପରିବାର ଲୋକଙ୍କ ଅଜାଣତରେ ଉଭୟ ବୌଦ୍ଧ ଜିଲ୍ଲାରେ ଏକ ମନ୍ଦିରରେ ବିବାହ କରିଥିଲେ। ବିବାହ ସରିବା ପରେ ଉଭୟ ଭୁବନେଶ୍ୱର ପଳାଇ ଯାଇଥିଲେ। ଜିତୁ ଓ ରୁବୀ ଭୁବନେଶ୍ୱରରେ କଞ୍ଚନାରେ ରହୁଥିଲେ। ଉଭୟ ପତି-ପତ୍ନୀଙ୍କ ପରି ଗୋଟାଏ ରୁମ୍‌ରେ ରହୁଥିଲେ। କାମଦାମ କରି ଚଳୁଥିଲେ। ଏହାରି ଭିତରେ ରୁବୀ ୪ ମାସର ଗର୍ଭବତୀ ହୋଇଯାଇଥିଲେ। ଏକଥା ଜାଣିବା ପରେ ଜିତୁ ବାହାନା କରି ମାଆଙ୍କ ଦେହ ଖରାପ ଅଛି ବୋଲି କହି ଗାଁକୁ ଚାଲି ଯାଇଥିଲେ। ପରିବାର ଲୋକଙ୍କ ସହିତ ଆଲୋଚନା କରି ଭୁବନେଶ୍ୱରରେ ରହୁଥିବା ପତ୍ନୀ ରୁବୀଙ୍କୁ ଘରକୁ ନେଇଯାଇଥିଲେ ଜିତୁ। ରୁବୀ ଶାଶୁଘରକୁ ଗଲେ। ଶାଶୁ ଘରେ ଦୁଇ ମାସ ରହିବା ଭିତରେ ବିଭିନ୍ନ ବାହାନା କରି ରବୀଙ୍କୁ ମେଡ଼ିସିନ୍ ଖାଇବାକୁ ଦେଇଥିଲେ। ଶାଶୁ ଘର ଲୋକଙ୍କ କଥାରେ ପଡ଼ି ରୁବୀ ମେଡିସିନ୍ ଖାଇଥିଲେ। ଯାହାଫଳରେ ତାଙ୍କ ଗର୍ଭ ନଷ୍ଟ ହୋଇଯାଇଥିଲା ବୋଲି ରୁବୀ ଅଭିଯୋଗ କରିଛନ୍ତି। ଏହା ପରେ ରୁବୀଙ୍କୁ ରେଳ ଷ୍ଟେସନରେ ଛାଡି ଫେରାର ହୋଇଯାଇଥିଲେ ଜିତୁ। ରୁବୀ ଶାଶୁ ଘରକୁ ଆସିଥିଲେ। ମାତ୍ର ପରିବାର ଲୋକେ ଘରେ ପଶିବାକୁ ଅନୁମତି ଦେଇନଥିଲେ। ଏହାପରେ ରୁବୀ ଥାନାରେ ଦ୍ୱାରସ୍ଥ ହୋଇଥିଲେ। ଥାନାବାବୁ ରୁବୀଙ୍କ ଗୁହାରୀ ଶୁଣିବା ପରେ ଉଭୟଙ୍କୁ ଥାନାକୁ ଡାକିଥିଲେ। ବୁଝାମଣା ପରେ ରୁବୀ, ସ୍ୱାମୀଙ୍କ ସହିତ ଶାଶୁଘରକୁ ଫେରିଥିଲେ। ପୂର୍ବ ପରି ଉଭୟ ସ୍ୱାମୀ ଓ ସ୍ତ୍ରୀ ଭଳି ରହୁଥିଲେ। ଯାହାଫଳରେ ରବୀ ପୁଣି ଥରେ ଦୁଇ ମାସର ଗର୍ଭବତୀ ହୋଇଯାଇଥିଲେ। ଏକଥା ଜାଣିବା ପରେ ପୁଣି ଥରେ ରୁବୀଙ୍କୁ ଛାଡ଼ି ପଳାଇ ଯାଇଥିଲେ ଜିତୁ। ଏବେ ରୁବୀ ନା ଶାଶୁଘରକୁ ଯାଇପାରୁଛନ୍ତି ନା ବାପ ଘରକୁ ଯାଇପାରୁଛନ୍ତି। କେହି ତାଙ୍କୁ ଗ୍ରହଣ କରୁନାହାନ୍ତି। ଏବେ ସେ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି। ରୁବୀ ଏନେଇ ବୀରମହାରାଜପୁର ଥାନାରେ ଅଭିଯୋଗ କରିଥିଲେ। ମାତ୍ର ତାଙ୍କୁ ସେଠାରୁ ନିରାଶ ହେବାକୁ ପଡ଼ିଥିଲା। ପରେ ସେ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ। ସେଠାରୁ ମଧ୍ୟ ତାଙ୍କୁ ନ୍ୟାୟ ମିଳିନଥିଲା। ସବୁଆଡୁ ନିରାଶ ହେବା ପରେ ରୁବୀ ଆଜି କିରାସିନି ଧରି ସୋନପୁର ସଦର ଥାନାରେ ପହଞ୍ଚିଥିଲେ। ଆତ୍ମାହୁତି ଦେବା ପାଇଁ ଧମକ ଦେଇଥିଲେ। ଏକଥା ଜାଣିବା ପରେ ପୁଲିସ ତାଙ୍କ ହାତରୁ କିରାସିନି ବୋତଲ ଛଡ଼ାଇ ନେଇଥିଲା। ପୁଲିସ ତାଙ୍କୁ ତାଙ୍କ ବାପ ଘରକୁ ପଠାଇ ଦେଇଥିବା ଜଣାପଡ଼ିଛି। ପୀଡ଼ିତାଙ୍କ କହିଛନ୍ତି, "ଏବେ ମୋତେ ମୋ ସ୍ୱାମୀ ଦରକାର। ମୋତେ ଜିତୁ ଖରା ଦରକାର। ମୋତେ ନ୍ୟାୟ ଦରକାର। ଯଦି ତା'ର ଇଚ୍ଛା ନଥିଲା, ତାହାହେଲେ ସେ ମୋତେ ନେଉଥିଲା କାହିଁକି ଏବେ ମୁଁ ଦୁଇ ମାସର ଗର୍ଭବତୀ ଅଛି। ମୁଁ କଣ କରିବି ମୁଁ ଏବେ ଯିବି କୁଆଡେ ମୋତେ ନ୍ୟାୟ ଦରକାର। ମୋତେ ମୋ ସ୍ୱାମୀଙ୍କୁ ଫେରାଇ ଦିଅ। ମୋ ପିଲାକୁ ତା' ପରିଚୟ ଦରକାର।"

## ବିଦ୍ୟାଳୟକୁ ରୂପାନ୍ତରିଣ ପାଇଁ ତତ୍ପର ରଘୁନାଥପୁର ବିଡିଓ



ଜଗତସିଂହପୁର **୨୫/୭(ନି.ପ୍ର):** ଜଗତସିଂପୁର ଜିଲ୍ଲାର ରଘୁନାଥପୁର ବ୍ଲକ ଅଧିନରେ ଥିବା ୭ଗୋଟି ଉଚ୍ଚ ବିଦ୍ୟାଳୟକୁ ରୂପାନ୍ତରିକଣ ପାଇଁ ତୃତୀୟ ପର୍ଯ୍ୟାୟରେ ଅନତର୍ଭୁକ୍ତ କରାଯାଇଛି । ଜଗତସିଂପୁର ଜିଲ୍ଲାପାଳ ପାରୁଲ ପଟ୍ଟୁୟାରୀ ଏହି ରୂପାନ୍ତିରୀ କାର୍ଯ୍ୟ କିଭଳି ଦୃତଗତିରେ ଉଚ୍ଚମାନର କାର୍ଯ୍ୟ କରାଯିବ ତାହା ପ୍ରତ୍ୟେକ ବ୍ଲକକୁ କଡା ନିର୍ଦ୍ଦେଶ ନାମା ଜାରି କରିଥିଲେ । ଏହି ପରିପ୍ରେକ୍ଷିରେ ରଘୁନାଥପୁର ବିଡିଓ ଜିତେନ୍ଦ୍ର କୁମାର ନାୟକ, ସହକାରୀ ବ୍ଲକ ଶିକ୍ଷାଧିକାରୀ ସବିତା ଦାସ, ଟିସି ରାଜଲକ୍ଷ୍ମୀ ସ୍ୱାଇଁଙ୍କ ସହ ପ୍ରତ୍ୟେକ ଅନୁଦାନ ପ୍ରାପ୍ତ ତଥା ୫ଟିରେ ଅନ୍ତର୍ଭୁକ୍ତ ହୋଇଥିବା ଉଚ୍ଚ ବିଦ୍ୟାଳୟ ଗୁଡିକୁ ଯାଇ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଏକ ଜରୁରୀ ବୈଠକ କରି ଦେଇଆସିଛନ୍ତି । ତେବେ ବିଡିଓଙ୍କ ଗ୍ରସ୍ତ ସମୟରେ ଜୟଶୋଳ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଉର୍ମିଳା ବେଉରା, ସରପଞ୍ଚ ମମତା ଦାସ ଉପସ୍ଥିତ ରହି ରୂପାନ୍ତରଣୀ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ସେହିପରି ପୁରଣ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ସରପଞ୍ଚ ଶିବରାମ ସାହୁ, ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜନା ନାୟକ, ହରିକୃଷ୍ଣ ବିଦ୍ୟାପୀଠ ବର୍ତ୍ତୀ, ଗୋକଳପୁର ସାରଦା ଉଚ୍ଚ ବିଦ୍ୟାଳୟରେ ସରପଞ୍ଚ ଶୁଷମା ମଲ୍ଲିକ, ପ୍ରଧାନଶିକ୍ଷକ ବିଶ୍ୱଜିତ ଓଝା, ଏସଏମସି ସଭାପତି ରାଜେନ୍ଦ୍ର ନାରାୟଣ ସିଂ, ଚିକିଣିଆ ଏଚକେ ଉଚ୍ଚ ବିଦ୍ୟାଳୟ, ଜୟପ୍ରକାଶ ଉଚ୍ଚ ବିଦ୍ୟାଳୟ ତଅଁରା ଓ ଛପଡା ଗନାଇଲ ଉଚ୍ଚ ବିଦ୍ୟାଳ ମାନଙ୍କରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ମାନଙ୍କୁ ନେଇ ଜରୁରୀ ବୈଠକ କରିଥିଲେ । ନବିକରଣ କାର୍ଯ୍ୟ କିଭଳି ଭାବେ ସୂଚାରୂପେ ହୋଇପାରିବ ବିଷଦ ଆଲୋଚନା କରିଥିଲେ ।

## ରଥ ଭଙ୍ଗା କାର୍ଯ୍ୟ ଆରମ୍ଭ

ପୁରୀ, **୨୫ /୦୭ (ନି.ପ୍ର.) :** ରଥ ଯାତ୍ରାର ଶେଷ ପରେ ଏବେ ଆରମ୍ଭ ହୋଇଛି ରଥ ଭଙ୍ଗା କାର୍ଯ୍ୟ। ଶ୍ରୀମନ୍ଦିର ପ୍ରଶାସନର ନିର୍ଦ୍ଦେଶ କ୍ରମେ ଆଜି ଠାରୁ ସିଂହଦ୍ୱାରରେ ଦଣ୍ଡାୟମାନ ତିନି ରଥ ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଛି । ବିଶ୍ୱକର୍ମା ମହାରଣାଙ୍କ ତତ୍ୱାବଧାନରେ ଭୋଇ ସେବକମାନେ ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଭାଙ୍ଗିବା କାର୍ଯ୍ୟ ଆରମ୍ଭ କରିଛନ୍ତି। ପର୍ଯ୍ୟାୟ କ୍ରମେ ତାଳଧ୍ୱଜ ଓ ନନ୍ଦିଘୋଷ ରଥ ଭଙ୍ଗାଯିବ । ଏଠାରେ ଉଲ୍ଲେଖଯୋଗ୍ୟ, ରଥଯାତ୍ରା ଜୁଲାଇ ୧ରେ ଆରମ୍ଭ ହୋଇ ଜୁଲାଇ ୯ ତାରିଖରେ ବାହାଡ଼ା ଯାତ୍ରା, ୧୦ ତାରିଖ ସୁନାବେଶ, ୧୧ ତାରିଖ ଅଧରପଣା ଏବଂ ୧୨ ତାରିଖ ନିଳାଦ୍ରୀ ବିଜେ ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ ଭକ୍ତଯୁକ୍ତ ରଥଯାତ୍ରା ପାଇଁ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ରଥଯାତ୍ରା ପରେ ରଥଗୁଡିକ ସିଂହଦ୍ୱାର ସମ୍ମୁଖରେ ରହିଥିଲା । ପରେ ରଥର କନକମୁଣ୍ଡି, ଓଲଟ ଶୁଆ ଓ ରଥକନା ଖୋଲା ଯାଇଥିଲା । ଆଜି ସକାଳ ଠାରୁ ରଥଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଛି ।

# ଚାଷୀଙ୍କ ଗାଁ ଖଟଖୁରା; ୯୦ ପ୍ରତିଶତ ଲୋକ କରୁଛନ୍ତି ଚାଷ

କାମାକ୍ଷାନଗର,**୨୫/୭(ନି.ପ୍ର):** ଚାଷୀଙ୍କ ଗାଁ ଖଟଖୁରା ! ଗାଁର ପ୍ରାୟ ୯୦% ଲୋକ ଚାଷ କରି ପରିବାର ଭରଣ ପୋଷଣ କରୁଛନ୍ତି। ସରକାରଙ୍କ ବନା ସହାୟତାରେ ଚାଷୀମାନେ ସ୍ୱାବଲମ୍ବି ହୋଇଛନ୍ତି। କେବଳ ସ୍ୱବଲମ୍ବି ହୋଇନାହାନ୍ତି, ପୂରା ଢେଙ୍କାନାଳ ଜିଲ୍ଲାକୁ ପନିପରିବା ଯୋଗାଉଛନ୍ତି। କାମାକ୍ଷାନଗର ବ୍ଲକ୍‌ର ଖଟଖୁରା ଗାଁ। ଏହି ଗାଁର ଗୋଟିଏ ପାର୍ଶ୍ୱରେ ଛିଡ଼ା ହୋଇଛି ଘଞ୍ଚ ଗ୍ରାମ୍ୟ ଜଙ୍ଗଲ। ଅନ୍ୟ ପାର୍ଶ୍ୱରେ ବୋହି ଯାଇଛି ରେଙ୍ଗାଳି ବାମ ପାର୍ଶ୍ୱ କେନାଲ୍। ବଣ ପାହାଡ଼ ଘେରା ଏହି ଗାଁର ଲୋକ ସଂଖ୍ୟା ୫୦୦୦ ହଜାରରୁ ଅଧିକ ହେବ। ସମସ୍ତେ ପ୍ରାୟତଃ ଶିକ୍ଷିତ। ଚାକିରି ପଛରେ ନଗୋଡ଼ାଇ ଗାଁର ୯୦ ପ୍ରତିଶତ ଲୋକ ଚାଷ କରି ସ୍ୱାବଲମ୍ବି ହୋଇଛନ୍ତି। ସେମାନେ ଉନ୍ନତ ମାନର ଚାଷ କରି ପରିବାର ଭରଣ ପୋଷଣ କରୁଛନ୍ତି। ରବି ଋତୁରେ ରବି ଫସଲ ଓ ଖରିଫ୍ ଋତୁରେ ଖରିଫ୍ ଫସଲ ଚାଷ କରୁଛନ୍ତି। ସରକାରଙ୍କ ବିନା ସହଯୋଗରେ ଚାଷୀମାନେ ବେଶ୍ ସ୍ୱାବଲମ୍ବି ହୋଇପାରିଛନ୍ତି। ଖଟଖୁରା ଗାଁର ଚାଷୀମାନେ କେବଳ ଧାନ ଚାଷ କରୁନାହାନ୍ତି। ସେମାନେ ଝୁଡଙ୍ଗ, ଭେଣ୍ଡି, ବାଇଗଣ,ଜହ୍ନି, କଖାରୁ, ପୋଟଳ, କଲରା, ସଜନା, ଅମୃତଭଣ୍ଡା, କାଙ୍କଡ଼ ଆଦି ପନିପରିବା ଚାଷ କରୁଛନ୍ତି। ଏହି ଗାଁରୁ ଉତ୍ପାଦିତ ହେଉଥିବା ପନିପରିବା ଢେଙ୍କାନାଳ ଜିଲ୍ଲାର କୋଣ ଅନୁକୋଣକୁ ଯାଉଛି। ଏପରିକି ଜିଲ୍ଲା ବାହାରକୁ ମଧ୍ୟ ଯାଉଛି। ଚାଷୀମାନେ ବେଶ୍ ଲାଭବାନ ହେଉଛନ୍ତି। ତଥାପି ପ୍ରକୃତି ବେଳେ ବେଳେ ଚାଷୀଙ୍କ ଭାଗ୍ୟ ସହିତ ଖେଳୁଛି ଖେଳ। ଅଦିନିଆ ବର୍ଷା ଓ ବାତ୍ୟାରେ ହେଉଥିବା କ୍ଷତି ଭରଣା ହେଉନି। ସରକାରଙ୍କ ତରଫରୁ କ୍ଷତିପୂରଣ ମିଳୁନଥିବା ଚାଷୀମାନେ କ୍ଷୋଭର ସହ କହିଛନ୍ତି। ଖଟଖୁରା ଗାଁ ପାଖରେ ରହିଛି ଗ୍ରାମ୍ୟ ଜଙ୍ଗଲ। ଏହି ଜଲଙ୍ଗରେ ବା?ହା ଓ ଅନ୍ୟାନ୍ୟ ବଣ୍ୟଯନ୍ତୁ ବସବାସ କରୁଛନ୍ତି। ସେମାନେ ଅନେକ ସମୟରେ ଖାଦ୍ୟ ଅନ୍ୱେଷଣରେ ଚାଷ ଜମିକୁ ପଳାଇ ଆସୁଛନ୍ତି। ପନିପରିବା ଖାଇବା ସହିତ ନଷ୍ଟ କରୁଛନ୍ତି। ଯାହାକୁ ନେଇ ଚାଷୀମାନେ ଚିନ୍ତା ପ୍ରକଟ କରିଛନ୍ତି। ଏଥିରୁ ବର୍ତ୍ତିବା ପାଇଁ ଚାଷୀମାନେ ଅନେକ ସମୟରେ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ହେଲେ ଗାଁ ଲୋକଙ୍କ ଗୁହାରୀ ଅଧିକାରୀମାନେ ଶୁଣୁନଥିବା ଅଭିଯୋଗ ହୋଇଛି। ଗାଁର ଚାଷୀ ପ୍ରତାପ କୁମାର ସାହୁ କହିଛନ୍ତି, "ଗାଁର ପ୍ରାୟତଃ ସମସ୍ତେ ଚାଷ ଉପରେ ନିର୍ଭର କରିଥାଆନ୍ତି। ଏଠି କେହି ଚାକିରିଆ ନାହାନ୍ତି। ଆମକୁ ସରକାରୀ ସହାୟତା ମିଳୁନାହିଁ। ଚାଷ ପାଇଁ ଆମକୁ ସବ୍?ସିଡି ମିଳୁନାହିଁ।" ବାଲିଗୋରଡ଼ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ନରେଶ ସାହୁ କହିଛନ୍ତି, "ଆମ ଗାଁର ୯୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରି ପରିବାର ଭରଣ ପୋଷଣ କରୁଛନ୍ତି। ଯଦି ସରକାରୀ କୃଷି ଅଧିକାରୀମାନେ ଗାଁକୁ ଆସି ଲୋକଙ୍କୁ ଉନ୍ନତ ମାନର ଚାଷ କରିବା ପାଇଁ ପରାମର୍ଶ ଦିଅନ୍ତେ, ତାହାହେଲେ ସେମାନଙ୍କ ଆର୍ଥିକ ମେରୁଦଣ୍ଡ ସୁଦୃଢ଼ ହୁଅନ୍ତା।"



Printed, Published & Owned by Ramdas Lima, Published from Neheru Nagar 2nd Lane, Po/Dist.Rayagada(Odisha)765001, Printed at-Aditya Graphics, Hotel Kapilash Lane, New Colony, Po/Dist.Rayagada(Odisha). Mob:09438610559, Email: prajabartanews@gmail.com
Editor : Ramdas Lima, All legal matters subject to Rayagada Jurisdiction only ସମ୍ପାଦକ: ରାମଦାସ ଲିମା